

ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-318 ◆SUNDAY ◆17 MAY 2026 ◆PAGE-12+4 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୩୧୮ ◆ରବିବାର ◆୧୭ ମେ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦



Laxmi Vikash Group Of Institutions
Bargarh | Bhawanipatna | Jeypore | Kantabanji
Where curiosity grows and dreams take shape

Visit Our Website: www.laxmivikash.com
EDUCATION WORLD RANKING 2025-26
CATEGORY CO- ED DAY-CUM-BOARDING SCHOOL
NO. 14 IN INDIA
NO. 2 IN ODISHA

The management & Staff extend Heartiest Congratulations To the Achievers
A legacy of excellence—where every result sets a new standard.

VIKASH RESIDENTIAL SCHOOL, BHAWANIPATNA

RESULT OF AISSE (X) 2025-26

98.6 % AABIRBHAV PUROHIT
96.8 % SUHANA SAHOO
96.8 % ALISHA PUROHIT
96.4 % DISA GUPTA
96 % TANMAYA NAIK
95.8 % SHREEYAN DUTTA
95.4 % GUNJAN KUMAR MAHANANDA
95.4 % ISHIKA PANDA
95 % ARADHYA MAJHI
94.2 % ABHYUDIT SAHU
94.2 % JHANKESWAR PADHAN
93.8 % ASHUTOSH SAHU
93.8 % ANWESHA MUND
93.6 % NISHI PATTNAYAK
93 % PRAPTI BHOI
93 % ADYASHA TRIPATHY
92.8 % SHOVIT KUMAR MAJHI
92.6 % SWASTIK PRUSTY
92.4 % ISHAN SIBANANDA PARASAR
92.4 % PRAYASH SAHOO
92.2 % SWASTIK AGRAWAL
92.2 % ANJOLINA MEHER
92.2 % SUVANI SRUJANIKA NAYAK
91.6 % SUBHAM SWARUP SAHU
91.6 % PAPU SAHU
91.4 % AMIT KUMAR SAHU
91.4 % ABHINEET MAHAPATRA
91.2 % TANISHA SETH
91.2 % DIBYA RANJAN GOUDA
91 % RUDRANSH KUMAR SAHU
90.6 % KULDEEP MEHER
90.2 % JITENDRA KUMAR CHHATRIA
90.2 % PRITIKA JAIN

RESULT- 100%

RESULT ANALYSIS

| >95% | >90% | >85% | >80% | >70% | >60% |
|---|---|---|---|---|---|
| 9 | 33 | 41 | 55 | 112 | 162 |

RESULT OF AISSCE (XII) 2025-26

SCIENCE

DISTRICT TOPPER (KALAHANDI)
95.6 % SILLA NAYAN
92.6% BALRAM ROUT
91.4% K SAHIL NAIDU
90% SWAGAT MEHER
90% SUPRIYA RANJAN SAHU
90% SANJANA BHOI

COMMERCE

DISTRICT TOPPER (KALAHANDI)
97 % MAYANK AGRAWAL
93.6% NIRUPAMA MEHER
93 % ASHUTOSH DHAL
91 % ARCHITA BHATI

RESULT- 100%

RESULT ANALYSIS

| >95% | >90% | >85% | >80% | >70% | >60% |
|---|---|---|---|---|---|
| 2 | 10 | 24 | 51 | 102 | 128 |

JEE MAINS (SESSION 1&2) RESULT 2026
QUALIFIED IN JEE MAINS 2026
2ND PROLIFERATIVE JEE BATCH OF LAXMI VIKASH

AIR-6368*
*-Category Rank
MOHIT WADAKA

95 %ile BALARAM ROUT
93.48 %ile TAWFEEQ BARIK
SILLA NAYAN KUMAR
SWAGAT MEHER
NABJIT NANDA

Strengthening 3H for holistic growth of your child
Head to think Heart to Care Hand to Create
Think | Care | Create

ADMISSIONS OPEN 2026-27
From nursery to Class-IX & XI (Science/Commerce/Humanities)

KEY FEATURES:
- Integrated JEE/NEET/CUET Coaching For XI & XII Science
- Integrated Techno syllabus from Std VI onwards
- Smart Class Rooms
- Globally Oriented Curriculum
- Scholarship for meritorious students
- Ample and Green Playground
- 24/7 CC TV Surveillance
- A/C & Non A/C Hostel Facility
- Transport facility with GPS System

BHAWANIPATNA CONTACT: 70779 33733, 93486 96536

LAXMI VIKASH TECHNO SCHOOL KANTABANJI : CONTACT: 95567 73277, 99372 52999
LAXMI VIKASH GLOBAL SCHOOL JEYPORE: CONTACT: 90402 60371, 90402 60372




Laxmi Vikash group of Institutions Bhawanipatna Campus: Vikash Wisdom Park, Opposite Govt. Engg. College, Bandhopala, Junagarh Road, Kalahandi Pin-766003.

# ଟ୍ରମ୍ପଙ୍କ ଟିମ୍ ଡଷ୍ଟବିନ୍‌ରେ ଫିଙ୍ଗିଲେ ସମସ୍ତ ଚୀନ୍ ସାମଗ୍ରୀ




ୱାସିଂଟନ/ବେଜିଂ, ୧୬।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚୀନ ଗସ୍ତ ଶେଷ ହୋଇଛି। ଶୁକ୍ରବାର ବେଜିଂରୁ ଆମେରିକା ଫେରିବା ପାଇଁ 'ଏୟାର ଫୋର୍ସ ୱାନ' ବିମାନରେ ବସିବା ପୂର୍ବରୁ, ଟ୍ରମ୍ପଙ୍କ ପ୍ରତିନିଧି ଦଳ ଚୀନ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ସାମଗ୍ରୀକୁ ରନୱେରେ ଥିବା ଏକ ଡଷ୍ଟବିନରେ ଫିଙ୍ଗି ଦେଇଥିବା ଜଣାପଡ଼ିଛି। ଚୀନ ପକ୍ଷରୁ ହେବାକୁ ଥିବା ସାଇବର ଜାସୁସୀ (ସାଇବର ଏସ୍ପିଓନେଜ) ଏବଂ ସୁରକ୍ଷା ବିପଦକୁ ଏଡ଼ାଇବା ପାଇଁ ଆମେରିକା ସେନା ଓ ଗୁପ୍ତଚର ସଂସ୍ଥା ପକ୍ଷରୁ ଏଭଳି ଅତି କଡ଼ା ନିୟମ ଆପଣାଯାଇଥିଲା। ହ୍ୱାଇଟ୍ ହାଉସର ସାମ୍ବାଦିକା ଏମିଲି ଗୁଡିନ୍ ସୋସିଆଲ ମିଡିଆ ଏକ୍ସ'ରେ ଏହି ସୂଚନା ଦେଇଛନ୍ତି, ଯାହାକୁ ପରେ ଅନ୍ୟ ଆମେରିକୀୟ ଗଣମାଧ୍ୟମ ମଧ୍ୟ ସ୍ପଷ୍ଟ କରିଛନ୍ତି। ବିମାନର ସିଡ଼ି ତଳେ ଥିବା ଡଷ୍ଟବିନରେ ଫିଙ୍ଗାଯାଇଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ଥିଲା-ଚୀନ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସରକାରୀ ପ୍ରତିନିଧି ପିନ୍, ଗସ୍ତ ସମୟରେ ବ୍ୟବହାର ପାଇଁ ଦିଆଯାଇଥିବା ଅସ୍ଥାୟୀ ପାସ୍ ଓ ପରିଚୟ ପତ୍ର, ହ୍ୱାଇଟ୍ ହାଉସ୍ କର୍ମଚାରୀ ଓ ସାମ୍ବାଦିକମାନଙ୍କୁ ଚୀନରେ ବ୍ୟବହାର ପାଇଁ ଦିଆଯାଇଥିବା ଅସ୍ଥାୟୀ ସ୍ମାର୍ଟଫୋନ୍ ବା 'ବର୍ନର ଫୋନ୍'। ସୁରକ୍ଷା ବିଶେଷଜ୍ଞଙ୍କ ଅନୁଯାୟୀ, ଚୀନ ଏକ 'ମାସ୍ ସର୍ଭେଲାନ୍ସ ଷ୍ଟେଟ୍' (ବ୍ୟାପକ ଜାସୁସୀ କରୁଥିବା ଦେଶ) ହୋଇଥିବାରୁ ଆମେରିକା ନିଜର ବରିଷ୍ଠ ଅଧିକାରୀ ଓ ପରାମର୍ଶଦାତାମାନଙ୍କୁ ଚୀନ ଗସ୍ତ ସମୟରେ ନିଜର ବ୍ୟକ୍ତିଗତ ମୋବାଇଲ୍ ବା ଲାପଟପ୍ ବ୍ୟବହାର କରିବାକୁ ସମ୍ପୂର୍ଣ୍ଣ ମନା କରିଥିଲା। ସେମାନଙ୍କୁ କେବଳ ସରକାରୀ ସୁରକ୍ଷିତ ନେଟୱର୍କ ଏବଂ କମ୍ ଫିଚର ଥିବା 'କ୍ଲିନ୍ ଡିଭାଇସ୍' ବ୍ୟବହାର କରିବାକୁ ଦିଆଯାଇଥିଲା।

## ଚୀନ୍‌ର ଗୁଇନ୍ଦାଗିରିକୁ ଭୟ!

ଗୁପ୍ତ ତଥ୍ୟ ଚୋରି ଓ ହ୍ୟାକିଂ ଭୟରେ କର୍ମଚାରୀମାନେ ବାଣିଜ୍ୟିକ ମେସେଜିଂ ଆପ୍ ବ୍ୟବହାର ନକରି କାଗଜପତ୍ର ଏବଂ ସାମ୍ନାସାମ୍ନି ଆଲୋଚନା ଉପରେ ଅଧିକ ନିର୍ଭର କରିଥିଲେ। ବିମାନ ଭିତରକୁ ଚୀନର କୌଣସି ଉପହାର କିମ୍ବା ଇଲେକ୍ଟ୍ରୋନିକ ଚିପ୍ ଥିବା ସାମଗ୍ରୀ ପ୍ରବେଶ କଲେ, ତାହା ବିମାନର ସୁରକ୍ଷିତ ଯୋଗାଯୋଗ ପ୍ରଣାଳୀକୁ ହ୍ୟାକ୍ କରିପାରେ ବୋଲି ଆଶଙ୍କା ଥିଲା।

## ମାଳଦ୍ୱୀପରେ ଇଟାଲୀର ୫ ସମୁଦ୍ର ବୁଡ଼ାଳୀଙ୍କ ମୃତ୍ୟୁ

ମାଲେ, ୧୬।୫(ଏଜେନ୍ସି): ମାଳଦ୍ୱୀପର ଭାଭୁ ଏଟଲ' ସମୁଦ୍ର ଗର୍ଭରେ ଥିବା ଏକ ଗଭୀର ଗୁମ୍ଫା ଆବିଷ୍କାର କରିବାକୁ ଯାଇ ଇଟାଲୀର ୫ ଜଣ ଅଭିଜ୍ଞ ସମୁଦ୍ର ବୁଡ଼ାଳୀ ପ୍ରାଣ ହରାଇଛନ୍ତି। ମାଳଦ୍ୱୀପ ଇତିହାସରେ ଏହାକୁ ସବୁଠାରୁ ବଡ଼ ଡାଇଭିଂ ଦୁର୍ଘଟଣା କୁହାଯାଉଛି। ସମୁଦ୍ରର ପ୍ରାୟ ୫୦ ମିଟର ଗଭୀରରେ ଥିବା ଗୁମ୍ଫାକୁ ଏହି ଦଳ ଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ଜଣଙ୍କର ଶବ ମିଳିଛି। ପ୍ରତିକୂଳ ପାଣିପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ମୃତକମାନେ ହେଲେ ପ୍ରସିଦ୍ଧ ସାମୁଦ୍ରିକ ଜୀବବିଜ୍ଞାନୀ ପ୍ରଫେସର ମୋନିକା ମୋଣ୍ଟେଫାଲକୋନେ, ତାଙ୍କ ସ୍ୱତନ୍ତ୍ର ଇଞ୍ଜିନିୟରିଂ ପଢୁଥିବା ଝିଅ ଜର୍ଜିଆ ସୋମାକାଲ, ଗବେଷକ ମ୍ୟୁରିଏଲ ଓଡେନିନୋ, ସ୍କୁବା ଇନଷ୍ଟ୍ରକ୍ଟର ଫେଡେରିକୋ ଗୁଆଲତିଏରୀ ଏବଂ ବୋଟ୍ ମ୍ୟାନେଜର ଜିଆନଲୁକା ବେନେଡେଟ୍ଟୀ। ଏମାନଙ୍କ ମଧ୍ୟରୁ ୪ ଜଣ ଇଟାଲୀର 'ୟୁନିଭର୍ସିଟି ଅଫ୍ ଜେନୋଭା' ସହ ଜଡ଼ିତ ଥିଲେ। ବର୍ତ୍ତମାନ ସୁଦ୍ଧା କେବଳ ଜିଆନଲୁକା ବେନେଡେଟ୍ଟୀଙ୍କ ଶବ ଗୁମ୍ଫାର ପ୍ରବେଶ ଦ୍ୱାର ନିକଟରୁ ମିଳିଛି। ବାକି ୪ ଜଣଙ୍କ ଶବ ଗୁମ୍ଫାର ଭିତର ଚାମ୍ବରରେ ଫସି ରହିଥିବା ଆଶଙ୍କା କରାଯାଉଛି। ମାଳଦ୍ୱୀପ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ସୂଚନା ମୁତାବକ, ଶନିବାର ପୁଣି ଥରେ ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ଗୁମ୍ଫା ଭିତରକୁ ଯାଇ ସର୍ଚ୍ଚ ଅପରେସନ ଆରମ୍ଭ କରିବେ।

## ବସ୍-ମାଲଗାଡ଼ି ଧକ୍କା; ୮ ମୃତ

ବ୍ୟାଙ୍କକ, ୧୬।୫(ଏଜେନ୍ସି): ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକରେ ଶନିବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଓ ରେଳ ଦୁର୍ଘଟଣା ଘଟିଛି। ସହରର କେନ୍ଦ୍ରସ୍ଥଳରେ ଥିବା ଏକ ରେଳ କ୍ରସିଂରେ ଏକ ଦ୍ରୁତଗାମୀ ମାଲଗାଡ଼ି ଏକ ଯାତ୍ରୀବାହୀ ସରକାରୀ ବସ ସହ ଧକ୍କା ହୋଇଛି। ଏହି ଭୟାବହ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଅଧିକ ଯାତ୍ରୀ ଗୁରୁତର ହୋଇଛନ୍ତି। ବ୍ୟାଙ୍କକର ଜରୁରୀକାଳୀନ ସେବା ସଂସ୍ଥା 'ଏରାୱାନ ମେଡିକାଲ ସେଣ୍ଟର' ପକ୍ଷରୁ ମୃତାହତଙ୍କ ସଂଖ୍ୟା ନିଶ୍ଚିତ କରାଯାଇଛି। ମାଲଗାଡ଼ିଟି କମଳା ରଙ୍ଗର ବସକୁ ପ୍ରବଳ ଜୋରରେ ଧକ୍କା ଦେବା ସହ ଟ୍ରାକ୍ ଉପରେ କିଛି ବାଟ ଘଷି ନେଇଥିଲା, ଯାହାଫଳରେ ବସରେ ସଙ୍ଗେ ସଙ୍ଗେ ନିଆଁ ଲାଗିଯାଇଥିଲା। ଥାଇଲ୍ୟାଣ୍ଡର ଉପ-ପରିବହନ ମନ୍ତ୍ରୀ ସିରିପୋଙ୍ଗ ଅଙ୍ଗକାସାକୁଲକିଆତ ଘଟଣାସ୍ଥଳ ପରିଦର୍ଶନ କରି କହିଛନ୍ତି ଯେ ଉଦ୍ଧାର ହୋଇଥିବା ସମସ୍ତ ୮ଟି ଶବ ବସ ଭିତରୁ ହିଁ ମିଳିଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓ ଅନୁଯାୟୀ, ଦୁର୍ଘଟଣା ସମୟରେ କ୍ରସିଂ ପାଖରେ ଠିଆ ହୋଇଥିବା ଅନ୍ୟ ଗାଡ଼ି ଏବଂ କେତେକ ମୋଟରସାଇକେଲ ଆରୋହୀ ମଧ୍ୟ ଏହି ଧକ୍କା ଯୋଗୁଁ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଦେଶର ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା ପରେ ଉଦ୍ଧାରକାରୀ ଦଳ ବସର ପୋଡ଼ିଯାଇଥିବା ଅବଶେଷ ଭିତରକୁ ପ୍ରବେଶ କରି ଆହତମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଛନ୍ତି।

## ସ୍ତ୍ରୀକୁ ହତ୍ୟା କରିବା ପରେ ପୁଲିସ ଅଧିକାରୀଙ୍କ ଆତ୍ମହତ୍ୟା ଉଦ୍ୟମ

ଶ୍ରୀନଗର, ୧୬।୫(ଏଜେନ୍ସି): ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲ୍ଲାରେ ଜଣେ ପୁଲିସ ଅଫିସର ପାରିବାରିକ କଳହ ଯୋଗୁଁ ରାଗରେ ନିଜ ସ୍ତ୍ରୀକୁ ଗୁଳି କରି ହତ୍ୟା କରିବା ପରେ ନିଜେ ମଧ୍ୟ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବର୍ତ୍ତମାନ ସେ ଗୁରୁତର ଅବସ୍ଥାରେ ଶ୍ରୀନଗରର ଏକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଜମ୍ମୁ-କାଶ୍ମୀର ପୁଲିସର ଜଣେ ପ୍ରୋବେସନାରୀ ସବ୍-ଇନ୍ସପେକ୍ଟର (ପିଏସ୍‌ଆଇ) ଦୀପ୍ ସିଂ, ଉତ୍ତର କାଶ୍ମୀରର କୁପୱାଡ଼ା ଜିଲ୍ଲା ଅନ୍ତର୍ଗତ କାନ୍ଦି ଅଞ୍ଚଳରେ ଥିବା ସ୍ପେଶାଲ ଅପରେସନ୍ସ ଗ୍ରୁପ୍ (ଏସ୍‌ଓଜି) କ୍ୟାମ୍ପରେ ମୁତୟନ ଅଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ତାଙ୍କର ନିଜ ସ୍ତ୍ରୀ ଭାବନାଙ୍କ ସହ ପ୍ରବଳ ଝଗଡ଼ା ହୋଇଥିଲା। ଝଗଡ଼ା ସମୟରେ ଉତ୍କ୍ଷୀପ୍ତ ହୋଇ ଦୀପ୍ ସିଂ ନିଜ ସର୍ଭିସ୍ ବନ୍ଧୁକରୁ ସ୍ତ୍ରୀଙ୍କ ଉପରକୁ ଗୁଳି ଚଳାଇଥିଲେ, ଯାହାଫଳରେ ଘଟଣାସ୍ଥଳରେ ହିଁ ଭାବନାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସେ ନିଜକୁ ମଧ୍ୟ ଗୁଳି କରି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ଗୁଳିମାଡ଼ ଯୋଗୁଁ ଗୁରୁତର ଆହତ ହୋଇଥିବା ପୁଲିସ ଅଫିସର ଦୀପ୍ ସିଂଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଶ୍ରୀନଗରସ୍ଥିତ ସୌରା ମେଡିକାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ତାଙ୍କର ଜରୁରୀକାଳୀନ ଚିକିତ୍ସା ଚାଲିଛି। ପୁଲିସ ଏହି ମାମଲାରେ ତଦନ୍ତ ଆରମ୍ଭ କରିଛି।

## ପାକିସ୍ତାନକୁ ସେନା ମୁଖ୍ୟଙ୍କ ଚେତାବନୀ

ନୂଆଦିଲ୍ଲୀ, ୧୬।୫(ଏଜେନ୍ସି): ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶନିବାର ପାକିସ୍ତାନକୁ ଏକ ସ୍ପଷ୍ଟ ଏବଂ କଡ଼ା ସାମରିକ ବାର୍ତ୍ତା ଦେଇଛନ୍ତି। ଯଦି ପାକିସ୍ତାନ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ଏବଂ ଭାରତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରଖେ, ତେବେ ସେମାନଙ୍କୁ ସ୍ଥିର କରିବାକୁ ହେବ ଯେ ସେମାନେ 'ଭୂଗୋଳର ଅଂଶ ହୋଇ ରହିବାକୁ ଚାହାଁନ୍ତି କି ଇତିହାସର' ବୋଲି କହିଛନ୍ତି। ଦିଲ୍ଲୀର ମାନେକସା ସେଣ୍ଟରରେ ୟୁନିଫର୍ମ ଅନଭିଲଡ୍ ଦ୍ୱାରା ଆୟୋଜିତ 'ସେନା ସମ୍ବାଦ' କାର୍ଯ୍ୟକ୍ରମରେ ଆଲୋଚନା ଚକ୍ରରେ ଯୋଗଦେଇ ସେ ଏହି ଚେତାବନୀ ଦେଇଛନ୍ତି। ଅପରେସନ ସିନ୍ଦୂରର ପ୍ରଥମ ବାର୍ଷିକୀ ପାଳନର କିଛି ଦିନ ପରେ ସେନା ମୁଖ୍ୟ ଏହି ମନ୍ତବ୍ୟ ଦେଇଛନ୍ତି। ଯେଉଁ ପରିସ୍ଥିତି ପାଇଁ ଅପରେସନ ସିନ୍ଦୂର ହୋଇଥିଲା, ସେଭଳି ସ୍ଥିତି ଉପୁଜିଲେ ଭାରତୀୟ ସେନାର ପ୍ରତିକ୍ରିୟା କଣ ହେବ ବୋଲି ପ୍ରଶ୍ନର ଉତ୍ତର ଦେଇ ଜେନେରାଲ ଦ୍ୱିବେଦୀ ଏହି ମନ୍ତବ୍ୟ ଦେଇଛନ୍ତି। ସେନା ମୁଖ୍ୟଙ୍କ ଏହି ମନ୍ତବ୍ୟ ପାକିସ୍ତାନକୁ ଏକ କଠୋର ବାର୍ତ୍ତା ପ୍ରଦାନ କରିବା ସହ ଆତଙ୍କବାଦ ବିରୋଧରେ ଭାରତର ଅପରିବର୍ତ୍ତିତ ଏବଂ ଦୃଢ଼ ଆଭିମୁଖ୍ୟକୁ ପ୍ରକାଶ କରିଛି।

# ଭାରତ ପାଇଁ ତୈଳ ଭଣ୍ଡାର ଖୋଲିବ ୟୁଏଇ




## ମହଜୁଦ ରଖିବ ୩ କୋଟି ବ୍ୟାରେଲ ଆଶୋଧିତ ତୈଳ

ଆବୁଧାବି, ୧୬।୫(ଏଜେନ୍ସି): ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ଶକ୍ତି ସହଭାଗିତା କ୍ଷେତ୍ରରେ ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ନୂତନ ଚୁକ୍ତି ଅନୁଯାୟୀ, ୟୁଏଇ ଭାରତର ରଣନୀତିକ ତୈଳ ଭଣ୍ଡାରରେ ପ୍ରାୟ ୩ କୋଟି ବ୍ୟାରେଲ୍ ପର୍ଯ୍ୟନ୍ତ ଅଶୋଧିତ ତୈଳ ମହଜୁଦ କରି ରଖିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକ୍ଷିପ୍ତ ଆବୁଧାବି ଗସ୍ତ ଅବସରରେ ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନହୟାନଙ୍କ ସହ ହୋଇଥିବା ଦ୍ୱିପାକ୍ଷିକ ଆଲୋଚନା ପରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭାରତୀୟ ରଣନୀତିକ ତୈଳ ଭଣ୍ଡାର ସୀମିତ ଏବଂ ଆବୁଧାବି ଜାତୀୟ ତୈଳ କମ୍ପାନୀ ମଧ୍ୟରେ ଏହି ରଣନୀତିକ ସହଯୋଗ ଚୁକ୍ତି ସମ୍ପାଦିତ ହୋଇଛି। ପଶ୍ଚିମ ଏସିଆରେ ଦେଖାଦେଇଥିବା ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଏବଂ ବିଶ୍ୱ ବଜାରରେ ତୈଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ମଧ୍ୟରେ ଏହି ପଦକ୍ଷେପ ଭାରତର ଶକ୍ତି ସୁରକ୍ଷାକୁ ବେଶ୍ ମଜବୁତ କରିବ। ଏହା ସହିତ ଦୁଇ ଦେଶ ଭାରତରେ ରଣନୀତିକ ଗ୍ୟାସ୍ ଭଣ୍ଡାର ପ୍ରତିଷ୍ଠା କରିବା ଏବଂ ଦୀର୍ଘକାଳୀନ ଏଲ୍‌ପିଜି ଯୋଗାଣ ପାଇଁ ମଧ୍ୟ ସହମତି ପ୍ରକାଶ କରିଛନ୍ତି। ବର୍ତ୍ତମାନର ଆଞ୍ଚଳିକ ବିବାଦକୁ ଦୃଷ୍ଟିରେ ରଖି ହର୍ମୁଜ ପ୍ରଣାଳୀ ଦେଇ ଜଳପଥରେ ଯାତାୟାତ ଏବଂ ବାଣିଜ୍ୟ କାରବାରକୁ ବାଧାମୁକ୍ତ ତଥା ସୁରକ୍ଷିତ ରଖିବା ଉପରେ ଦୁଇ ନେତା ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ସାମୁଦ୍ରିକ ବାଣିଜ୍ୟ ପଥରେ ନିରାପତ୍ତା ବଜାୟ ରଖିବା ସହ ଆଞ୍ଚଳିକ ସ୍ଥିରତା ଏବଂ ଅର୍ଥନୈତିକ ସହଯୋଗକୁ ଅଧିକ ଦୃଢ଼ କରିବା ପାଇଁ ଉଭୟ ଦେଶ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ୟୁଏଇ ଉପରେ ହୋଇଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ସେଠାକାର ନେତୃତ୍ୱ ଏବଂ ଜନସାଧାରଣଙ୍କ ପ୍ରତି ଭାରତର ସହଯୋଗ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଶକ୍ତି ଚୁକ୍ତି ବ୍ୟତୀତ, ଭାରତର ବ୍ୟାଙ୍କିଙ୍ଗ୍, ଭିତ୍ତିଭୂମି ଏବଂ ଆର୍ଥିକ କ୍ଷେତ୍ରରେ ୟୁଏଇ ପକ୍ଷରୁ ପ୍ରାୟ ୫ ଶହ କୋଟି ଆମେରିକୀୟ ଡଲାରର ପୁଞ୍ଜିନିବେଶ କରାଯିବା ନେଇ ଘୋଷଣା କରାଯାଇଛି। ଏହା ସହିତ ପ୍ରତିରକ୍ଷା, ସାମୁଦ୍ରିକ ସହଯୋଗ, ଜାହାଜ ନିର୍ମାଣ ଏବଂ ଆଧୁନିକ କମ୍ପ୍ୟୁଟିଂ କ୍ଷେତ୍ରରେ ମଧ୍ୟ ଦୁଇ ଦେଶ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଗସ୍ତ ଏବଂ ନୂତନ ଚୁକ୍ତିନାମା ଭାରତ ଓ ୟୁଏଇ ମଧ୍ୟରେ ଥିବା ସମ୍ପର୍କକୁ ଏକ ନୂତନ ଶିଖରକୁ ନେଇଯାଇଛି। ବିଶେଷ କରି ଅଶୋଧିତ ତୈଳ ଏବଂ ଗ୍ୟାସ୍ କ୍ଷେତ୍ରରେ ହୋଇଥିବା ଏହି ବ୍ୟାପକ ସହଭାଗିତା ଆଗାମୀ ଦିନରେ ଭାରତର ଗ୍ରାହକ ଏବଂ ଶିଳ୍ପ ଜଗତ ପାଇଁ ଶକ୍ତି ଯୋଗାଣକୁ ନିରନ୍ତର ଓ ସୁରକ୍ଷିତ ରଖିବାରେ ସହାୟକ ହେବ।

## ବିଜେପିରେ କଂଗ୍ରେସ ମାର୍କା ମୁଖ୍ୟମନ୍ତ୍ରୀଙ୍କ ଭିଡ଼



ବିଜେପି ସରକାରରେ ଏବେ କଂଗ୍ରେସ ମାର୍କା ମୁଖ୍ୟମନ୍ତ୍ରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆସାମ, ଅରୁଣାଚଳ ପ୍ରଦେଶ ଏବଂ ତ୍ରିପୁରାରେ କଂଗ୍ରେସ ମାର୍କା ନେତା ବିଜେପି ଶାସନର କ୍ଷମତା ଭାର ସମ୍ଭାଳିଥିବା ବେଳେ ଏହି ତାଲିକାରେ ଯୋଡ଼ି ହୋଇଯାଇଛି ପଶ୍ଚିମବଙ୍ଗ। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ହେଉଛନ୍ତି କଂଗ୍ରେସିଆ। ଦିନେ ରାହୁଲଙ୍କ ଅତି ବିଶ୍ୱସ୍ତ ଥିବା ହିମନ୍ତ ୨୦୧୫ରେ ବିଜେପିରେ ଯୋଗ ଦେଇଥିଲେ। ୨୦୨୧ରୁ ସେ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି। ସେହିଭଳି ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପ୍ରେମା ଖାଣ୍ଡୁ ମଧ୍ୟ କଂଗ୍ରେସ ଛାଡ଼ି ୨୦୧୬ରେ ବିଜେପିରେ ସାମିଲ ହୋଇଥିଲେ। ୨୦୨୨ରୁ ତ୍ରିପୁରାର ମୁଖ୍ୟମନ୍ତ୍ରୀ ଥିବା ମଣିକ ଶାହ ୨୦୧୬ରେ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହୋଇଥିଲେ। ଏବେ ପଶ୍ଚିମ ବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ହୋଇଥିବା ଶୁଭେନ୍ଦୁ ଅଧିକାରୀ ମଧ୍ୟ ତାଙ୍କର ରାଜନୈତିକ ଜୀବନ କଂଗ୍ରେସରୁ ଆରମ୍ଭ କରିଥିଲେ। ୧୯୯୫ରେ କାନ୍ଥି ପୌର ପରିଷଦକୁ ସେ କଂଗ୍ରେସ ଟିକଟରେ କାଉନସିଲର ନିର୍ବାଚିତ ହୋଇଥିଲେ। ୧୯୯୫ରୁ ୨୦୦୦ ପର୍ଯ୍ୟନ୍ତ କଂଗ୍ରେସରେ ରହିବା ପରେ ୨୦୦୦ରେ ମମତାଙ୍କ ଟିଏମ୍‌ସିରେ ଯୋଗ ଦେଇଥିଲେ। ୨୦୨୦ରେ ଟିଏମ୍‌ସି ଛାଡ଼ି ସେ ବିଜେପିରେ ଯୋଗଦେଇଥିଲେ। ଏହାପୂର୍ବରୁ କଂଗ୍ରେସର ବରିଷ୍ଠ ନେତା ବୀରେନ ସିଂହ ୨୦୧୬ରେ ବିଜେପିରେ ଯୋଗ ଦେଇଥିଲେ। ୨୦୧୭ ରେ ସେ ମଣିପୁରର ବିଜେପି ମୁଖ୍ୟମନ୍ତ୍ରୀ ହୋଇଥିଲେ।

## ବେଜିଂରେ ଅପଦସ୍ତ ହେଲେ ଟ୍ରମ୍ପ



ଶକ୍ତିଶାଳୀ ରାଷ୍ଟ୍ରର ପରାକ୍ରମୀ ରାଷ୍ଟ୍ରପତି ଏମିତି ଅପଦସ୍ତ ହେବେ ବୋଲି ସ୍ୱପ୍ନରେ ବି ଚିନ୍ତା କରିନଥିଲେ। କଥା କଥାରେ ବିଶ୍ୱକୁ ନାଲି ଆଖି ଦେଖାଉଥିବା ରାଷ୍ଟ୍ରପତି ଟ୍ରମ୍ପ ଏବେ ଚୀନ ଗସ୍ତରେ ଯାଇଥିଲେ। ବିଭିନ୍ନ ଦେଶ ଉପରେ ଅତ୍ୟଧିକ ଶୁଳ୍କ ଲଦିବା ସହିତ ଇରାନ ଉପରେ ଆକ୍ରମଣ କରି ଆତଙ୍କ ସୃଷ୍ଟି କରିଥିବା ଟ୍ରମ୍ପ ଭାବିଥିଲେ ଚୀନରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ମିଳିବ। କିନ୍ତୁ ସେ ବେଜିଂ ବିମାନବନ୍ଦରରେ ଅବତରଣ କରିବା ପରେ ତାଙ୍କର ହୋସ୍ ଉଡ଼ିଗଲା। ତାଙ୍କୁ ସ୍ୱାଗତ କରିବା ପାଇଁ ସେଠାରେ ନଥିଲେ ଚୀନ ରାଷ୍ଟ୍ରପତି ଜିନ୍‌ପିଙ୍ଗ। ଏହାକୁ ନେଇ ଆମେରିକା ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା। ଆମେରିକା ରାଷ୍ଟ୍ରପତିଙ୍କୁ ଚୀନ ଗରିବ ରାଷ୍ଟ୍ରର ମୁଖ୍ୟ ଭାବେ ବ୍ୟବହାର କରୁଛି ବୋଲି ସମାଲୋଚନା କରାଯାଇଛି। ୨୦୧୮ ରେ ଉତ୍ତର କୋରିଆ ରାଷ୍ଟ୍ରପତି କିମ୍ ଜନ୍ ଉନ୍ ବେଜିଂ ଯାଇଥିବା ବେଳେ ଚୀନ ରାଷ୍ଟ୍ରପତି ତାଙ୍କୁ ସ୍ୱାଗତ କରିବା ଲାଗି ବିମାନବନ୍ଦର ଯାଇଥିଲେ। କିନ୍ତୁ ଟ୍ରମ୍ପଙ୍କ ପାଇଁ ଏମିତି ସୌଜନ୍ୟ ଦେଖାଇଲେ ନାହିଁ। କଥାଟା କେବଳ ଏଇଠି ଅଟକି ନାହିଁ। ଦ୍ୱିପାକ୍ଷିକ ଆଲୋଚନା ବେଳେ ଚୀନ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ 'ପରାକ୍ରମୀ' ଟ୍ରମ୍ପଙ୍କୁ ଚେତାଇ ଦେଇଥିଲେ ଯେ ତାଇୱାନ କଥାରେ ମୁଣ୍ଡ ପୂରାଇଲେ ଆମେରିକା ପାଇଁ ଠିକ୍ ହେବନାହିଁ। ସବୁକଥା ମୁଣ୍ଡ ପୋତି ଶୁଣିଲେ ଟ୍ରମ୍ପ, କିନ୍ତୁ କିଛି କହିଲେ ନାହିଁ। ଚୀନ ସହିତ ଆମେରିକାର ଶୁଳ୍କ ଯୁଦ୍ଧ ନେଇ ଜିନ୍‌ପିଙ୍ଗ୍ କ୍ଷୁବ୍ଧ ଥିବାରୁ ଟ୍ରମ୍ପଙ୍କ ପ୍ରତି ସେ ଏଭଳି ବ୍ୟବହାର କରିଥିବା କୁହାଯାଉଛି।

## ଆଉ ଜଣେ ମାଷ୍ଟରମାଇଣ୍ଡ ଅଧ୍ୟାପିକା ଗିରଫ



ନୂଆଦିଲ୍ଲୀ, ୧୬।୫(ଏଜେନ୍ସି): ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର ଅନ୍ୟତମ ମୁଖ୍ୟ ସୂତ୍ରଧର ଭାବେ ପୁଣେର ଜଣେ ବରିଷ୍ଠ ବଟାନୀ (ଉଦ୍ଭିଦ ବିଜ୍ଞାନ) ଶିକ୍ଷୟିତ୍ରୀ ମନୀଷା ଗୁରୁନାଥ ମାନ୍ଧରେଙ୍କୁ ଦିଲ୍ଲୀରୁ ଗିରଫ କରିଛି। ଉଲ୍ଲେଖଯୋଗ୍ୟ, ମନୀଷାଙ୍କୁ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ଜଣେ ବିଶେଷଜ୍ଞ ଭାବେ ନିଯୁକ୍ତ କରିଥିଲା। ଯାହାଫଳରେ ତାଙ୍କ ପାଖରେ ବଟାନୀ ଏବଂ ପ୍ରାଣୀ ବିଜ୍ଞାନ ପ୍ରଶ୍ନପତ୍ର ପହଞ୍ଚିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ମନୀଷା ଏପ୍ରିଲରେ ପୁଣେ ସ୍ଥିତ ନିଜ ବାସଭବନରେ ସ୍ୱତନ୍ତ୍ର କୋଚିଂ କ୍ଲାସ ଆୟୋଜନ କରିଥିଲେ। ସେଠାରେ ସେ ପରୀକ୍ଷାର୍ଥୀମାନଙ୍କ ନିକଟରେ ନିଟ୍‌ର ଅନେକ ପ୍ରଶ୍ନପତ୍ର ପ୍ରଘଟ କରିଥିଲେ। ଏପରିକି ସେଗୁଡ଼ିକୁ ନୋଟ୍‌ବୁକ୍‌ରେ ଲେଖି ରଖିବାକୁ କହିଥିଲେ। ସିବିଆଇ ଅନୁଯାୟୀ, ସେ ଦେଇଥିବା ଅଧିକାଂଶ ପ୍ରଶ୍ନପତ୍ର ବର୍ତ୍ତମାନ ବାତିଲ ହୋଇଥିବା ପ୍ରକୃତ ନିଟ୍ ପରୀକ୍ଷାର ପ୍ରଶ୍ନ ସହିତ ସମ୍ପୂର୍ଣ୍ଣ ମିଶିଯାଇଥିଲା। ଏଥିରେ ମନୀଷା ୱାଗମାରେ ନାମକ ଅନ୍ୟ ଜଣେ ଅଭିଯୁକ୍ତ ତାଙ୍କୁ ସହାୟତା କରୁଥିଲେ। ୱାଗମାରେଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ସିବିଆଇ ଶୁକ୍ରବାର ଲାତୁରରୁ ଜଣେ ଅବସରପ୍ରାପ୍ତ ରସାୟନ ବିଜ୍ଞାନ ପ୍ରଫେସର ପିଭି କୁଲକର୍ଣ୍ଣିଙ୍କୁ ମଧ୍ୟ ଗିରଫ କରିଛି। କୁଲକର୍ଣ୍ଣି ମଧ୍ୟ ଏନ୍‌ଟିଏର ପ୍ରଶ୍ନପତ୍ର ପ୍ରସ୍ତୁତକାରୀ ପ୍ୟାନେଲର ସଦସ୍ୟ ଥିଲେ। ବର୍ତ୍ତମାନ ସୁଦ୍ଧା ଦିଲ୍ଲୀ, ଜୟପୁର, ଗୁରୁଗ୍ରାମ, ନାଶିକ ଏବଂ ପୁଣେ ଭଳି ସ୍ଥାନରୁ ସମୁଦାୟ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇସାରିଛି। ତଦନ୍ତକାରୀ ସଂସ୍ଥା ବିଭିନ୍ନ ସ୍ଥାନରୁ ଲାପଟପ୍, ବ୍ୟାଙ୍କ ଷ୍ଟେଟମେଣ୍ଟ ଏବଂ ମୋବାଇଲ୍ ଫୋନ୍ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ ଜବତ କରିଛି। ବର୍ତ୍ତମାନ ସିବିଆଇ ଅଭିଯୁକ୍ତ ମନୀଷା ମାନ୍ଧରେ ଏବଂ ଅନ୍ୟମାନଙ୍କୁ ୧୪ ଦିନିଆ ରିମାଣ୍ଡରେ ନେବା ପାଇଁ ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟରେ ଆବେଦନ କରିଛି।

## ଆଇଏସ୍‌ଆଇଏସ୍ ନେତା ବିଲାଲ ଆମକୁ ଆଉ ଡରାଇପାରିବ ନାହିଁ: ଟ୍ରମ୍ପ



ୱାସିଂଟନ, ୧୬।୫(ଏଜେନ୍ସି): ଅନ୍ତର୍ଜାତୀୟ ଆତଙ୍କବାଦୀ ସଂଗଠନ ଇସଲାମିକ ଷ୍ଟେଟ୍ (ଆଇଏସ୍‌ଆଇଏସ୍)ର ବିଶ୍ୱସ୍ତରୀୟ ଦ୍ୱିତୀୟ ଶୀର୍ଷ କମାଣ୍ଡର ଆବୁ-ବିଲାଲ ଅଲ୍-ମିନୁକି ଆଫ୍ରିକାରେ ନିହତ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସୂଚନା ଦେଇ କହିଛନ୍ତି ଯେ, ଆମେରିକୀୟ ସେନା ଏବଂ ନାଇଜେରିଆ ସେନାର ଏକ ମିଳିତ ଓ ଗୁପ୍ତ ଅପରେସନରେ ଏହି ଦୁର୍ଦ୍ଦାନ୍ତ ଆତଙ୍କବାଦୀକୁ ନିପାତ କରାଯାଇଛି। ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଲେଖିଛନ୍ତି, 'ଆବୁ-ବିଲାଲ ଭାବିଥିଲା ସେ ଆଫ୍ରିକାରେ ଲୁଚିଯିବ, କିନ୍ତୁ ସେ ଜାଣି ନଥିଲା ଯେ ଆମର ଗୁପ୍ତଚରମାନେ ତା'ର ପ୍ରତିଟି ଗତିବିଧି ଉପରେ ନଜର ରଖିଥିଲେ। ଏହି ଜଟିଳ ମିଶନର ସଫଳତା ପାଇଁ ସେ ନାଇଜେରିଆ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଯଦିଓ ଏହି ଆକ୍ରମଣ କେଉଁ ସ୍ଥାନରେ ଏବଂ କେଉଁ ଆଧାରରେ (ଏୟାରଷ୍ଟ୍ରାଇକ କିମ୍ବା ଗ୍ରାଉଣ୍ଡ ଅପରେସନ) କରାଯାଇଛି, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଅଲ୍-ମିନୁକିକୁ ୨୦୨୩ରେ ଆମେରିକା ପକ୍ଷରୁ 'ବିଶ୍ୱ ଆତଙ୍କବାଦୀ' ଘୋଷଣା କରାଯାଇଥିଲା। ସେ ଆଫ୍ରିକାର ସାହେଲ ଅଞ୍ଚଳରେ ଆଇଏସ୍‌ଆଇଏସ୍'ର ପ୍ରଶାସନିକ ଏବଂ ଆର୍ଥିକ ବ୍ୟବସ୍ଥା ବୁଝୁଥିଲା। ତାର ମୃତ୍ୟୁ ଦ୍ୱାରା ଆଇଏସ୍‌ଆଇଏସ'ର ବିଶ୍ୱସ୍ତରୀୟ ନେଟୱର୍କ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବ ବୋଲି ଟ୍ରମ୍ପ ଦାବି କରିଛନ୍ତି। ନାଇଜେରିଆରେ ସକ୍ରିୟ ଥିବା ଆଇଏସ୍‌ଆଇଏସ୍ ଏବଂ ବୋକୋ ହରାମ ଭଳି ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆମେରିକା ଦୀର୍ଘଦିନ ହେବ ଚାପ ପକାଇଆସୁଥିଲା।

## ବେକାର ଯୁବକଙ୍କୁ ଅସରପା କହିନାହିଁ: ପ୍ରଧାନବିଚାରପତି

ନୂଆଦିଲ୍ଲୀ, ୧୬।୫(ଏଜେନ୍ସି): ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ ଶନିବାର ତାଙ୍କର ବିବାଦୀୟ 'ଅସରପା' ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ, ଗଣମାଧ୍ୟମର ଏକ ବର୍ଗ ତାଙ୍କର ମନ୍ତବ୍ୟକୁ ଭୁଲ ଭାବରେ ଉପସ୍ଥାପନ କରିଛନ୍ତି। ତାଙ୍କୁ ଅକାରଣେ ଦେଶର ଯୁବପିଢ଼ିଙ୍କ ବିରୋଧୀ ବୋଲି ଦର୍ଶାଇଛନ୍ତି। ପ୍ରଧାନ ବିଚାରପତି ସ୍ପଷ୍ଟ କରିଛନ୍ତି ଯେ, ସେ ଜାଲ୍ ଏବଂ ନକଲି ଡିଗ୍ରୀ ସାହାଯ୍ୟରେ ଆଇନ (ବାର୍), ଗଣମାଧ୍ୟମ ଏବଂ ସୋସିଆଲ ମିଡିଆ ଭଳି ସମ୍ମାନଜନକ ବୃତ୍ତିରେ ପ୍ରବେଶ କରୁଥିବା ଲୋକଙ୍କୁ ଆକ୍ଷେପ କରିଥିଲେ। ଏହିପରି ବ୍ୟକ୍ତିମାନଙ୍କୁ ସେ 'ପରଜୀବୀ' ବୋଲି ସମ୍ବୋଧନ କହିଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ ଦେଶର ଯୁବପିଢ଼ିଙ୍କ ପ୍ରତି ତାଙ୍କର ସମ୍ମାନ ବ୍ୟକ୍ତ କରିଛନ୍ତି। ସେ ଦେଶର ଯୁବ ସମ୍ବଳକୁ ନେଇ ଗର୍ବିତ ଏବଂ ସେମାନଙ୍କୁ ବିକଶିତ ଭାରତର ସ୍ତମ୍ଭ ବୋଲି ମନେ କରନ୍ତି ବୋଲି କହିଛନ୍ତି। ଗଣମାଧ୍ୟମରେ ତାଙ୍କ ମନ୍ତବ୍ୟକୁ ସମ୍ପୂର୍ଣ୍ଣ ଭୁଲ ଭାବେ ଉଦ୍ଧୃତ କରାଯାଇଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। ଶୁକ୍ରବାର ଜଣେ ଓକିଲଙ୍କୁ 'ସିନିୟର ଆଡଭୋକେଟ୍' ମାନ୍ୟତା ପ୍ରଦାନ ସମ୍ପର୍କିତ ଏକ ଆବେଦନର ଶୁଣାଣି ସମୟରେ ଏହି ବିବାଦ ଆରମ୍ଭ ହୋଇଥିଲା। ଶୁଣାଣି ବେଳେ ଆବେଦନକାରୀ ଓକିଲଙ୍କ ଆଚରଣ ଏବଂ ସୋସିଆଲ ମିଡିଆରେ ତାଙ୍କର ଗତିବିଧିକୁ ନେଇ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ସମୟରେ ପ୍ରଧାନ ବିଚାରପତି କହିଥିଲେ ଯେ, କିଛି ଲୋକ କୌଣସି ନିଯୁକ୍ତି ନପାଇ ଗଣମାଧ୍ୟମ ବା ଆରଟିଆଇ କର୍ମୀ ସାଜି ସମସ୍ତଙ୍କୁ ଆକ୍ରମଣ କରିବା କାର୍ଯ୍ୟ କରୁଛନ୍ତି।



## କାଶ୍ମୀରରେ ଡ୍ରଗ୍ସ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

- ୨୮ ଦିନରେ ୭୩୩ ଗିରଫ
- ୪୭ଟି ଘରେ ଚାଲିଲା ବୁଲ୍‌ଡୋଜର

ଶ୍ରୀନଗର, ୧୬।୫(ଏଜେନ୍ସି): ଜମ୍ମୁ-କଶ୍ମୀରରେ ନିଶା କାରବାରକୁ ସମ୍ପୂର୍ଣ୍ଣ ରୂପେ ନିପାତ କରିବା ପାଇଁ ପ୍ରଶାସନ ପକ୍ଷରୁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରାଯାଇଛି। ବିଗତ ୨୮ ଦିନ ମଧ୍ୟରେ ଡ୍ରଗ୍ସ ଚୋରା ଚାଲାଣ ସହ ଜଡ଼ିତ ୭୩୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଧରପଗଡ ସମୟରେ ୪୭ଟି ବେଆଇନ ଘର ଉପରେ ବୁଲ୍‌ଡୋଜର ଚଲାଯାଇଛି। ରାଜ୍ୟପାଳ ମନୋଜ ସିହ୍ନାଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଥିବା ଏହି ୧୦୦ ଦିନିଆ ସ୍ୱତନ୍ତ୍ର ଅଭିଯାନ ଅଧୀନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ନିଶା କାରବାରରେ ସମ୍ପୃକ୍ତ ଅପରାଧୀଙ୍କ ଗତିବିଧିକୁ ରୋକିବା ପାଇଁ ୩୭୩ଟି ଡ୍ରାଇଭିଂ ଲାଇସେନ୍ସ ସସପେଣ୍ଡ କରାଯାଇଛି। ଏହା ସହିତ ନିୟମ ଉଲ୍ଲଂଘନ କରିଥିବା ୧୧୪ଟି ଔଷଧ ଦୋକାନ (କେମିଷ୍ଟ ସପ୍)ର ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇଛି। ଡ୍ରଗ୍ସ ମାଫିଆଙ୍କ ଚିହ୍ନଟ ପ୍ରକ୍ରିୟାକୁ କଠୋର କରିବା ସହ ସେମାନଙ୍କର ୧୮୦ଟି ଆଧାର କାର୍ଡକୁ ପ୍ରଶାସନ ପକ୍ଷରୁ ନିଷ୍କ୍ରିୟ କରିଦିଆଯାଇଛି। ଜମ୍ମୁ-କାଶ୍ମୀର ପୁଲିସ ନାର୍କୋଟିକ୍ସ ଆକ୍ଟ (ଏନ୍‌ଡିପିଏସ୍) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚଣ୍ଡୀଗଡ଼ରେ ଥିବା ପ୍ରାୟ ୯୩ ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରିଛି। ଏହି ସମ୍ପତ୍ତି ଜମ୍ମୁର ବାଗ୍-ଇ-ବାହୁ ଥାନାରେ ପଞ୍ଜିକୃତ ଏକ ଡ୍ରଗ୍ସ ମାମଲାର ମୁଖ୍ୟ ଅଭିଯୁକ୍ତ ଅରୁଣ ସିଂଙ୍କର ବୋଲି ଜଣାପଡ଼ିଛି। ଏହି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଜମ୍ମୁ-କାଶ୍ମୀର ପ୍ରଶାସନ ନିଶା ମାଫିଆଙ୍କୁ ଏକ ସ୍ପଷ୍ଟ ଚେତାବନୀ ଦେଇଛି। ଏହି ଅଭିଯାନ ଆଗାମୀ ଦିନରେ ଅଞ୍ଚଳରୁ ନିଶା କାରବାରର ମୂଳୋତ୍ପାଟନ କରିବାରେ ବେଶ ସହାୟକ ହେବ ବୋଲି ଆଶା କରାଯାଉଛି।



▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-318 ◆SUNDAY ◆17 MAY 2026 ◆PAGE-12+4 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୧୮ ◆ରବିବାର ◆୧୭ ମେ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


# ଆଣ୍ଡାମାନ ଛୁଇଁ ଆଗକୁ ବଢ଼ୁଛି ମୌସୁମୀ

## ୨୬ରେ କେରଳ, ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ଓଡ଼ିଶା ପ୍ରବେଶ


■ ଭୁବନେଶ୍ୱର, ୧୬।୫ (ସମିସ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶନିବାର ଆଣ୍ଡାମାନ ଦ୍ୱୀପର କେତେକ ଅଂଶକୁ ସ୍ପର୍ଶ କରିଛି। ଆଣ୍ଡାମାନ ସାଗରର ଅଧିକାଂଶ ଅଞ୍ଚଳ ସମେତ ସମଗ୍ର ନିକୋବର ଦ୍ୱୀପପୁଞ୍ଜରେ ମୌସୁମୀ ନିଜର ଉପସ୍ଥିତି ଜାହିର୍ କରିଛି। ଦକ୍ଷିଣପୂର୍ବ ଆରବ ସାଗର, ଦକ୍ଷିଣପୂର୍ବ ବଙ୍ଗୋପସଗାର ଓ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ମଧ୍ୟ ମୌସୁମୀ ସକ୍ରିୟ ରହିଛି। ଏହା ଧୀରେଧୀରେ ଆଗକୁ ବଢୁଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଆଣ୍ଡାମାନରେ ମୌସୁମୀ ଧାର୍ଯ୍ୟ ସମୟରୁ ୫ରୁ ୬ ଦିନ ଆଗରୁ ପହଞ୍ଚିଛି। ଅତଏବ କେରଳମ୍‌ରେ ମଧ୍ୟ ଏହା ମେ' ୨୬ ବେଳକୁ ପହଞ୍ଚି ସାରିଥିବ ବୋଲି ଆକଳନ ପ୍ରକାଶ ପାଇଲାଣି। ଏମିତି ହେଲେ ଜୁନ ପ୍ରଥମ ସପ୍ତାହ ଅର୍ଥାତ୍ ୬ ତାରିଖ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ନେଇ ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି।

ସୂଚନାଯୋଗ୍ୟ ଯେ ସାଧାରଣତଃ ମୌସୁମୀ ବାୟୁ ଜୁନ୍ ୧ ବେଳକୁ କେରଳମ୍ ଛୁଇଁଥାଏ। ଏହାର ୧୦ରୁ ୧୨ ଦିନ ପରେ ଓଡ଼ିଶାରେ ପ୍ରବେଶ କରିଥାଏ। ଯଦି ମେ' ୨୬ ବେଳକୁ ମୌସୁମୀ କେରଳମ୍ ଛୁଇଁବ, ତା'ହେଲେ ଜୁନ ୫ କିମ୍ବା ୬ ସୁଦ୍ଧା ଏହା ଓଡ଼ିଶା ଛୁଇଁବାର ମଧ୍ୟ ସମ୍ଭାବନା ରହିଛି। ଏନେଇ ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ବଙ୍ଗୋପସାଗରରେ ସାମୁଦ୍ରିକ ପୃଷ୍ଠଭାଗର ଅସ୍ୱାଭାବିକ ଉଷ୍ମତା, ଶକ୍ତିଶାଳୀ ବିଷୁବରେଖୀୟ ପବନର ପ୍ରବାହ ଏବଂ ବଙ୍ଗୋପସାଗରର ଦକ୍ଷିଣ-ପୂର୍ବ ଚତୁର୍ଥାଂଶରେ



ସକ୍ରିୟ ଘନୀଭୂତ ବାଦଲ ସୃଷ୍ଟି ପ୍ରକ୍ରିୟା ଦ୍ୱାରା ପରିଚାଳିତ ହୋଇ ଏହି ମୌସୁମୀ ପ୍ରବାହ ଆସନ୍ତା ମଇ ୧୯ରୁ ୨୧ ତାରିଖ ମଧ୍ୟରେ ଆଣ୍ଡାମାନ ଦ୍ୱୀପପୁଞ୍ଜର ଅବଶିଷ୍ଟ ଅଂଶକୁ ସମ୍ପୂର୍ଣ୍ଣ ରୂପେ ଆବୃତ କରିବା ପାଇଁ ଅନୁକୂଳ ସ୍ଥିତିରେ ରହିଛି। ସାମୁଦ୍ରିକ କ୍ଷେତ୍ରରେ ଏହି ଆଗୁଆ ଅଗ୍ରଗତି ସହିତ ସଂଗତି ରଖି ଭାରତୀୟ ପାଣିପାଗ ବିଭାଗ ଚଳିତ ବର୍ଷ ମଇ ୨୬ ତାରିଖ ଆସପାସରେ କେରଳରେ ମୁଖ୍ୟ ଭୂଭାଗ ମୌସୁମୀ ସ୍ପର୍ଶ କରିବା ନେଇ ପୂର୍ବାନୁମାନ କରିଛି।

ତେବେ ସାମୁଦ୍ରିକ ପରିବେଶର ଏହି ସ୍ଥିତି ଜଳବାୟୁଗତ ସ୍ୱାଭାବିକ ସମୟସୀମା ଠାରୁ ସାମାନ୍ୟ ଆଗୁଆ ଏକ ସ୍ପଷ୍ଟ ତାପଗତିକ ଅଗ୍ରଗତିକୁ ଦର୍ଶାଉଥିଲେ ହେଁ, ଦୀର୍ଘକାଳୀନ ଐତିହାସିକ ପୃଷ୍ଠଭୂମି ଦୃଢ଼ ଭାବରେ ପ୍ରମାଣିତ କରେ ଯେ ଆଣ୍ଡାମାନ ସାଗରରେ ସମୟ ପୂର୍ବରୁ ମୌସୁମୀର ଆଗମନ ଓଡ଼ିଶାର ମୁଖ୍ୟ ଭୂଭାଗରେ ଏକ ଦ୍ରୁତ କିମ୍ବା ଶକ୍ତିଶାଳୀ ପ୍ରବେଶର ସୁନିଶ୍ଚିତ ଗ୍ୟାରେଣ୍ଟି ଦିଏ ନାହିଁ। ଏନେଇ ▶ପୃଷ୍ଠା-୭



# ବିପର୍ଯ୍ୟୟ ସୃଷ୍ଟି କରିବ 'ସୁପର ଏଲ୍‌ନିନୋ'

## ବିପଦରେ ଭାରତର ବିଭିନ୍ନ ସହର

## ଚେନ୍ନାଇରେ ହେବ ଭୟଙ୍କର ବନ୍ୟା

■ ନୂଆଦିଲ୍ଲୀ, ୧୬।୫ (ଏଜେନ୍ସି): ଭାରତ ଚଳିତ ବର୍ଷ ଏକ ଅତି ଚିନ୍ତାଜନକ ପାଣିପାଗ ସଙ୍କେତ ଆଡ଼କୁ ଗତି କରୁଛି। ଚଳିତ ବର୍ଷ ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରଭାବରେ ହେବାକୁ ଥିବା ବୃଷ୍ଟିପାତ ସ୍ୱାଭାବିକଠାରୁ ବହୁତ କମ୍ ବା ନିଅଣ୍ଟିଆ ହେବାର ସମ୍ଭାବନା ରହିଛି। ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ଏକ ଶକ୍ତିଶାଳୀ ଏବଂ 'ସୁପର୍ ଏଲ୍ ନିନୋ' ପ୍ରଭାବ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିବାକୁ ଯାଉଛି, ଯାହା ସମଗ୍ର ଦେଶର କୃଷି ଏବଂ ଅର୍ଥନୀତି ପାଇଁ ବଡ଼ ବିପଦ ସୃଷ୍ଟି କରିପାରେ। ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଚଳିତ ବର୍ଷ ଜୁନ୍‌ରୁ ସେପ୍‌ଟେମ୍ବର ମଧ୍ୟରେ ହେବାକୁ ଥିବା ମୌସୁମୀ ବର୍ଷାର ପରିମାଣ ଦୀର୍ଘକାଳୀନ ହାରାହାରିର ଶତକଡା ୯୨ ଭାଗ ରହିବ, ଯାହାକୁ 'ସ୍ୱାଭାବିକଠାରୁ କମ୍' ଶ୍ରେଣୀରେ ରଖାଯାଇଛି। ଚଳିତ ବର୍ଷ ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଶତକଡା ୩୫ ଭାଗ ରହିଛି, ଯାହା ବିଗତ ବର୍ଷଗୁଡ଼ିକର ସାଧାରଣ ଆଶଙ୍କାଠାରୁ ଦୁଇ ଗୁଣରୁ ଅଧିକ। ଜୁନ୍ ଏବଂ ଜୁଲାଇ ମାସରେ ସ୍ଥିତି କିଛିଟା ସ୍ୱାଭାବିକ ରହିଲେ ମଧ୍ୟ ଅଗଷ୍ଟ ଏବଂ ସେପ୍ଟେମ୍ବର ମାସରେ ସୁପର୍ ଏଲ୍ ନିନୋର ପ୍ରଭାବ ସମ୍ପୂର୍ଣ୍ଣ ଭାବେ ଅନୁଭୂତ ହେବ। ଯାହାଫଳରେ ବର୍ଷାର ପରିମାଣ ବହୁତ କମିଯିବ। ଅନ୍ୟ ଅଞ୍ଚଳରେ ମରୁଡ଼ି ଦେଖାଯାଉଥିବା ବେଳେ ତାମିଲନାଡୁ ଏବଂ ବିଶେଷ କରି ଚେନ୍ନାଇ ସହରରେ ଅତ୍ୟଧିକ ବର୍ଷା ଯୋଗୁଁ ଭୟଙ୍କର ବନ୍ୟା ▶ପୃଷ୍ଠା-୭

# ଇରାନ ଉପରେ ପୁଣି ଆକ୍ରମଣ କରିବ ଆମେରିକା



## ଶାନ୍ତି ଆଲୋଚନାରେ ସନ୍ତୁଷ୍ଟ ନୁହନ୍ତି ଟ୍ରମ୍ପ

## ଜବାବ ଦେବାକୁ ଇରାନର ପ୍ରସ୍ତୁତି


■ ୱାସିଂଟନ, ୧୬।୫ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନାରେ କୌଣସି ସକରାତ୍ମକ ନିଷ୍କର୍ଷ ନବାହାରିବା ପରେ, ଆମେରିକା ପୁନର୍ବାର ଇରାନ ଉପରେ ସାମରିକ ଆକ୍ରମଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଦୁଇ ଦିନିଆ ଚୀନ୍ ଗସ୍ତ ଶେଷ କରିବା ପରେ ଏହି ସାମରିକ ଅଭିଯାନ ନେଇ ଚର୍ଚ୍ଚା ଜୋର୍ ଧରିଛି। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ଆଲୋଚନା ସମୟରେ ଟ୍ରମ୍ପ ଇରାନ ଯୁଦ୍ଧ ଏବଂ ହର୍ମୁଜ ପ୍ରଣାଳୀ ବନ୍ଦ ରହିବା ପ୍ରସଙ୍ଗରେ ଆଲୋଚନା କରିଥିବା ସୂଚନା ମିଳିଛି। ବିଗତ ଅପ୍ରେଲ ୭ ତାରିଖରୁ ଜାରି ରହିଥିବା ଯୁଦ୍ଧବିରତି ପରେ ଏହି ଆକ୍ରମଣ ପୁନର୍ବାର ଆରମ୍ଭ ହୋଇପାରେ। ଆମେରିକାର ପ୍ରତିରକ୍ଷା ମନ୍ତ୍ରାଳୟ ଆଗାମୀ ଦିନରେ ଏକ ବୃହତ୍ ସାମରିକ ଅଭିଯାନ ପାଇଁ ଯୋଜନା ପ୍ରସ୍ତୁତ କରୁଛି। ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ସଂସଦରେ ସୂଚନା ଦେଇଛନ୍ତି ଯେ ଆବଶ୍ୟକ ପଡ଼ିଲେ ଆମେରିକା ନିଜର ସାମରିକ କାର୍ଯ୍ୟାନୁଷ୍ଠାନକୁ ଆହୁରି ବ୍ୟାପକ କରିବ।

ସୂଚନା ଅନୁଯାୟୀ, ଆମେରିକା ଏବଂ ଇସ୍ରାଏଲ୍ ମିଳିତ ଭାବେ ଆଗାମୀ ସପ୍ତାହ ସୁଦ୍ଧା ଇରାନ ଉପରେ ଆକ୍ରମଣ କରିବା ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ଇରାନ ପରମାଣୁ ଅସ୍ତ୍ର ମୁକ୍ତ ହେବା ଏବଂ ହର୍ମୁଜ ପ୍ରଣାଳୀକୁ ବାଣିଜ୍ୟ ପାଇଁ ପୁନର୍ବାର ଖୋଲିବା ନେଇ ଆମେରିକା ନିଜ ଜିଦ୍‌ରେ ଅଟଳ ରହିଛି। ଇରାନ ବିରୋଧରେ ଆମେରିକା ମୁଖ୍ୟତଃ ତିନୋଟି ବଡ଼ ପଦକ୍ଷେପ ଉପରେ ବିଚାର କରୁଛି। ଇରାନର ସାମରିକ ଶିବିର ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକ ଉପରେ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ଆକ୍ରମଣ କରାଯିବ। ମାଟି ତଳେ ଲୁଚାଇ ରଖାଯାଇଥିବା ପରମାଣୁ ସାମଗ୍ରୀକୁ ଜବତ କରିବା ପାଇଁ ବିଶେଷ ସେନା ବାହିନୀକୁ ପଠାଯାଇପାରେ, ଯେଉଁଥିରେ ସେନା କ୍ଷୟକ୍ଷତିର ଆଶଙ୍କା ଅଧିକ ରହିଛି। ଇରାନର ତୈଳ ରପ୍ତାନିର ▶ପୃଷ୍ଠା-୭

# ଓଡ଼ିଶାର ଅର୍ଥନୈତିକ ବିକାଶର ପ୍ରମୁଖ ସ୍ତମ୍ଭ ଓଏମ୍‌ସି: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୬।୫ (ସମିସ): ବର୍ତ୍ତମାନ ବିଶ୍ୱ ବଜାରରେ ଲୁହାପଥର, ବକ୍ସାଇଟ୍, କ୍ରୋମାଇଟ୍ ଭଳି କଞ୍ଚାମାଲର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଏହି ବର୍ଦ୍ଧିତ ଚାହିଦାକୁ ନିରନ୍ତର ଭାବେ ପୂରଣ କରିବା ସହ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ପରିକଳ୍ପନାକୁ ସାକାର କରିବାରେ ଓଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଏମ୍‌ସିର ୭୧ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି।

ଶନିବାର ଲୋକସେବା ଭବନ ସମ୍ମିଳନୀ କେନ୍ଦ୍ରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୬୦ ଦଶକରେ ମାତ୍ର ୧କୋଟି ଟଙ୍କାର ଆର୍ଥିକ କାରବାରରୁ ଯାତ୍ରା ଆରମ୍ଭ କରିଥିବା ଓଏମ୍‌ସି ୨୦୨୫-୨୬ ଆର୍ଥିକ ବର୍ଷରେ ୨୫ ହଜାର କୋଟି ଟଙ୍କାର କାରବାର କରିଛି। ଏଥିସହ ୪୫ ନିୟୁତ ଟନ୍ ଖଣିଜ ଉତ୍ତୋଳନ ଜରିଆରେ ସର୍ବକାଳୀନ




ରେକର୍ଡ ସୃଷ୍ଟି କରି ଦେଶର ଏକ ଅଗ୍ରଣୀ ଖଣି ସଂସ୍ଥା ଭାବେ ପ୍ରତିଷ୍ଠା ହାସଲ କରିଛି। ଓଏମ୍‌ସି ତା'ର କାର୍ଯ୍ୟ ପରିସରକୁ ଆହୁରି ବ୍ୟାପକ କରି ଦେଶର ଅନ୍ୟାନ୍ୟ ରାଜ୍ୟରେ ଖଣିଭିତ୍ତିକ କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ ଏବେ ସମୟ ଆସିଛି। ଓଏମ୍‌ସି ପାଖରେ ପ୍ରଚୁର କଞ୍ଚାମାଲ ଉପଲବ୍ଧ ଅଛି। ଖଣିଭିତ୍ତିକ କାର୍ଯ୍ୟକଳାପ ସହ ଶିଳ୍ପାୟନ ପ୍ରତି ଦୃଷ୍ଟି ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଦୀର୍ଘ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଓଏମ୍‌ସି କେବଳ ଏକ ବ୍ୟବସାୟିକ ▶ପୃଷ୍ଠା-୭

## ଜନ୍ମହାର ବୃଦ୍ଧି ପାଇଁ ଆନ୍ଧ୍ରପ୍ରଦେଶ ସରକାରଙ୍କ ବଡ଼ ଘୋଷଣା

# ୩ୟ, ୪ର୍ଥ ସନ୍ତାନ ପାଇଁ ମିଳିବ ୩୦ ଓ ୪୦ ହଜାର

■ ଶ୍ରୀକାକୁଲମ୍, ୧୬।୫ (ଏଜେନ୍ସି): ଆନ୍ଧ୍ରପ୍ରଦେଶରେ କ୍ରମାଗତ ଭାବେ ହ୍ରାସ ପାଉଥିବା ଜନ୍ମହାରକୁ ରୋକିବା ଏବଂ ଜନସଂଖ୍ୟା ସନ୍ତୁଳନ ବଜାୟ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଏକ ବଡ଼ ଧରଣର ଆର୍ଥିକ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଏବେ ଜନ୍ମହାର ବୃଦ୍ଧି କରିବାର ସମୟ ଆସିଛି। ଏହି କ୍ରମରେ ପରିବାରରେ ଚତୁର୍ଥ ସନ୍ତାନର ଜନ୍ମ ହେଲେ ସରକାରଙ୍କ ପକ୍ଷରୁ ୪୦ ହଜାର ଟଙ୍କା ଏବଂ ତୃତୀୟ ସନ୍ତାନର ଜନ୍ମ ପାଇଁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଶ୍ରୀକାକୁଲମ୍ ଜିଲ୍ଲାର ନରସନ୍ନାପେଟାଠାରେ ଆୟୋଜିତ ଏକ ଜନସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ନାଇଡୁ ଏହି ନୂତନ ନୀତି ବିଷୟରେ ସୂଚନା ଦେଇଛନ୍ତି। ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅବସରରେ ସେ କହିଛନ୍ତି ଯେ ଏହି ଯୋଜନାର ସମ୍ପୂର୍ଣ୍ଣ ରୂପରେଖ ଆଗାମୀ ଏକ ମାସ ମଧ୍ୟରେ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯିବ। ପୂର୍ବରୁ ସରକାର ଦ୍ୱିତୀୟ ସନ୍ତାନ ପାଇଁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ଦେବାକୁ ବିଚାର କରୁଥିବା ବେଳେ ଏବେ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ପରାମର୍ଶ କ୍ରମେ ଏହାକୁ ତୃତୀୟ ଏବଂ ଚତୁର୍ଥ ସନ୍ତାନ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ▶ପୃଷ୍ଠା-୭


# ଶ୍ରୀ ଅନ୍ନ ଅଭିଯାନରେ ମାଣ୍ଡିଆ ଚାଷୀ ହତାଶ

## ମିଳୁନି ଏମ୍‌ଏସ୍‌ପି ଟଙ୍କା, ମଣ୍ଡିରେ ପଡ଼ିଛି ମାଣ୍ଡିଆ

■ ରାୟଗଡ଼ା, ୧୬।୫ (ସମିସ): ରାଜ୍ୟ ସରକାରଙ୍କ 'ଶ୍ରୀଅନ୍ନ ଅଭିଯାନ' ଏବେ ରାୟଗଡ଼ା ଜିଲ୍ଲାର ମାଣ୍ଡିଆ ଚାଷୀଙ୍କୁ ହାତଶ ଓ ନିରାଶ କରିଛି। ମାଣ୍ଡିଆ ମଣ୍ଡି ସରିବାକୁ ୪୫ ଦିନ ବିତି ଯାଇଥିଲେ ହେଁ ଏଯାଏ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଟଙ୍କା ମିଳିନାହିଁ। ଏଥିସହ ମଣ୍ଡିରେ ଏବେ ବି ମାଣ୍ଡିଆ ପଡ଼ିରହିଛି। ଏହାକୁ ନେଇ ଏବେ ଚାଷୀ ଚିନ୍ତାରେ ପଡ଼ିଥିବା ବେଳେ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ଓ ଟିଡିସିସି ଶାଖା ପରିଚାଳକଙ୍କ ଦ୍ୱାରସ୍ଥ ହୋଇଛନ୍ତି।

୨୦୧୭ ମସିହାରୁ ଆରମ୍ଭ ହୋଇଥିବା ରାଜ୍ୟ ସରକାରଙ୍କ 'ଶ୍ରୀ ଅନ୍ନ ଅଭିଯାନ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା, ଓଡ଼ିଶାରେ ମିଲେଟ୍ ଚାଷକୁ ପ୍ରୋତ୍ସାହନ ଦେବା। ରାୟଗଡ଼ା





### ମଣ୍ଡି ସରି ବିତିଗଲାଣି ୪୫ ଦିନ

### ଜିଲ୍ଲାପାଳ ଓ ଟିଡିସିସି ଶାଖା ପରିଚାଳକଙ୍କୁ ଚାଷୀଙ୍କ ଗୁହାରି

ଜିଲ୍ଲା ଏହି କାର୍ଯ୍ୟକ୍ରମରେ ରାଜ୍ୟର ଦ୍ୱିତୀୟ ସର୍ବାଧିକ ମିଲେଟ୍ ଉତ୍ପାଦନ ଓ ସଂଗ୍ରହ କରୁଥିବା ଜିଲ୍ଲା ଭାବେ ପରିଚିତ ହୋଇପାରିଛି। ୨୦୨୫-୨୬ ଖରିଫ ଋତୁରେ ରାୟଗଡ଼ା ଜିଲ୍ଲାରେ ପ୍ରାୟ ୧୦ ହଜାର ହେକ୍ଟର୍‌ରେ ମିଲେଟ୍ ଚାଷ ହୋଇଥିବା ବେଳେ ମାଣ୍ଡିଆ ସଂଗ୍ରହ ଲକ୍ଷ୍ୟ ୮୦ ହଜାର କ୍ୱିଣ୍ଟାଲ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ୬୪,୮୫୧ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଜିଲ୍ଲାରେ ଖୋଲାଯାଇଥିବା ମଣ୍ଡିଗୁଡ଼ିକରେ ମାଣ୍ଡିଆ କ୍ରୟ ହୋଇଥିଲେ ମଧ୍ୟ କେବଳ ୫୪,୩୧୭ କ୍ୱିଣ୍ଟାଲ ମାଣ୍ଡିଆ ସରକାରୀ ସିଡବ୍ଲ୍ୟୁସି/ଟିଡିସିସି (ଆଦିବାସୀ ▶ପୃଷ୍ଠା-୭




# କଳାବୈଶାଖୀ ତାଣ୍ଡବ; ଉପୁଡ଼ିଲା ଗଛ; ବିଦ୍ୟୁତ୍ ଯୋଗାଣ ଠପ୍





ଲମତାପୁଟ,୧୬।୫(ସମିସ): ଆଜି ଦିନ ଦ୍ୱିପ୍ରହରେ ଲମତାପୁଟରେ କାଳବୈଶାଖୀର ପ୍ରଭାବରେ ପ୍ରବଳ ବର୍ଷା, ଘଡଘଡି ଓ ବିଜୁଳି ମାଡ଼ ଲୋକଙ୍କୁ ଭୟଭୀତ କରିଥିଲା। ଲମତାପୁଟ ଶନିବାର ସାପ୍ତାହିକ ହାଟ କିଛି ସମୟ ପାଇଁ ପ୍ରଭାବିତ ହୋଇଥିଲା। ମଟାମପୁଟ, ଗୁନେଇପଦା ଓ କଦ୍ରି ଲିମାପୁଟରେ ରାସ୍ତା ଉପରେ ଗଛ ପଡିଥିବା ଯୋଗୁଁ କିଛି ସମୟ ପାଇଁ ରାସ୍ତା ଅବରୋଧ ହୋଇଥିଲା। ସାନକିଚବ, ମଜାପୁଟ ଓ ଟୁକୁମ ଗ୍ରାମର ଘର ଉପରେ ଗଛ ପଡିଯିବାର ଦୃଶ୍ୟ ଦେଖିବାକୁ ମିଳିଛି। କ୍ଷୟକ୍ଷତିର କୌଣସି ସଠିକ ଆକଳନ କରାଯାଇପାରିନାହିଁ। ଖବର ପାଇ ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ ହୋଇଥିବା ଗଛଗୁଡିକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଆସନ୍ତା କାଲି ବାକି ରହିଥିବା ପୁନରୁଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ଅଗ୍ନିଶମ ବିଭାଗ ଅଧିକାରୀ ଉମେଶ ଚନ୍ଦ୍ର ବାଘ ସୂଚନା ଦେଇଛନ୍ତି।

**ନନ୍ଦପୁର:** ଶନିବାର ନନ୍ଦପୁର ବ୍ଲକ ପାଡୁଆ ଅଞ୍ଚଳରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ପ୍ରବଳ ପବନ ସାଙ୍ଗକୁ ବର୍ଷା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଅସ୍ତ ବ୍ୟସ୍ତ କରିଦେଇଥିଲା। ଏହାର ପ୍ରଭାବରେ ଗୋଲୁର୍ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁଡ଼ା ଗ୍ରାମର ଖଗପତି ହନ୍ତାଳଙ୍କ ଘର ଛାତ ସମ୍ପୂର୍ଣ୍ଣ ଉଡିଯାଇଥିବା ବେଳେ ଖୁଡୁବ ଗ୍ରାମର ମାଳତୀ ବୁରୁଡ଼ିଙ୍କ ଘର ଉପରେ ବାଡ଼ିରେ ଲାଗିଥିବା ଏକ ନୀଳଗିରି ଗଛ ଭାଙ୍ଗି ଘର ଉପରେ ପଡ଼ିଯିବା ଯୋଗୁଁ ଘର ଆଂଶିକ କ୍ଷୟ କ୍ଷତି ଘଟିଥିବା ସୂଚନା ରହିଛି। ସେହିପରି ପାଡୁଆର ଏକ ଚାହା ଦୋକାନ ଉପରେ ଗଛ ପଡ଼ିବା ଦ୍ୱାରା ଦୋକାନର ଆଂଶିକ କ୍ଷତି ହେବା ସହ ସମ୍ମୁଖରେ ରଖା ହୋଇଥିବା ଦୁଇଟି ବାଇକ୍ ମଧ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ଖବର ରହିଛି। ସେପଟେ ବାଟଇମାନେ ନାହି ନଥିବାର ଅସୁବିଧା ସମ୍ମୁଖୀନ ହୋଇ ଥିବା ଖବର ମିଳିଛି। କାଳବୈଶାଖୀର ପ୍ରଭାବ ରେ ବିଦ୍ୟୁତ୍ ବିଦ୍ୟୁତ୍ ସରାବହ ଉପରେ ବଡ ବ୍ୟାଘାତ ଘଟିଛି।

**ପୋଡ଼ାଗଡ଼:** ଆଜି ଅପରାହ୍ନରେ ଦଶମନ୍ତପୁର ଅଞ୍ଚଳରେ ତାଣ୍ଡବ ରଚିଲା କାଳ ବୈଶାଖୀ। ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ. ମାଲକାନଗିରି ପଞ୍ଚାୟତ ଅଧିନସ୍ଥ ଆଡମୁଣ୍ଡା ଚଣ୍ଡଳ ଗୁଡା ଗ୍ରାମରେ କାଳ ବୈଶାଖୀର ତାଣ୍ଡବ। ଗଛ ପଡ଼ି ଦୁଇ ଗୁରୁତର ହସ୍ପିଟାଲ୍‌ରେ ଭର୍ତ୍ତି। ସୂଚନାରୁ ଜଣା ପଡ଼ିଛି, ଚଣ୍ଡାଳ ଗୁଡା ଗ୍ରାମର ହରିଜନ ସାହିରେ ବିରାଟ କାୟ ତିନୋଟି ଗଛ ଯଥା ଆମ୍ବ ଗଛ ୨ ଟି ଓ ପଣସ ଗଛ

## ଚଣ୍ଡଲଗୁଡା ଗ୍ରାମରେ ଗଛପଡ଼ି ମା' ଝିଅ ଗୁରୁତର

ଗୋଟିଏ ପୂର୍ଣ୍ଣ କୁଳଦୀପ ଓ ରଞ୍ଜନ ଖରା ନାମକ ଦୁଇ ବ୍ୟକ୍ତିଙ୍କ ଘର ଉପରେ ପଡ଼ି ଯାଇଥିଲା। ଫଳରେ ପୂର୍ଣ୍ଣ କୁଳଦୀପଙ୍କ ଘର ସମ୍ପୂର୍ଣ ଭାଙ୍ଗି ଯାଇଥିବା ବେଳେ ସ୍ତ୍ରୀ ଗରିମଣି କୁଳଦୀପ ଓ ଝିଅ ତୁଳା ବତୀ ଘର ଭିତରେ ଥିବା ହେତୁ ଗୁରୁତର ଯାଇଛନ୍ତି। ଗୁରୁତର ମାନଙ୍କୁ ସ୍ଥାନୀୟ ଯୁବକମାନେ ତଥା ସଞ୍ଜୀବ ନାୟକ ଖଗେଶ୍ୱର ମାଳି ବିଦ୍ୟା ନାୟକ ପ୍ରମୁଖ ଉଦ୍ଧାର କରି କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲ୍‌କୁ ଚିକିତ୍ସା ନିମନ୍ତେ ପଠାଇଥିବା କହିଛନ୍ତି। ଅନ୍ୟ ପକ୍ଷରେ ପାଶ୍ୱର୍ରେ ଥିବା ରଞ୍ଜନ ଖରାଙ୍କ ଘର ଆଂଶିକ କ୍ଷତି ଯାଇଥିବା ଦେଖା ଦେଇଛି। ଏହି ଘଟଣାର ଖବର ପାଇ ଅଗ୍ନି ସମ ବାହିନୀ ପହଞ୍ଚି ତୁରନ୍ତ ଗଛ କାଟି ସଫା କରିଥିଲେ। ପୂର୍ଣ୍ଣ କୁଲଦୀପ ଅତି ଗରିବ ଯାଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି।

**କୋଷାଗୁମୁଡ଼ା :** ଆଜି ଅପରାହ୍ଣରେ କାଳ ବୈଶାଖୀର ତାଣ୍ଡବରେ କୋଷାଗୁମୁଡ଼ା ଅଞ୍ଚଳରେ ଗଛ ଭାଙ୍ଗି ଦୋକାନ ଘର, ରାସ୍ତା ଘାଟ ଛିନଭିନ ହୋଇଯାଇଛି। ଘରେ ଘରେ ପାଣି ପୋଷିବା ସହ ଅଧିକାଂଶ ଅଞ୍ଚଳରେ ବିଦ୍ୟୁତ ତାର ଛିଡି ଥିବା ଫଳରେ କୋଷାଗୁମୁଡ଼ା ଅଞ୍ଚଳ ଅନ୍ଧାର ହୋଇଯାଇଛି। ବିଦ୍ୟୁତ ସରବରାହ ବନ୍ଦ ଯୋଗୁଁ ଗରମରେ ଲୋକେ ଆଉଟୁ ପାଉଟୁ ହେଉଥିବା ସହ ଅନେକ ଗରିବ ଲୋକଙ୍କ ଘୋର ଭାଙ୍ଗିଥିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ରାସ୍ତାରେ ପଡି ରହିଥିବା ଗଛ ଗୁଡିକୁ ସ୍ଥାନୀୟ ଲୋକମାନେ କାଡିଥିବା ଯୋଗୁଁ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଛି। ଆଉ କିଛି ଅଞ୍ଚଳରେ ହୋଇଥିବା ମକା ଗଛ ଗୁଡିକ ମଧ ନଷ୍ଟ ହୋଇଥିବା ଜଣାପଡିଛି।

# ଗାଡ଼ି ରଙ୍ଗ ଦୋକାନୀଙ୍କ କବ୍‌ଜାରେ ରାସ୍ତା

**● କେମିକାଲ ଗନ୍ଧରେ ଅଣାୟଉ ଲୋକେ**

କୋରାପୁଟ,୧୬।୫(ସମିସ): କୋରାପୁଟ ସହରର ଜନଗହଳିପୂର୍ଣ୍ଣ ରାସ୍ତାରେ ଗାଡ଼ି କଲର ତଥା ପେଣ୍ଟିଂ ଦୋକାନ ସାଧାରଣ ଲୋକଙ୍କ ପାଇଁ ଏବେ ବଡ଼ ସମସ୍ୟା ସୃଷ୍ଟି କରିଛି। ରାସ୍ତା କଡ଼ରେ ଖୋଲାମେଲା ଭାବେ ଚାଲୁଥିବା କଲର କାମ ଓ କେମିକାଲ ବ୍ୟବହାର ଯୋଗୁଁ ଚାରିଆଡ଼େ ବିଷାକ୍ତ ଗନ୍ଧ ଓ ଧୂଆଁ ପ୍ରସାରିତ ହେଉଛି। ଫଳରେ ରାସ୍ତା ଦେଇ ଯାଉଥିବା ଲୋକମାନେ ଶ୍ୱାସକଷ୍ଟ, ଆଖି ଜ୍ୱଳନ ଓ ଅସୁସ୍ଥତାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସହରର ବ୍ୟସ୍ତ ଅଞ୍ଚଳ ସହ କୋରାପୁଟ ଶନି ମନ୍ଦିର ଲାଇନରେ କେତେକ ଦୋକାନୀ ନିୟମକୁ ଅବହେଳା କରି ଖୋଲା ରାସ୍ତାରେ ଗାଡ଼ି



ପେଣ୍ଟିଂ ଓ କଲର କାମ କରୁଛନ୍ତି । ପେଣ୍ଟ ଓ ଥିନର ଭଳି କେମିକାଲ ବ୍ୟବହାର ଯୋଗୁଁ ଚାରିପାଖର ପରିବେଶ ଦୂଷିତ ହେଉଥିବା ବେଳେ ଛୋଟ ଶିଶୁ, ବୃଦ୍ଧ ଓ ବ୍ୟବସାୟୀମାନେ ଅଧିକ ପ୍ରଭାବିତ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବହୁବାର ଅଭିଯୋଗ କରାଯାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କଡ଼ା ପଦକ୍ଷେପ ନିଆଯାଉନାହିଁ। ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଥିବା ସତ୍ତ୍ୱେ ସମ୍ପୃକ୍ତ ବିଭାଗ ନୀରବ ରହିଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିଚାଲିଛି। ଜନଗହଳି ଅଞ୍ଚଳରେ ଚାଲୁଥିବା ଏପରି ଗାଡ଼ି କଲର ଦୋକାନ ଉପରେ ତୁରନ୍ତ ଯାଞ୍ଚ କରାଯାଇ ନିୟମ ଉଲ୍ଲଂଘନ କରୁଥିବା ଦୋକାନଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି।

# ମଣ୍ଡଳ କାରଗାରରେ ମହିଳା କଏଦୀ ପାଳିଲେ ସାବିତ୍ରୀ



କୋରାପୁଟ, ୧୬।୫(ସମିସ): : ସାବିତ୍ରୀ ଅମାବାସ୍ୟା ପାଇଁ ଚଳଚଞ୍ଚଳ ହୋଇ ଉଠିଛି ସହରଠୁ ପଲ୍ଲୀ। ସ୍ୱାମୀଙ୍କ ମଙ୍ଗଳ ମନାସୀ ବ୍ରତ ପାଳିଛନ୍ତି ସଧବା ମହିଳା। ମହିଳା ମାନେ ନୂଆ ଶାଢୀ ପରିଧାନ ପୂର୍ବକ ବିଭିନ୍ନ ଭୋଗ ଧରି କୋରାପୁଟର ଶାବର ଶ୍ରୀକ୍ଷେତ୍ର ସମେତ କୋରାପୁଟ ସହରର ବିଭିନ୍ନ ଧର୍ମାନୁଷ୍ଠାନ ଯାଇ ଠାକୁର ଦର୍ଶନ କରିଛନ୍ତି। ସଧବା ନାରୀଙ୍କ ଗହଣରେ ହୁଳହୁଳି ନାଦରେ ପ୍ରକମ୍ପିତ ହେଉଥିଲା ଶାବର ଶ୍ରୀକ୍ଷେତ୍ର ସମେତ ମାଳି ସାହି ଶିବମନ୍ଦିର, ଗୌତମ ନଗର ହନୁମାନ ମନ୍ଦିର ଓ ସହରର ଅନ୍ୟାନ୍ୟ ମନ୍ଦିର। ଅନ୍ୟପଟେ ଆଜି କୋରାପୁଟ ମଣ୍ଡଳ କାରଗାରରେ ଥିବା ବିଚାରାଧିନ ମହିଳା କଏଦୀମାନେ ସାବିତ୍ରୀ ବ୍ରତ କରିଛନ୍ତି। କାରାଗାରାରେ ଥିବା ସଧବା ମହିଳା କଏଦୀ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଜେଲରେ ଥାଇ ସେମାନେ ତାଙ୍କର ସ୍ୱାମୀଙ୍କର ମଙ୍ଗଳ ମନାସିଛନ୍ତି। କାରାଗାର ତରଫରୁ ସେମାନଙ୍କୁ ନୂତନ ଶାଢୀ ସହିତ ସମସ୍ତ ପୂଜା ସାମଗ୍ରୀ ଓ ଫଳମୂଳ ଯୋଗାଇ ଦିଆଯାଇଥିଲା।

# 'ଅରୂପା'ର ବାଣିଜ୍ୟ ମେଳା ଉଦଘାଟିତ



ସୁନାବେଡା,୧୬।୫(ସମିସ): କୋରାପୁଟ ଜିଲ୍ଲା ସୁନାବେଡା -୩ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପଡିଆଠାରେ ଅରୂପା ର ସର୍ବ ଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ- ୨୦୨୬ ଶୁକ୍ରବାର ଉଦଘାଟିତ ହୋଇଛି। ଉକ୍ତ ପ୍ରଦର୍ଶନୀକୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ମାଛ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି, ସୁନାବେଡ଼ା ପୌରାଧକ୍ଷ ଡ. ରାଜେନ୍ଦ୍ର ପାତ୍ର, ସୁନାବେଡ଼ା ପ୍ରେସ୍ କ୍ଲବ ସଭାପତି ଦିଲୀପ ମହାନ୍ତି, ସେମିଳିଗୁଡା ପ୍ରେସ କ୍ଲବ ସଭାପତି ଅଜୟ ସାହୁ, ସୁନାବେଡ଼ା ମା' ଦୁର୍ଗା ବଣିକ ସଂଘ ର ସଭାପତି ନିଳାଞ୍ଚଳ ସାହୁ ପ୍ରମୁଖ ଯୋଗଦେଇଥିଲେ। ସୁନାବେଡା ଠାରେ ପୁନର୍ବାର ଦେଢବର୍ଷ ପରେ ଅରୂପା ପଦାର୍ପଣ କରିଛି। 'ଅରୂପା'ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୋକ କୁମାର ସାହୁ ଉକ୍ତ ହସ୍ତଶିଳ୍ପ ପ୍ରଦର୍ଶନୀ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଏମ ଏସ ଏମ ଇ ବିଭାଗର ସହଯୋଗରେ ଆୟୋଜିତ ହେଉଥିବା ଏହି ବାଣିଜ୍ୟ ମେଳାରେ କୋରାପୁଟ ଜିଲ୍ଲାର କୋଟପାଡ଼ର ଶାଢ଼ୀ ଏବଂ ଗୌଡଗୁଡ଼ାର ଟେରାକୋଟା ସାମଗ୍ରୀକୁ ଅନ୍ତର୍ଭୁକ୍ତ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅରୂପା ପକ୍ଷରୁ ପ୍ରତ୍ୟେକ ଦିନ ଖାଦ୍ୟ ମେଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍କୁଲ, କଲେଜ ଓ ମହିଳାମାନଙ୍କ ପାଇଁ ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, ବକ୍ତୃତା, ପିଠା, ଫେସନ୍ ଶୋ ଓ ମେହେନ୍ଦୀ ପ୍ରତିଯୋଗୀତା ଆୟୋଜନ କରି ସମସ୍ତ ଭାଗ ନେଉଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ବିକ୍ରୟ ମେଳାରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱର୍ ଷ୍ଟଲ ରହିଥିବା ଜଣାଯାଇଛି।

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଶିବିରରେ ଜିଲ୍ଲାପାଳଙ୍କ ସମୀକ୍ଷା



ମାଲକାନଗିରି,୧୬।୫(ସମିସ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେସ ଅରବିନ୍ଦ ରଜସିର୍କେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଗସ୍ତ କରି ସେଠାରେ ଚାଲୁଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିରର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ସେ ନେଫ୍ରୋଲୋଜି, କାର୍ଡିଓଲୋଜି, ନ୍ୟୁରୋଲୋଜି ସହିତ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ଜିଲ୍ଲାପାଳ ଏସିବି ମେଡିକାଲ କଲେଜରୁ ଆସିଥିବା ବିଶେଷଜ୍ଞ ଡାକ୍ତରମାନଙ୍କ ସହିତ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସହ ସ୍ୱାସ୍ଥ୍ୟ ସେବାକୁ ନେଇ ଆଲୋଚନା କରି ରୋଗୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାରେ ଆଧୁନିକ ଚିକିତ୍ସା ସୁବିଧା ବୃଦ୍ଧି, ସୁପର ସ୍ପେଶାଲିଟି ସେବାର ସୁଦୃଢୀକରଣ ଓ ଗ୍ରାମାଞ୍ଚଳର ରୋଗୀମାନଙ୍କୁ ସହଜରେ ଉଚ୍ଚମାନର ଚିକିତ୍ସା ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ଦିଗରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ କହିଥିଲେ।

# ହିକିମ୍‌ପୁଟ ପୂର୍ବତନ ଗ୍ରାମ ମୁଖିଆଙ୍କ ପରଲୋକ



ନନ୍ଦପୁର,୧୬।୫(ସମିସ): ହିକିମପୁଟ ଗ୍ରାମ ମୁଖିଆ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଭଗବାନ ଖେମୁଣ୍ଡୁଙ୍କ ପରଲୋକ ହୋଇଛି। ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ପକ୍ଷଘାତ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ତିନି ପୁଅ ଜଗା, ଜିତୁ ଓ ମହେନ୍ଦ୍ର ସମେତ ପତ୍ନୀ ଚନ୍ଦ୍ରମା ରହିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ତଥା ଏସଡିସି ସଭାପତି ଭଗବାନ ମୁଦୁଲି, ବ୍ଲକ୍ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ପୁର୍ବତନ ଡିଆଇ ଜୟଚନ୍ଦ୍ର ଖେମୁଣ୍ଡୁ, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଭୋଇ, ପ୍ରଭାତ ଗୁରୁମାଇ, ସାମାଜିକ କର୍ମୀ ମୁନା ଦଳପତି ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତ ଶ୍ରୀ ଖେମୁଣ୍ଡୁଙ୍କ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଭଗବାନ ଖେମୁଣ୍ଡୁ ଶିକ୍ଷକତାରୁ ଅବସର ନେବା ପରେ ଦୀର୍ଘ ବର୍ଷ ଧରି ହିକିମପୁଟ ଗ୍ରାମର ଗ୍ରାମ ମୁଖିଆ ଭାବେ କାର୍ଯ୍ୟଭାର ତୁଲାଇଥିଲେ।

# କିନ୍ନର ପାଳିଲେ ସାବିତ୍ରୀ



ଉମରକୋଟ,୧୬।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୈରପରିଷଦ ଠାରେ ରହୁଥିବା କିନ୍ନର ଆଖଡ଼ା ଠାରେ ସାବିତ୍ରୀ ବ୍ରତ ପାଳନ ହୋଇଯାଇଛି। ତେବେ ସମାଜରେ ବଦଳୁଥିବା ଚିନ୍ତାଧାରା ଏବଂ ସମାବେଶିତା ଯୋଗୁଁ ଆଜିକାଲି କିନ୍ନରମାନେ ମଧ ଏହି ବ୍ରତକୁ ବେଶ୍ ନିଷ୍ଠାର ସହ ପାଳନ କରୁଥିବା ଦେଖିବାକୁ ମିଳୁଛି। କିନ୍ନରମାନେ ଗୁରୁଙ୍କୁ ନିଜର ଅଭିଭାବକ ଓ ସର୍ବସ୍ୱ ମାନନ୍ତି। ଅନେକ କିନ୍ନର ନିଜ ଗୁରୁଙ୍କ ସୁସ୍ଥତା ଓ ଦୀର୍ଘ ଜୀବନ କାମନା କରି ସାବିତ୍ରୀ ବ୍ରତ ରଖନ୍ତି। ଏହା ସହିତ କିଛି କିନ୍ନର ଭଗବାନ ଶିବ କିମ୍ବା ସେମାନଙ୍କ ଆରାଧ ଦେବତା ତଥା ବହୁଚରା ମାତା କିମ୍ବା ଅରାବନଙ୍କୁ ନିଜର ସ୍ୱାମୀ ରୂପେ ମାନି ଏହି ନିଷ୍ଠାପର ବ୍ରତ କରିଥାନ୍ତି। ସାଧାରଣ ମହିଳାମାନଙ୍କ ଭଳି କିନ୍ନରମାନେ ମଧ ଏହି ଦିନ ସକାଳୁ ସ୍ନାନ ସାରି ନୂଆ ଶାଢ଼ୀ, ଶଙ୍ଖା, ସିନ୍ଦୂର ଏବଂ ଅଳଙ୍କାର ପିନ୍ଧି ସମ୍ପୂର୍ଣ୍ଣ ସଜେଇ ହୁଅନ୍ତି। ମା' ସାବିତ୍ରୀ ଓ ସତ୍ୟବାନଙ୍କ ପୂଜା ଅର୍ଚ୍ଚନା କରନ୍ତି। ବ୍ରତ କଥା ଶୁଣନ୍ତି ଏବଂ ଦିନସାରା ଉପବାସ ରହି ସନ୍ଧ୍ୟାରେ ଫଳମୂଳ ଆହାର କରନ୍ତି। ଏହି ପର୍ବ ପାଳନ ମାଧ୍ୟମରେ କିନ୍ନର ସମୁଦାୟ ସମାଜକୁ ଏକ ସକାରାତ୍ମକ ବାର୍ତ୍ତା ଦିଅନ୍ତି ଯେ, ସେମାନେ ମଧ ଏହି ସଂସ୍କୃତି ଓ ପରମ୍ପରାର ଏକ ଅଭିନ୍ନ ଅଙ୍ଗ। ନିଜର ନାରୀତ୍ୱକୁ ସମ୍ମାନ ଜଣାଇ ଏବଂ ସନାତନ ସଂସ୍କୃତି ସହ ଯୋଡ଼ି ହୋଇ ରହିବା ପାଇଁ ସେମାନେ ଏହିପରି ଉତ୍ସବ ବେଶ୍ ଧୂମଧାମରେ ପାଳନ କରନ୍ତି। ଏହା ସେମାନଙ୍କର ଆଧ୍ୟାତ୍ମିକ ବିଶ୍ୱାସ ଏବଂ ନିଜ ସମୁଦାୟ ପ୍ରତି ଥିବା ଭଲପାଇବାକୁ ଦର୍ଶାଇଥାଏ। ଏହା ସହ ଓଡ଼ିଆ ଜାତି ଜଗନ୍ନାଥଙ୍କୁ ଶ୍ରେଷ୍ଠ ମାନିଥାନ୍ତି। କିନ୍ନର ସମାଜ ଅନୁଯାୟୀ ଜଗନ୍ନାଥ ହେଉଛନ୍ତି ଏକ ମାତ୍ର ପୁରୁଷ ଅନ୍ୟ ସମସ୍ତେ ନରନାରୀ ମହିଳା। ତେଣୁ ଜଗନ୍ନାଥଙ୍କୁ ଏହି ମାଧ୍ୟମରେ ସେମାନେ ଉପାସନା କରିଥାନ୍ତି।

# ସାବିତ୍ରୀ ପାଳିଲେ ମହିଳା









ଜୟପୁର,୧୬।୫(ସମିସ):

କୋରାପୁଟ ଜିଲ୍ଲା ଜୟପୁର ସହର ଓ ଗ୍ରାମାଞ୍ଚଳରେ ବିବାହିତ ମହିଳାମାନେ ପବିତ୍ର ସାବିତ୍ରୀ ବ୍ରତ ନିଷ୍ଠା, ଭକ୍ତି ଓ ପାରମ୍ପରିକ ଉପବାସ ରଖି ଆଜି ପୂଜାର୍ଚ୍ଚନାର ସହିତ ପାଳନ କରିଥିଲେ। ଏହି ଅବସରରେ ବିଭିନ୍ନ ମନ୍ଦିର, ସାହି ମଣ୍ଡପ ଏବଂ ନିଜ ନିଜ ଗୃହରେ ବିବାହିତ ମହିଳା ମାନେ ମିଳିତ ଭାବେ ସାବିତ୍ରୀବ୍ରତ ପାଳନ କରିଥିଲେ। ନୂତନ ଶାଢୀ, ବସ୍ତ୍ରପିନ୍ଧି ବ୍ରତଧାରୀ ମାନେ ମିଳିତ ଭାବେ ବ୍ରାହ୍ମଣ ପୁରୋହିତ ଓ ପୂଜାରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରିଥିଲେ। ସହରର ଜଗନ୍ନାଥମନ୍ଦିର, କୁଞ୍ଜବିହାରୀମନ୍ଦର, ବେହେରା ସାହି ଦକ୍ଷିଣକାଳୀ ମଣ୍ଡପ, ପାୱାରହାଉସ ହନୁମାନମନ୍ଦିର, ରସିକ ସିରୋମଣି ମନ୍ଦିର, ପାରାବେଢା ଝାଙ୍କଡଦେଇ ମନ୍ଦିର, ସାମନ୍ତରାୟ ସାହି କୃଷ୍ଣ ଚୈତନ୍ୟ ସେବାସଂଘ, ପାଠାଗାର ଗୃହ, ଠାରେ ଏହି ପୂଜା ଆୟୋଜିତ ହୋଇଥିଲା। ପୂର୍ବାହ୍ନରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ପୁରୋହିତ ଓ ପୂଜକମାନେ ଘରକୁ ଘର ବୁଲି ପୂଜାର୍ଚ୍ଚନା କରିବା ସହିତ ସାମୁହିକ ପୂଜାର୍ଚ୍ଚନାମନ୍ଦିର ଓ ପାଠାଗାର ଗୁଡିକରେ ଆୟୋଜିତ ହୋଇଥିଲା। ମହିଳାମାନେ ଭୋରରୁ ଗାଧୁଆପାଧୁଆ ହୋଇ ନୂତନ ବସ୍ତ୍ର ପିନ୍ଧିବା ସହିତ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଆମ୍ବ,ପିଜୁଳି,କୋଦଳୀ, ନଡିଆ, ଆପଲ, କମଳା, ଅଙ୍ଗୁର, ଖଜୁରୀ, ଜାମୁକୋଳି, ସପୁରି ପଣସ, ତାଳ ପ୍ରଭୃତି ଫଳମୂଳ ଏବଂ ମୁଗ, ଚିନି, ସାଗୁ ପ୍ରଭୃତି ଠାକୁରଙ୍କୁ ଭୋଗ ଲାଗି କରାଯାଇଥିଲା। ମହିଳାମାନେ ସାବିତ୍ରୀ ବ୍ରତ କଥା ପୂଜକ ଦ୍ୱାରାପାଠ କରିଥିଲେ। ଶେଷରେ ବିବାହିତ ମହିଳା ମାନେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଏବଂ ତୁଳସୀ ଚଉଁରା ନିକଟରେ ପୂଜାର୍ଚ୍ଚନା କରିବା ପୂଜା ହୋଇଥିବା ଫଳମୂଳ ଏବଂ ମୁଗ, ସାଗୁ ଓ ଚିନି ଖାଦ୍ୟ ଭାବେ ଗ୍ରହଣ କରିଥିଲେ। ସ୍ୱାମୀ, ବୟସ୍କ ଏବଂ ଗୁରୁଜନ ମାନଙ୍କୁ ବ୍ରତଧାରୀ ମହିଳା ମାନେ ମୁଣ୍ଡିଆ ମାରି ଆଶୀର୍ବାଦ ଗ୍ରହଣ କରିଥିଲେ।

**ଦାମନଯୋଡ଼ି:** ଶନିବାର ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ଉପବାସ କରି ନୂଆ ଶାଢ଼ୀ, ଶଙ୍ଖା, ସିନ୍ଦୂର,ଫଳ,ବିଭିନ୍ନ ପୂଜା ସାମଗ୍ରୀ ନେଇ ବିଭିନ୍ନ ମନ୍ଦିର,ଚଉଁରା ମୂଳେ, ବଟ ବୃକ୍ଷ ମୂଳରେ ଶ୍ରୀ ଲକ୍ଷ୍ମୀନାରାୟଣଙ୍କ ଫଟୋ ରଖି ବ୍ରତ ପାଳିଥିଲେ। ସାବିତ୍ରୀ ଉପାଖ୍ୟାନ ପାଠ କରିଥିଲେ। ଦାମନଯୋଡ଼ିର ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର ନାଲକୋ ଟାଉନସିପ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ସହିତ ଭେଜାପୁଟ, ମାଥାଲପୁଟ, ଅଁଳାବାଡ଼ି କଲୋନୀ, ମରିଚମାଳ ଓ ଚମ୍ପାପଦର କଲୋନୀ ଆଦି ସ୍ଥାନରେ ଥିବା ବିଭିନ୍ନ ମନ୍ଦିରମାନଙ୍କରେ ସାବିତ୍ରୀ ବ୍ରତ ପାଇଁ ମହିଳାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂଜା ଶେଷ ପରେ ବ୍ରତଧାରୀ ମହିଳାମାନେ ମା' ସାବିତ୍ରୀଙ୍କ ପାଖରେ ଭୋଗଲାଗି କରିଥିବା ଧୂଆମୁଗ, ନଡ଼ିଆ, କଦଳୀ, ଆମ୍ବ, ପଣସ, ସପୁରୀ, ଖଜୁରୀ, ତାଳସଜ ଆଦି ଫଳାହାର କରିବା ବିଧି ରହିଛି।

**ଲକ୍ଷ୍ମୀପୁର:** ଆଜି ଘରେ ଘରେ ଏବଂ ମନ୍ଦିରମାନଙ୍କରେ ବିବାହିତ ମହିଳାମାନେ ଶ୍ରଦ୍ଧାରର ସହିତ ସାବିତ୍ରୀ ବ୍ରତ ପାଳିଛନ୍ତି। ଉପବାସ ରହି ଫଳ ମୂଳ ଧରି ଠାକୁର ଙ୍କ ପାଖରେ ପୂଜା କରିଛନ୍ତି। ରାମ ମନ୍ଦିର, ଶିବ ମନ୍ଦିର ଏବଂ ଘରେ ଘରେ ମଧ ପୂଜା କରିଛନ୍ତି।

**ନବରଙ୍ଗପୁର:** ନବରଙ୍ଗପୁର ସହରରେ ସୋମବାର ବହୁ ଆଡ଼ମ୍ବରରେ ପବିତ୍ର ସାବିତ୍ରୀ ବ୍ରତ ପାଳନ କରିଛନ୍ତି ସହରର ବହୁ ବିବାହିତା ମହିଳା। ନବରଙ୍ଗପୁର ଜିଲ୍ଲା ରାଜ ପୁରୋହିତ ତଥା ପଣ୍ଡିତ ସୁମିତ କୁମାର ହଡ଼ପଙ୍କ ଗୁରୁ ତଥା ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀଙ୍କ ଅନୁପସ୍ଥିତିରେ ପ୍ରାୟ କିଛି ଅଞ୍ଚଳରେ ପାଳିତ ହୋଇଯାଇଛି ସାବିତ୍ରୀ ଅମାବାସ୍ୟା ବ୍ରତ। ଆଜି ନବରଙ୍ଗପୁର ବହୁ ବିବାହିତା ସଧବା ମହିଳା ନବରଙ୍ଗପୁର ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ମାଁ ମହାଲକ୍ଷ୍ମୀ ମନ୍ଦିରକୁ ଯାଇ ମହାଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର ନାଥ ଶତପଥୀ ଏବଂ ସୁଧୀର ଶତପଥୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରିଥିଲେ ସମସ୍ତ ମହିଳା। ଶ୍ରୀଜଗନ୍ନାଥ ମନ୍ଦିର ମହିଳାଙ୍କ ବହୁ ମାତ୍ରାରେ ଭିଡ ଦେଖିବାକୁ ମିଳିଥିଲା। ଆଜିର ପବିତ୍ର ଦିନରେ ନୂତନ ଶାଢ଼ୀ , ଶଙ୍ଖା , ସିନ୍ଦୁର , ଚୁଡ଼ି, ମାଳି ଭଗବାନଙ୍କୁ ଅର୍ପଣ କରିଥିଲେ। ଏଥି ସହିତ ସ୍ୱାମୀଙ୍କ ଦୀର୍ଘାୟୁ କାମନା ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ପୂଜା ସରିବା ପରେ ନୂତନ ବସ୍ତ୍ର ପରିଧାନ କରି ପୂଜା ଶେଷରେ ସ୍ୱାମୀଙ୍କ ସମେତ ଘରର ବଡ଼ ମାନଙ୍କ ପଦପୂଜା ମଧ କରିଥିବା ନଜରକୁ ଆସିଥିଲା।

**ଉମରକୋଟ:** ଉମରକୋଟ ସହରରେ ବିବାହିତମହିଳାମାନେ ସ୍ଥାନୀୟ ଇଶାନେଶ୍ୱର ଶିବମନ୍ଦିର ଠାରେ ଏକତ୍ରିତ ହୋଇ ନୂଆ ବସ୍ତ୍ର ପରିଧାନ କରି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ପୂଜକ ଦେବେନ୍ଦ୍ର ପଣ୍ଡା ଓ ପୂଜକ ବେଣୁଧର ମିଶ୍ର, ପ୍ରଦୀପ ମୁରାରି ଓ ଜିତେନ୍ଦ୍ର ମିଶ୍ର ପ୍ରମୁଖ ଓ ମନ୍ଦିର କମିଟିର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମକୁ ସାହାଯ୍ୟ କରିଥିଲେ। ଏହି ସାବିତ୍ରୀ ବ୍ରତରେ ଶଙ୍ଖା, ସିନ୍ଦୁର ସହିତ ବିଭିନ୍ନ ଫଳମୂଳରେ ଭରା ଭୋଗ ଥାଳି ଧରି ମନ୍ଦିରରେ ବିବାହିତ ମହିଳାମାନେ ସମ୍ମିଳିତ ହୋଇ ପାଳନ କରିଥିଲେ ସାବିତ୍ରୀ ବ୍ରତ। ବିଭିନ୍ନ ଫଳମୂଳ ଦ୍ୱାରା ମା'ଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା।

## କେନ୍ଦୁପତ୍ର ତୋଳାଳିଙ୍କୁ ମିଳୁନି ବୋନସ୍ ଓ ସହାୟତା ଟଙ୍କା

# ଛତିଶଗଡ଼ ବେପାରୀଙ୍କୁ କେରୀ ବିକ୍ରି କରୁଛନ୍ତି ତୋଳାଳି



କଲ୍ୟାଣସିଂହପୁର,୧୬।୫(ସମିସ): ସରକାରୀ ଫଡିରେ କେନ୍ଦୁପତ୍ର କେରି ବିକ୍ରି କଲେ ବୋନସ ସହ ଛତା ଓ ଜୋତା ମିଳିବାର ପ୍ରାବଧାନ ରହିଛି। ରାୟଗଡା ଜିଲ୍ଲାର ବିଭିନ୍ନ ୨୦୨୫ ଡିସେମ୍ବରରେ କେନ୍ଦୁପତ୍ର ତୋଳାଳିଙ୍କ ୪୬୦ ଟଙ୍କା ଲେଖାଏଁ ଏହି ବାବଦରେ ପ୍ରଦାନ କରାଯାଇଛି। ତେବେ ବୋନସ୍ ପ୍ରଦାନରେ ଅହେତୁକ ବିଳମ୍ବ କାରଣରୁ ତୋଳାଳି ଛତିଶଗଡ଼ ବେପାରୀଙ୍କୁ କେରି ବିକ୍ରି କରୁଛନ୍ତି। କଲ୍ୟାଣସିଂହପୁର ଓ ମାଝୀଗୁଡା ଅଂଚଳରେ ଛତିଶଗଡ଼ ବେପାରୀ ଫଡ଼ି ଖୋଲି ଚଢ଼ା ଦରରେ କେନ୍ଦୁପତ୍ର କିଣୁଛନ୍ତି। କେରି ପିଛା ୬ ଟଙ୍କାରେ କିଣୁଥିବାରୁ ସରକାରୀ ଫଡି ପ୍ରତି ମୁହଁ ମୋଡ଼ିଛନ୍ତି ତୋଳାଳି। ଏପଟେ କେନ୍ଦୁପତ୍ର ସଂଗ୍ରହ ନେଇ ସରକାରୀ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନେଇ ଚିନ୍ତାରେ ପଡ଼ିଛନ୍ତି କେନ୍ଦୁପତ୍ର ବିଭାଗ ଅଧିକାରୀ। ବ୍ୟକ୍ତିଗତ ଫଡିରେ କେରି ବିକ୍ରି କଲେ ତୁରନ୍ତ ଟଙ୍କା ମିଳୁଥିବା ବେଳେ ସରକାରୀ ଫଡିରେ ଟଙ୍କା ପାଇଁ ଅପେକ୍ଷା କରିବାକୁ ପଡୁଛି। ଫଡି ଗୁଡ଼ିକରେ ଚଢ଼ଉ କଲେ ବହୁ ଅନିୟମିତତା ପଦାକୁ ଆସିବ ବୋଲି ଅଭିଯୋଗ ହୋଇଛି। କେରି କିଣିବା ଲାଗି ବୁଢ଼ାଗୁଡା କେନ୍ଦୁପତ୍ର ଗୋଦାମ

### ଧାର୍ଯ୍ୟ ଲକ୍ଷ୍ୟପୂରଣକୁ ନେଇ ଚିନ୍ତାରେ ବିଭାଗ ଅଧିକାରୀ

ରହିଥିବା ବେଳେ କାଁ ଭା ଗୋଟିଏ କି ଦୁଇଟି ଗାଡି ଯାଉଛି। ନଚେତ ଅନେକ ଟ୍ରକ ଆଇଚର ଟ୍ରାକ୍ଟର ଗୁଡାକ ବେସରକାରୀ ମାଲିକମାନେ ଅମଲା ଭଟା, କଳାହାଣ୍ଡି ଜିଲ୍ଲାର ବିଜେପୁର ଓ ଛତିଶଗଡ଼ ଚାଲି ଯାଉଛି। ଏହି ଦୁର୍ନୀତି କାର୍ଯ୍ୟରେ କେନ୍ଦୁଲିପି ବିଭାଗର ମୂଳରୁ ଚୂଳ ପର୍ଯ୍ୟନ୍ତ ଅଧିକାରୀଙ୍କ ହାତ ରହୁଛି। ଯାହାଦ୍ୱାରା ଦିନ ଦି ପ୍ରହରରେ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ କେରି କିଣିବା ଲକ୍ଷ୍ୟ ରହିଛି, ଯାହାର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କା। ତେବେ ୨୦୨୫ ବର୍ଷର ବୋନସ୍ ଏଯାବତ୍ ମିଳି ନ ଥିବାରୁ ଚଳିତ ବର୍ଷ ବେସରକାରୀ ଫଡିରେ କେନ୍ଦୁପତ୍ର ବିକ୍ରି କରିବା ପାଇଁ ତୋଳାଳି ନିଷ୍ପତ୍ତି ନେଇଛନ୍ତି। କଲ୍ୟାଣସିଂହପୁର ସରକାରୀ ଫଡି ରହିଛି। କେରି ପିଛା ସରକାରୀ ଦର ରହିଛି ୩ ଟଙ୍କା ୨୦ ପଇସା। ବେସରକାରୀ ଫଡିରେ କେରି ୪ ଟଙ୍କାରୁ ଆରମ୍ଭ ହୋଇ ୬ ଟଙ୍କା ପର୍ଯ୍ୟନ୍ତ ରହିଛି। ୨୦୨୪ରେ କେନ୍ଦୁପତ୍ର ତୋଳାଳି କେରି ପିଛା ୮୦ ପଇସା ବୋନସ୍ ପାଇଥିଲେ। ୨୦୨୫ର ବୋନସ୍ ମିଳିନଥିବାରୁ କେରି ପିଛା କେତେ ମିଳିବ ସେନେଇ ସନ୍ଦେହରେ ଅଛନ୍ତି ତୋଳାଳିମାନେ। ସରକାରୀ ଅବହେଳାର ସୁଯୋଗ ନେଇ ବ୍ଲକର ବହୁ ପଞ୍ଚାୟତରେ ବ୍ୟକ୍ତିଗତ ବେସରକାରୀ ଫଡି ବ୍ୟାପକ ଭାବେ ଖୋଲିବାରେ ଲାଗିଛନ୍ତି। ଅନେକ ଚାଲାଣ ମଧ୍ୟ ହୋଇଗଲାଣି। ବିଭିନ୍ନ ପଞ୍ଚାୟତରେ ଆଦାୟ ହେଉଥିବା କେନ୍ଦୁପତ୍ର ବେସରକାରୀ ସଂସ୍ଥା ହାତେଇବା ପରେ ଫଡି ମାଲିକମାନେ ମନଇଛା ଫଡି ଖୋଲି ଚଢ଼ା ଦରରେ କେନ୍ଦୁପତ୍ର କିଣୁଥିବାରୁ ସରକାରୀ ଫଡିକୁ ଯାଉନାହାନ୍ତି ତୋଳାଳି। ବିଭାଗୀୟ ଅଧିକାରୀ ଗ୍ରାଉଣ୍ଡ ଜିରୋକୁ ଯାଇ ତଦନ୍ତ କଲେ ତଥ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହୋଇଛି।

● ମାଥିଲି ପେଟ୍ରୋଲ ପମ୍ପରେ ଗ୍ରାହକଙ୍କ ଲମ୍ବାଧାଡି

# ପେଟ୍ରୋଲ ୨୦୦, ଡିଜେଲ ୫୦୦ ଟଙ୍କାର ମିଳୁଛି



ମାଥିଲି,୧୬।୫(ସମିସ): ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଅଛି ବୋଲି ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କିନ୍ତୁ ରାଜ୍ୟରେ ଅନେକ ତେଲ ଟାଙ୍କିରେ ପେଟ୍ରୋଲ ଓ ଡିଜେଲ ନଥିବାରୁ ଗାଡି ଚାଳକମାନେ ଟାଙ୍କିକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ଯେଉଁ ଟାଙ୍କିରେ ପେଟ୍ରୋଲ ଓ ଡିଜେଲ ଅଛି ସେମାନେ ପେଟ୍ରୋଲ ୨ ଶହ ଟଙ୍କାର ଦେଉଥିବା ବେଳେ ଡିଜେଲ ମାତ୍ର ୫ ଶହ ଟଙ୍କାର ଦେଉଛନ୍ତି। ଯାହା ଫଳରେ ଲୋକମାନେ ଜରୁରୀ କାର୍ଯ୍ୟରେ ବାହାରିଲେ ତେଲ ଟାଙ୍କିରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ଆବଶ୍ୟକ ମୁତାବକ ତେଲ ମିଳୁ ନାହିଁ। ଯାହା ଫଳରେ ଗାଡି ଚାଳକମାନେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ତାହା ସହିତ ସମୟ ସୀମା ଭିତରେ ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରୁନାହାନ୍ତି। ରାଜ୍ୟରେ ଏପରି ସ୍ଥିତିରେ ଉପାନ୍ତ ମାଲକାନଗିରି ଜିଲ୍ଲା ମଥିଲିରେ ମଧ୍ୟ ଟାଙ୍କି ମାନଙ୍କରେ ଲମ୍ବା ଲାଇନ ଦେଖିବାକୁ ମିଳିଛି। ସୂଚନା ଥାଉଯେ, ମାଥିଲି ସଦର ମହକୁମାରେ ତିନୋଟି ତେଲ ଟାଙ୍କି ଥିବା ବେଳେ ସମସ୍ତ ଟାଙ୍କିରେ ଲମ୍ବା ଲାଇନରେ ଛିଡ଼ା ହେବା ପରେ ପେଟ୍ରୋଲ ୨ ଶହ ଓ ଡିଜେଲ ମାତ୍ର ୫ ଶହ ଟଙ୍କାର ମିଳୁଛି। ଯାହା ଗ୍ରାମମାନଙ୍କର ଆବଶ୍ୟକ ମୁତାବକ ତେଲ ମିଳୁ ନଥିବା ଅଭିଯୋଗ ହୋଇଛି। ରାଜ୍ୟରେ ତୈଳ ସଙ୍କଟ ନଥିବା ରାଜ୍ୟ ସରକାର କହୁଥିବା ବେଳେ ଗାଡି ମାଲିକମାନେ ଗୁଜବକୁ ବିଶ୍ୱାସ କରି ଆବଶ୍ୟକ ନଥିଲେ ବି ପେଟ୍ରୋଲ ଓ ଡିଜେଲ ପକେଇବା ପାଇଁ ଟାଙ୍କିକୁ ଆସୁଥିବା କାରଣରୁ ଟାଙ୍କିମାନଙ୍କରେ ଏପରି ଲମ୍ବା ଲାଇନ ହେଉଛି। ସମସ୍ତଙ୍କୁ ତେଲ ମିଳୁ ବୋଲି ଏପରି ପଦକ୍ଷେପ ନେଇଛନ୍ତି ବୋଲି ଟାଙ୍କି ମାଲିକମାନେ କହିଛନ୍ତି।

# ଶକ୍ତି ଅନୁଷ୍ଠାନରେ ୫୦ ଆଦିବାସୀ ପରିବାରଙ୍କୁ ଖାଦ୍ୟ ଶସ୍ୟ ବଣ୍ଟନ



ରାୟଗଡ,୧୬।୫(ସମିସ): ଶନିବାର ଦିନ ସ୍ଥାନୀୟ ଶକ୍ତି ଅନୁଷ୍ଠାନ କୋତପେଟା ସ୍ଥିତ ନିଜର ପ୍ରଶାସନିକ ଭବନ ପରିସରରେ ରାୟଗଡ ବ୍ଲକ ଅଧିନସ୍ଥ କୁଲିଗୁଡା ଓ ତର୍ଲାବାଡି ଗ୍ରାମର ୫୦ ଜଣ ଆଦିବାସୀ ପରିବାରଙ୍କୁ ପରିବାର ପିଛା ୨୬ କେଜି ଚାଉଳ ଓ ୪ କେଜି ଡାଲି ସ୍ଥାନୀୟ ବିଧାୟକଙ୍କ ହାତରେ ବଣ୍ଟନ କରାଯାଇଛି। ଉକ୍ତ ବଣ୍ଟନ ଉତ୍ସବରେ ସ୍ଥାନୀୟ ବିଧାୟକ କାଡ୍ରାକା ଆପଲସ୍ୱାମୀ ଉପସ୍ଥିତ ରହି ସମସ୍ତ ପରିବାରଙ୍କୁ ଖାଦ୍ୟ ଶସ୍ୟ ବଣ୍ଟନ କରିବା ସହ ଶକ୍ତି ଅନୁଷ୍ଠାନର ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶକ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ ସ୍ୱାଗତ ସମ୍ଭାଷଣ ଦେବାପରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଅଖିଲ ରଞ୍ଜନ ପଣ୍ଡା କହିଥିଲେ, ଏହି ଖାଦ୍ୟ ଶସ୍ୟ ଅନୁଷ୍ଠାନ ମାଧ୍ୟମରେ ଜୀବ ଦୟା ଫାଉଣ୍ଡେସନ ଅନୁଷ୍ଠାନ ଦ୍ୱାରା ପରିଚାଳିତ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଓ ଶିଶୁମାନଙ୍କ ପୋଷଣ କାର୍ଯ୍ୟକ୍ରମର ଏକ ଅଂଶ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାୟଗଡ ଜିଲ୍ଲାର ରାମନାଗୁଡା ଓ ରାୟଗଡ ବ୍ଲକର ୨୦୦ ଆଦିବାସୀ ପରିବାରର ୨୦୦ ଜଣ ଶିଶୁ ଓ ସେମାଙ୍କର ପରିବାର ଉପକୃତ ହେଉଛନ୍ତି। ପ୍ରତ୍ୟେକ ଦିନ ସମସ୍ତ ଶିଶୁମାନଙ୍କୁ କ୍ଷୀର ଓ ବିସ୍କୁଟ ଦିଆଯାଉଥିବା ବେଳେ ସେମାନଙ୍କୁ ଶୀତ ବସ୍ତ୍ର ସମେତ ବର୍ଷକୁ ୩ ହଳ ପୋଷାକ ବଣ୍ଟନ କରାଯାଉଛି। ତାହା ଛଡା ଏହି ୨୦୦ ପରିବାରକୁ ବର୍ଷକୁ ଦୁଇଥର ଚାଉଳ ଓ ଡାଲି ଦିଆଯାଇ ଆସୁଥିବା ବେଳେ ପ୍ରତ୍ୟେକ ଦିନ ଶିଶୁ ମାନଙ୍କୁ ପ୍ରାରମ୍ଭିକ ଶିକ୍ଷା ଦିଆଯାଉଛି ବୋଲି କୁହାଯାଇଛି। ଶକ୍ତି ଅନୁଷ୍ଠାନର କର୍ମୀ ନରେଶ ପେଦେନ୍ଟି, ଯେଦୁ ଶ୍ରୀନିବାସ ରାଓ, ମାଲେଡି କ୍ରୀଷ୍ଟୋ ରାଓ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଟିକିରିରେ ସାବିତ୍ରୀ ବ୍ରତ

ଟିକିରି,୧୬।୫(ସମିସ): ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିବା ସହଁ ଶୁଭମନାସୀ ଆଜି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସାବିତ୍ରୀ ବ୍ରତ ପାଇଁ ଦୋକାନ ବଜାର ଠାରୁ ଆରମ୍ଭ କରି ଶାଢୀ, ଗହଣା ଷ୍ଟେସନାରୀ, ଫଳମୂଳ ଦୋକାନରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ପୂଜା ସାମଗ୍ରୀ କିଣିଥିବା ପାଇଁ ଦୋକାନ ବଜାର ଚଳଚଞ୍ଚଳ ହୋଇଥିବା ଦେଖିବାକୁ ମିଳିଥିଲା। ସ୍ତ୍ରୀଲୋକମାନେ ଉପବାସ ରହି ଆମ୍ବ, ପଣସ, ସପୁରୀ, ଲିଚୁ, କମଳା, ସପେଟା, ଅଙ୍ଗୁର, ପିଜୁଳି, କଦଳୀ, ଖଜୁରି, ତାଳ ଆଦି ଫଳମୂଳ ସହ ଗଜା ମୁଗ ଭୋଗ ଧରି ମନ୍ଦିର ଓ ଘରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିଥିଲେ। ଟିକିରିର ଜଗନ୍ନାଥ ମନ୍ଦିର, ଗକୁଲମୁଣ୍ଡା ତ୍ରିନାଥ ମନ୍ଦିର, ଡୁଡୁକାବାହାଲ ଶିବ ମନ୍ଦିର ଓ ଘରେ ଘରେ ସାବିତ୍ରୀ ବ୍ରତ ହୋଇଥିଲା।



## ପୁଲିସ-ମାଜିଷ୍ଟ୍ରେଟ୍ ମିଳିତ ସମନ୍ୱୟ ବୈଠକ

# ହିଂସା ଓ ଭୟମୁକ୍ତ ସମାଜ ଗଠନ ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ



ମାଲକାନଗିରି,୧୬।୫(ସମିସ): ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା, ଅପରାଧମୁକ୍ତ ବାତାବରଣ ସୃଷ୍ଟି କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ସାମାଜିକ ସଂହତିକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଏକ ମହତ୍ତ୍ୱପୂର୍ଣ୍ଣ ପୋଲିସ-ମାଜିଷ୍ଟ୍ରେଟ୍ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଏବଂ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଏହି ଦୀର୍ଘସମୟ ବ୍ୟାପୀ ଗୁରୁତ୍ୱପୂର୍ଣ୍ଣ ବୈଠକ ଚାଲିଥିଲା। ଏହି ଉଚ୍ଚସ୍ତରୀୟ ପ୍ରଶାସନିକ ସମୀକ୍ଷାରେ ଜିଲ୍ଲାର ସମସ୍ତ ଉପଖଣ୍ଡର ତହସିଲଦାର (ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍) ଏବଂ ସମସ୍ତ ଥାନାର ଅଧିକାରୀମାନେ ଯୋଗଦେଇ ପ୍ରଶାସନିକ ଓ ପୋଲିସ ମିଳିତ କାର୍ଯ୍ୟାନୁଷ୍ଠାନର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଏହି ବୈଠକରେ ଜିଲ୍ଲାର ସମସାମୟିକ ଆଭ୍ୟନ୍ତରୀଣ ସୁରକ୍ଷା ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇ ଅନେକ କଠୋର ନିଷ୍ପତ୍ତିମାନ ଗ୍ରହଣ କରାଯାଇଛି। ବିଶେଷ କରି ସରକାରୀ କିମ୍ବା ବେସରକାରୀ ଜମିର ମାପଚୁପ ସମୟରେ ତହସିଲଦାରମାନଙ୍କୁ ସମ୍ପୂର୍ଣ୍ଣ ପୋଲିସ ଫୋର୍ସ ଯୋଗାଇ ଦିଆଯିବ, ଯେପରି ସ୍ଥାନୀୟ ଅଞ୍ଚଳରେ କୌଣସି ଉତ୍ତେଜନା କିମ୍ବା ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନହୁଏ। ଏହାସହ ସରକାରୀ ଜମିକୁ ବେଆଇନ ଭାବେ ମାଡ଼ି ବସିଥିବା ଭୂମି ମାଫିଆଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଯିବ ଏବଂ ମିଳିତ ଚଢ଼ଉ କରାଯାଇ ଜବରଦଖଲ ମୁକ୍ତ କରାଯିବ। ପ୍ରତ୍ୟେକ ଗ୍ରାମାଞ୍ଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରାଯିବା ସହ ମହିଳା ଓ ଶିଶୁମାନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସେମାନଙ୍କ ଅଭିଯୋଗ ଉପରେ ତୁରନ୍ତ ଦଣ୍ଡବିଧାନ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲ୍ଲାର ଆଭ୍ୟନ୍ତରୀଣ ତଥା ସୀମାନ୍ତ ଅଞ୍ଚଳ ଦେଇ ହେଉଥିବା ମାନବ ଚାଲାଣ ରୋକିବା ପାଇଁ ଏକ ସ୍ପେଶାଲ୍ ଟାସ୍କ ଫୋର୍ସ କାର୍ଯ୍ୟ କରିବ ବୋଲି ସ୍ଥିର ହୋଇଛି। ଜିଲ୍ଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ସମାଜରେ ଶାନ୍ତି ଭଙ୍ଗ କରୁଥିବା ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଗୁଜବ ବା କୌଣସି ସନ୍ଦେହ ଆଧାରରେ ଉତ୍ୟକ୍ତ ଜନତା ଆଇନକୁ ହାତକୁ ନେଇ କାହାକୁ ଆକ୍ରମଣ କଲେ, ସେମାନଙ୍କ ବିରୋଧରେ ସଙ୍ଗୀନ ଦଫା ଲଗାଇ ଗିରଫ କରାଯିବ ଏବଂ ଲୋକଙ୍କୁ ସଚେତନ କରିବାକୁ ବ୍ୟାପକ ଗ୍ରାମସଭାମାନ କରାଯିବ । ଏହା ବ୍ୟତୀତ ଧର୍ମାନ୍ତରୀକରଣ ମାମଲା ଏବଂ ଗୋ-ହତ୍ୟା କିମ୍ବା ବେଆଇନ ଗୋ-ଚାଲାଣ ଭଳି ସମ୍ବେଦନଶୀଳ ମାମଲାକୁ କଡ଼ା ହାତରେ ଦମନ କରାଯିବ, ଯେପରି ସମାଜରେ କୌଣସି ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହେବାର ସୁଯୋଗ ରହିବ ନାହିଁ। ଏହି ସମନ୍ୱୟ ବୈଠକ ମାଧ୍ୟମରେ ସମଗ୍ର ମାଲକାନଗିରି ଜିଲ୍ଲାବାସୀଙ୍କୁ ଶାନ୍ତିପୂର୍ଣ୍ଣ ସହଭାବସ୍ଥାନର ବାର୍ତ୍ତା ଦେଇ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ କହିଥିଲେ, "ଶାନ୍ତି, ମୈତ୍ରୀ ଏବଂ ପାରସ୍ପରିକ ଭାଇଚାରା ହେଉଛି ଆମ ସମାଜର ପ୍ରକୃତ ଶକ୍ତି। ଯେକୌଣସି ବିବାଦର ସମାଧାନ ହିଂସା ଦ୍ୱାରା ନୁହେଁ, ବରଂ ଆଲୋଚନା ଓ ଆଇନଗତ ପ୍ରକ୍ରିୟା ମାଧ୍ୟମରେ ହିଁ ସମ୍ଭବ। ମାଲକାନଗିରି ଜିଲ୍ଲାର ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ଓ ସାମାଜିକ ସଂହତି ରକ୍ଷା କରିବା ଆମର ସର୍ବୋଚ୍ଚ ପ୍ରାଥମିକତା। ସମସ୍ତେ ମିଶି ଏକ ସୁସ୍ଥ, ସୁରକ୍ଷିତ ଏବଂ ଭୟମୁକ୍ତ ସମାଜ ଗଠନ ଦିଗରେ ଆଗେଇ ଆସିବା ଏବଂ ପରସ୍ପର ମଧ୍ୟରେ ସଦ୍ଭାବନା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ମିଳିତ ବୈଠକ ଜିଲ୍ଲାର ଜନସାଧାରଣଙ୍କ ମଧ୍ୟରେ ପ୍ରଶାସନ ଓ ପୋଲିସ ପ୍ରତି ଥିବା ବିଶ୍ୱାସକୁ ଆହୁରି ଦ୍ୱିଗୁଣିତ କରିଛି।

# ଜନଆକ୍ରୋଶ ମହିଳା ସମାବେଶ କାର୍ଯ୍ୟକ୍ରମ




ରାୟଗଡ଼ା,୧୬।୫(ସମିସ): ରାୟଗଡ ନଗର ମଣ୍ଡଳଠାରେ ବିଜେପି ନଗର ମହିଳା ମୋର୍ଚ୍ଚା ନେତୃତ୍ୱରେ ମହିଳା ଜନ ଆକ୍ରୋଶ ମହିଳା ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହିଳାମାନେ ସ୍ଥାନୀୟ ଜ୍ୟୋତି ମହଲ ହୋଟେଲ ଠାରୁ କପିଳାସ ଛକ ପର୍ଯ୍ୟନ୍ତ ରାଲି କରିଥିଲେ। ନାରୀ ସଂରକ୍ଷଣ ବିଲକୁ ପାରିତ ହେବାରୁ ବଞ୍ଚିତ କରିଥିବା ଇଣ୍ଡି ମେଣ୍ଟ ତଥା ବିରୋଧରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବିରୋଧୀ ଦଳର ନେତାମାନଙ୍କ ଏବଂ ସ୍ଥାନୀୟ ସାଂସଦଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ନଗର ସଭାପତି ରାଜେଶ କୁମାର ପାଣିଗ୍ରାହୀ, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ରଚନା ସାହୁ, ନଗର ପ୍ରଭାରୀ ଚକ୍ର ବିଡ଼ିକା, ଜିଲ୍ଲା ମହିଳା ନେତ୍ରୀ ରଜିତା କୋରଡ଼ା, ନଗର ସାଧାରଣ ସମ୍ପାଦକ ଅଜୟ ତୁଲେଟ, ରାଜେଶ ନାଇଡୁ, ଉପସଭାତି ଦେବଗିରି ପଟ୍ଟନାୟକ, ବି.ଦେବୀ, ଶିବା ଭାସ୍କର, ରିଙ୍କି ସାହୁ, ସମ୍ପାଦକ ପି. ସାଇ, ରାଜ୍ୟ ଜନଜାତି ମୋର୍ଚ୍ଚାର ଉପସଭାପତି ବସନ୍ତ ଉଲ୍ଲାକା, ସାଂସଦ ପ୍ରାର୍ଥୀ କାଳୀ ରାମ ମାଝୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗଣ, ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଉମେଶ ଖୋସଲାଙ୍କ ସମେତ ନଗର ଭାଜପାର ଅନେକ ନାରୀ ନେତ୍ରୀ, ଜିଲ୍ଲା ପଦାଧିକାରୀ, ଜିଲ୍ଲା ନାରୀନେତ୍ରୀ ଏବଂ ବରିଷ୍ଠ ନେତୃବୃନ୍ଦ ସହ ବହୁ ସଂଖ୍ୟକ ମହିଳା କର୍ମୀ ଓ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ନାରୀ ସଶକ୍ତୀକରଣ ପକ୍ଷରେ ନିଜର ସମର୍ଥନ ପ୍ରକାଶ କରିଥିଲେ।

## ମାଷ୍ଟର କ୍ରାଫ୍ଟ ପର୍ସନ ନିୟମ ବଦଳାଇଲା ହସ୍ତଶିଳ୍ପ ବିଭାଗ

# ୩ ଡଙ୍ଗରିଆ ମହିଳା ଓ ହସ୍ତଶିଳ୍ପୀ ହିମାଂଶୁ ଏମ୍‌ସିପି ମନୋନୀତ






ରାୟଗଡ,୧୬।୫(ସମିସ): ସାରା ବିଶ୍ୱରେ ଆଦିବାସୀ ବହୁଳ ରାୟଗଡ଼ ଜିଲ୍ଲାର ନିୟମଗିରି ପାହାଡ଼ ପାଦଦେଶରେ ବସବାସ କରୁଥିବା ବିରଳ ଜନଜାତି ଡଙ୍ଗରିଆମାନେ ନିଜ ଜୀବନ ଜୀବିକା ସହ ନିଜେ ବୁଣୁଥିବା କପଡା ଗୁନ୍ଦା ସାଲ ପାଇଁ ବେଶ ପ୍ରସିଦ୍ଧି ଲାଭ କରିଛନ୍ତି। କିନ୍ତୁ ଏହି ସାଲର ବଜାରୀକରଣ ପାଇଁ ଦକ୍ଷତାରେ ପରିପୂର୍ଣ୍ଣ ଥିବା ସରକାରୀ ସହାୟତା ତଥା ବିଭାଗୀୟ ଯୋଜନାରେ ସେମାନଙ୍କୁ ସାମିଲ କରି ମାଷ୍ଟର କ୍ରାଫ୍ଟ ପର୍ସନ(ଏମସିପି) ନିମନ୍ତେ ଡଙ୍ଗରିଆ ମହିଳାଙ୍କ ପାଇଁ ବାଧକ ହେଉଥିଲା ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା। ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନ ଥିବାରୁ ହୋଇପାରୁନଥିଲେ ମାଷ୍ଟର କ୍ରାଫ୍ଟ ପର୍ସନ(ଏମସିପି)। ନିୟମଗିରି ପାହାଡରେ ଡଙ୍ଗରିଆ କନ୍ଧଙ୍କ ବିଭିନ୍ନ ଚାଷ ତାଙ୍କ ଜୀବନ ଜୀବିକାର ମୁଖ୍ୟ ମାଧ୍ୟମ ପାଲଟିଥିବା ବେଳେ ଡଙ୍ଗରିଆଙ୍କୁ ଦେଶ ତଥା ବିଦେଶରେ ପରିଚିତ କରିବାର ପ୍ରମୁଖ ମାଧ୍ୟମ ପାଲଟିଛି ସେମାନଙ୍କ ଦ୍ୱାରା ପ୍ରସ୍ତୁତ କପଡାଗୁନ୍ଦା ସାଲ୍। ଦିନକୁ ଦିନ ଡଙ୍ଗରିଆ କନ୍ଧଙ୍କ ନୂତନ ପିଢି ଏହି ସାଲ ପ୍ରସ୍ତୁତ କରିବା ପାଇଁ ଆଗଭର ଦେଖାଉନଥିବାରୁ ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଏହାକୁ ନେଇ ସମୀକ୍ଷା କରିଥିଲା। ସେଠାକାର ମହିଳା ମାନଙ୍କୁ ପ୍ରଶିକ୍ଷଣ ଦେବାକୁ ଆବଶ୍ୟକ ସଂଖ୍ୟାରେ ପ୍ରଶିକ୍ଷକ ନଥିଲେ। ଏଥିରେ ବାଧକ ଥିଲା ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା। ଏହି ସମସ୍ୟାକୁ ସମୀକ୍ଷା କରି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଡଙ୍ଗରିଆ ମହିଳାଙ୍କ ସ୍ଥିତି ଏବଂ କପଡାଗୁନ୍ଦାକୁ ସଂପର୍କରେ ସେମାନଙ୍କ ଅଭିଜ୍ଞତାକୁ ନେଇ ସରକାରଙ୍କ ଦ୍ୱାରା ଥିବା ନିୟମକୁ କୋହଳ କରାଯାଇଥିଲା। ଶିକ୍ଷାଗତ ଯୋଗ୍ୟତା କୋହଳ ପରେ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ମନୋନୀତ କିଛି ଡଙ୍ଗରିଆ ମହିଳା ପାଇଁ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ(ସିଡାକ୍) ଦ୍ୱାରା ଏକ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ। ବିଷମକଟକ ବ୍ଲକ ଖାମ୍ବେସି ଗ୍ରାମର ୩ ଜଣ ମହିଳା ଲାହାରୀ କୁଣ୍ଡିକା, ମୁରୁଡୀ ୱାଡାକା ଓ ବାଙ୍ଗାରୀ ୱାଡାକା ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରି ମନୋନୀତ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଏବେ ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ବିଭାଗ କପଡାଗୁନ୍ଦା ବୁଣିବା ପାଇଁ ସ୍ଥାନୀୟ ଡଙ୍ଗରିଆ ମହିଳାଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କୁ ଆର୍ଥିକ ଭାବରେ ସୁଦୃଢ଼ କରିବା ପାଇଁ ଏହାର ସ୍ୱତନ୍ତ୍ର ଡିଜାଇନକୁ ବ୍ୟବହାର କରି ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ନିର୍ମାଣ କରିବା ପାଇଁ ଯୋଜନା କରି କାର୍ଯ୍ୟାରମ୍ଭ କରିଛି। ପୂର୍ବରୁ ତିନି ମାସର ପରିଶ୍ରମରେ ଗୋଟିଏ ସାଲ୍ ସମ୍ପୂର୍ଣ୍ଣ ହେଉଥିବା ବେଳେ ପାରିଶ୍ରମିକ ବାବଦକୁ ଡଙ୍ଗରିଆ ମହିଳା ଦେଉଥିବା ସମୟକୁ ମୂଳ ନିଅଣ୍ଟ ହେଉଥିବାରୁ ମହିଳା ମାନେ ଡିଜାଇନିଂ ପାଇଁ ସମୟ ଦେଉନଥିଲେ। ଏବେ କିନ୍ତୁ ବିଭାଗ ସେମାନଙ୍କୁ ଉଦ୍ୟୋଗୀ କରିବା ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରୟାସ ଆରମ୍ଭ କରିଛି। ଡଙ୍ଗରିଆ ମହିଳାମାନେ ମାଷ୍ଟର ଟ୍ରେନର ହୋଇ ନିଜ ନିଜର ବ୍ୟବସାୟ ଆରମ୍ଭ କରିବା ସହ ଅନ୍ୟ ମହିଳାଙ୍କୁ ମଧ୍ୟ ରୋଜଗାରକ୍ଷମ କରିପାରିବେ ବୋଲି ବିଭାଗୀୟ ସଚିବ ଗୁହା ପୁନମ ତାପସ କୁମାର ପ୍ରକାଶ କରିଛନ୍ତି । ବିଭାଗର ଉତ୍କଳୀକା କୋପରେଟିଭ ଲିମିଟେଡ ଦ୍ୱାରା ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ଡଙ୍ଗରିଆ ଫ୍ୟୁଜନ ଦେଇ ବିଭିନ୍ନ ସାମଗ୍ରୀ ନିର୍ମାଣ କରାଯିବ ବୋଲି ଶ୍ରୀମତୀ ଗୁହା ପ୍ରକାଶ କରିଛନ୍ତି। ବିଭାଗର ପ୍ରଶିକ୍ଷଣ ଅନୁଷ୍ଠାନ(ସାଧକ) ଜାତୀୟ ଓ ଅନ୍ତର୍ଜାତୀୟ ଡିଜାଇନରମାନେ ଅନୁବନ୍ଧିତ ହୋଇ ଏହି ସ୍ୱତନ୍ତ୍ର ସାଲ ଏବଂ ଅନ୍ୟାନ୍ୟ ଉତ୍ପାଦ ସଂପର୍କରେ ଡଙ୍ଗରିଆ ମହିଳାଙ୍କ ସହ ଆଲୋଚନା କରି ନୂତନ ଉତ୍ପାଦକୁ ଆଗକୁ ବଢ଼ାଇବେ ବୋଲି ଶ୍ରୀମତୀ ଗୁହା ପ୍ରକାଶ କରିଛନ୍ତି। ସେହିପରି ଶୁଖିଲା ଲାଉରେ ବିଭିନ୍ନ କଳାକୃତି କରୁଥିବା ଓଡିଶାର ଏକମାତ୍ର ଶିଳ୍ପୀ ରାୟଗଡର ହିମାଂଶୁ ଶେଖର ପାଣ୍ଡିଆ ମଧ୍ୟ ମାଷ୍ଟର କ୍ରାଫ୍ଟ ପର୍ସନ ରୂପେ ମନୋନୀତ ହୋଇଛନ୍ତି। ତାଙ୍କୁ ୬୦ ବର୍ଷ ହୋଇଯାଇଥିବାରୁ ବୟସରେ କୋହଳ କରି ହସ୍ତଶିଳ୍ପ ବିଭାଗ ତାଙ୍କୁ ମଧ୍ୟ ମନୋନୀତ କରିଥିବା ଜଣାପଡିଛି। ନୂତନ ଭାବେ ମନୋନୀତ ହୋଇଥିବା ମାଷ୍ଟର କ୍ରାଫ୍ଟ ପର୍ସନମାନେ ଅଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ଯୁବକଯୁବତୀମାନଙ୍କ ଦକ୍ଷତା ବିକାଶ କରି ରୋଜଗାରକ୍ଷମ କରିବାରେ ସହାୟକ ହେବେ ବୋଲି ବିଭାଗୀୟ ସଚିବ ଶ୍ରୀମତି ପୁନମ ଗୁହା ପ୍ରକାଶ କରିଛନ୍ତି। ସେହିପରି ବିଭାଗ ପକ୍ଷରୁ ସେମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ରାୟଗଡ଼ା ହସ୍ତଶୀଳ୍ପ ବିଭାଗ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଉଲ୍ଲାସ ବେହେରା ପ୍ରକାଶ କରିଛନ୍ତି।

ସୃଜନିକା

ସକାଳ
THE SAKALA
www.sakalaepaper.com

# ମୋନାଲିସାର ହସ





ସ୍ୱର୍ଣ୍ଣଲତା ମହାପାତ୍ର

"ଆଜି ଆକାଶେ କି ରଙ୍ଗ ଲାଗିଲା ଆଆ..., ଚୋରା ପବନେ ସୁରଭି କେ ଦେଲା..." ଏହି ପୁରୁଣା ଗୀତଟିକୁ ତରୁଣୀଟି ଗୁଣୁଗୁଣୁ ହୋଇ ଗାଉଥିଲା। ପାଖରେ ବସିଥିବା ପ୍ରେମିକ ଜଣଙ୍କ ସେତିକିବେଳୁ ଝିଅଟିର କୋମଳ ହାତକୁ ନିଜ କୋଳରେ ଧରି ରଖିଥିଲା, ଆଉ ଗୀତର ଶେଷ ପଦ ସରିବା ବେଳକୁ ପାପୁଲିରେ ଏକ ମିଠା ଚୁମ୍ବନ ଆଙ୍କି ଦେଇ କହିଲା, "ଆଃ... ଭାରି ମଧୁର ତୁମ କଣ୍ଠସ୍ୱର ମୋନାଲିସା !"

ଝିଅଟି ଚଟ୍‌କରି ହାତ ଟାଣିନେଲା "ଛାଡ଼, ତୁମେ ନା ବଡ଼ ଅଥୟ! ଯଦି କିଏ ଦେଖିବ?"

: "ଦେଖୁ ନା କିଏ! ଏବେ ତ ଥୟ ଧରିଛି, ବିବାହ ପରେ ଦେଖିବ ମୋର ଅସଲ ଅଥୟପଣ।"

ମିଛିମିଛିକା ଅଭିମାନରେ ଟିକେ ଘୁଞ୍ଚିଗଲା ମୋନାଲିସା।

: "ରାଗୁଛ କାହିଁକି ମୋନାଲିସା? ଉଦ୍ୟାନର ଏ କୋଣରେ ପ୍ରାୟ କାହାର ନଜର ପଡ଼ିବ ନାହିଁ ବୋଲି ତ ଆମେ ଏଇ ଘଞ୍ଚ ଆମ୍ବ ଗଛ ମୂଳ ଚଉତରାକୁ ବାଛିଛେ।" ଏତିକି କହି ପୁଅଟି ତା' ପାଖକୁ ଲାଗି ଆସି ଆଉ ଟିକେ ନିବିଡ଼ ହୋଇଗଲା। ଲାଜେଇଗଲା ମୋନାଲିସା। ତା' ଅଧରରୁ ମିଠା ମଧୁ ଓ ଚିବୁକରୁ ଲାଜର ରଙ୍ଗ ନେଇ ନିଜ ଛାତିରେ ମାଖି ହୋଇଗଲା ସନ୍ଧ୍ୟା ଆକାଶ। ମୁଠେ ସୁରଭିତ ଅବିର ବିଞ୍ଚି ହୋଇଗଲା ଚତୁର୍ଦ୍ଦିଗରେ। ସୁନାର ସଞ୍ଜଟି ମହକି ଉଠିଲା।

ଶାନ୍ତନୁଙ୍କ ଭିତରଟା ଚହଲି ଗଲା।

ଶାନ୍ତନୁ ହେଉଛନ୍ତି ଜଣେ ଲବ୍ଧପ୍ରତିଷ୍ଠ ଚିତ୍ରକର। ପତ୍ନୀଙ୍କ ବିୟୋଗ ପରେ ସେ ରଙ୍ଗ ଦୁନିଆଁରୁ ଦୂରେଇ ଯାଇଛନ୍ତି। ବ୍ୟକ୍ତିଗତ ଜୀବନର ଦାରୁଣ ବିଚ୍ଛେଦ କ'ଣ ସୃଜନଶୀଳତାକୁ ଶୁଷ୍କ କରିଦିଏ! କବିର କଲମରୁ ଶବ୍ଦ ହଜିଯାଏ, ବୀଣାର ତାନରୁ ଝଙ୍କାର ବା ଶିଳ୍ପୀର ନିହାଣ ମୁଗୁର ଶବ୍ଦ ପରି, କ'ଣ ସବୁ ମିଳେଇ ଯାଏ ପବନରେ!

ହଁ ନିଶ୍ଚିତ! ବିରହର ରଙ୍ଗ ଫିକା।

ଶାନ୍ତନୁ ପ୍ରତିଦିନ ଏଠାକୁ ଆସି ସନ୍ଧ୍ୟା କଟାନ୍ତି। ସାଥିରେ ଥାଏ ସଫେଦ କାନଭାସ୍, ରଙ୍ଗ-ତୂଳୀ ଓ ପ୍ୟାଲେଟ୍। ଇଜେଲ୍ ଉପରେ କାନଭାସ୍‌ଟିକୁ ଥୋଇ ଶାନ୍ତନୁ ଆରମ୍ଭ କରନ୍ତି ତାଙ୍କ ନିରବ ସାଧନା। ଦୀର୍ଘ ସମୟ ଧରି ଉଦ୍ୟାନରେ ବସି ରହିଲେ ବି, ତାଙ୍କ ହାତରୁ ପରିପୂର୍ଣ୍ଣ ଛବିଟିଏ ଉତୁରି ପାରେନା।

ତେବେ ଆଜି, ଏଇ ପ୍ରେମୀ ଯୁଗଳଙ୍କ ଅନୁରାଗ ଦେଖି ସେ ଭିତରେ ଭିତରେ ଭିଜି ଯାଉଛନ୍ତି। ବିଶେଷ କରି 'ମୋନାଲିସା' ନାମୀ ଝିଅଟିର ଓଠରେ ଧାରେ ହସ ତାଙ୍କୁ ଏତେ ଆକର୍ଷିତ କରୁଛି ଯେ, ସେ ବେଳକୁ ବେଳ ସମ୍ମୋହିତ ହୋଇ ପଡୁଛନ୍ତି। ଏତେ ଗଭୀର, ଅପହଞ୍ଚ, ଅପୂର୍ବ ଓ ଅବୁଝା ଏ ମୋନାଲିସାର ହସ, ତାଙ୍କ ଅତୀତ ପୃଷ୍ଠାର କେଇ ଧାଡ଼ିକୁ ଜୀବନ୍ତ କରିଦେଲା। ମୋନାଲିସା ଭିତରେ ସେ ପାଉଛନ୍ତି ତାଙ୍କ ପ୍ରେମିକାର ସ୍ନିଗ୍ଧତା ଓ ପତ୍ନୀଙ୍କ ଶୀତଳତା।

ଶାନ୍ତନୁଙ୍କ ନିଷ୍ପ୍ରାଣ ତୂଳୀ ଜୀବନ୍ତ ହୋଇଉଠିଲା। ଘଞ୍ଚ ଆମ୍ବ ଗଛ କୋରଡ଼ରୁ ଚିଁ ଚିଁ କରି ଚଢ଼େଇ ହଳକ କୁରୁଳି ଉଠିଲେ। ପ୍ରେମ ପକ୍ଷୀଙ୍କ କିଚିରିମିଚିରି କଳରବ, ଚତୁର୍ଦ୍ଦିଗରେ ଗୁଞ୍ଜରି ଉଠୁଛି!

ସେହି ଦିନଠାରୁ ଶାନ୍ତନୁ ନିତିଦିନ ନିର୍ଦ୍ଦିଷ୍ଟ ଦୂରତାରେ ଥାଇ ଗଛ ଆଢୁଆଳରେ ମୋନାଲିସାକୁ ଥରେ ଚାହିଁ ଦେଇ ପ୍ରକୃତିର ଛବି କାନଭାସ୍‌ରେ ଉତାରନ୍ତି।

କାହାଣୀର ମୋଡ଼ ବଦଳିଲା। ଦିନେ ଅଜଣା କାରଣରୁ ବିବାଦ ହେଲା; ପ୍ରେମିକଟି ଆଉ ଆସିଲା ନାହିଁ। ଦିନ ପରେ ଦିନ ଅପେକ୍ଷାରେ ରହିଗଲା ମୋନାଲିସା। ଏକାକୀ ବସି ଗୁମୁରି ଗୁମୁରି କାନ୍ଦେ ସେ। ଶାନ୍ତନୁଙ୍କର ମନେପଡ଼ିଲା, ଦିନେ ପ୍ରେମିକ ଜଣକ ମୋନାଲିସାକୁ କହୁଥିଲା "ପ୍ରେମ କେବେ ସରେ ନାହିଁ କି ମରେ ନାହିଁ; ତାହା କେବଳ ହୃଦୟରୁ ହୃଦୟକୁ ସଞ୍ଚରିଯାଏ।"

ଉଫ୍! ପ୍ରେମ ପରି ବେଦନା ବି ହୃଦୟରୁ ହୃଦୟକୁ ସଞ୍ଚରିଯାଏ! ସେ ବେଦନା ନିଜର ହେଉ ବା ଅନ୍ୟ କାହାର!

ଏବେ ଶାନ୍ତନୁ ଯେତେ ନିଖୁଣ ଚିତ୍ର କଲେ ବି, କିଛି ଗୋଟେ ଅଭାବ ମନେ ହୁଏ। ତାଙ୍କ ପାଖକୁ ଆସି ନିଜର ଯୁଗଳ ଚିତ୍ର ଆଙ୍କି ନେଉଥିବା ପ୍ରେମୀମାନେ, ସେହି ପ୍ରାଣହୀନ ସୃଷ୍ଟି ଦେଖି ଅଭିମାନରେ ମୁହଁ ଶୁଖାଉଛନ୍ତି।

ଶେଷରେ ଦିନେ ମୋନାଲିସା ବି ଉଦ୍ୟାନକୁ ଆସିବା ବନ୍ଦ କରିଦେଲା। ସମ୍ପୂର୍ଣ୍ଣ ଅଟକିଗଲା ଶାନ୍ତନୁଙ୍କ ହାତ।

ସନ୍ଧ୍ୟା ଆକାଶରେ କଳା ବାଦଲ ଛାଇଗଲା, କରାଳ ରୂପ ନେଇ ଝଡ଼ ଆସିଲା। ଗଛ ଭାଙ୍ଗିଲା, ଡାଳ ଭାଙ୍ଗିଲା, ପ୍ରେମ ପକ୍ଷୀଙ୍କ ବସା ବି ଧୂଳିସାତ ହେଲା। ଶାନ୍ତନୁଙ୍କ ମନ ଭାଙ୍ଗିଗଲା।

ଅନେକ ଦିନ ପରେ ଶାନ୍ତନୁ ଉଦାସ ମନକୁ ବୁଝାଇ ପୁଣି ଉଦ୍ୟାନକୁ ଆସିଲେ। ଦେଖିଲେ, ଆମ୍ବ ଗଛରେ କଅଁଳ ପତ୍ରର ସମ୍ଭାର। ଡାଳରେ ଆଉ ହଳେ ପକ୍ଷୀଙ୍କ ନୂଆ ନୀଡ଼। କିଚିରି ମିଚିରି ଶବ୍ଦରେ ପୁଣି ସଙ୍ଗୀତର ମୂର୍ଚ୍ଛନା। ଆମ୍ବ ଗଛତଳ ଚଉତରାରେ ବି ଏକ ନୂଆ ଯୋଡ଼ି! ହୁଏତ ସେ ମୋନାଲିସା ନୁହେଁ, କିନ୍ତୁ ତା' ଓଠରେ ମୋନାଲିସାର ହସ।

ପ୍ରକୃତି ଓ ପ୍ରେମର ଅବିଚ୍ଛେଦ୍ୟ ବନ୍ଧନ ଦେଖି ଶାନ୍ତନୁଙ୍କ ସବୁ ଅବସାଦ ଧୀରେ ଧୀରେ ପବନରେ ମିଶିଗଲା। ପ୍ରକୃତିରେ ପ୍ରେମର ରଙ୍ଗ, ଆଉ ପ୍ରେମରେ ପ୍ରକୃତିର ଶୀତଳତା, ଏହି ମହାମିଳନରେ ପୁଣି ଚଳଚଞ୍ଚଳ ହୋଇଉଠିଲା ଶାନ୍ତନୁଙ୍କ ତୂଳୀ। କାନଭାସ୍ ଉପରେ ସେ ଆଙ୍କିବାକୁ ଲାଗିଲେ ଏକ ଅମୂଲ୍ୟ ସ୍ପର୍ଶ, ଏକ ଅନୁଭବର ଚିତ୍ର। ■

ଭୁବନେଶ୍ୱର
ମୋ: ୭୬୮୩୮୧୪୦୪୨

# ଏକା ଏକା : ଅନ୍ତରଙ୍ଗ



ଚକ୍ରପାଣି ପରିଚ୍ଛା



ଗଣୁଚି
ଫେରିଯାଇଥିବା ପାଦଚିହ୍ନ ସବୁକୁ,
ମୃତ୍ୟୁର

ନିକଟତର ହେବା ପରେ ବି
ଫେରିଯାଏ କାହିଁକି କେଜାଣି,
ଚୁପ୍ ଚୁପ୍

ସମସ୍ତ ଆତ୍ମୀୟତା
ସମସ୍ତ ଆପଣାପଣକୁ ଅଣଦେଖା କରି
ପଛେଇଯାଏ

ଜୀବନ ବୋଧେ ବାଟ ଓଗାଳେ

ଏତେ ବାଟ ଚାଲିଆସିଲିଣି
ଏକା ଏକା

ଅନ୍ଧ ତାରାଟିଏ
ଚାଲିଚି, ଅନ୍ଧାରର ସିଆର କାଟି,
ଦିଗହରା ହେଇ

ଘୁଞ୍ଚି ଘୁଞ୍ଚି ଯାଏ ଦିଗନ୍ତ
କିନ୍ତୁ ଆୟୁଷ ନୁହେଁ
ସମୟ ବି

ହୁଗୁଳିଯାଏ ଧୀରେ ଧୀରେ
ବଡ଼ପଣ
ସଂକୁଚିତ ହୋଇଯାଏ ବୟସ
ଧମନୀର ଗତି

ସୂତା ଖିଅକର ଫରକ
ଜୀବନ ଆଉ ମୃତ୍ୟୁର

ତଥାପି ଧରା ଦିଏନି ଶିକାରିର ପନ୍‌ଝାରେ ।। ■

ବୈପାରିଗୁଡ଼ା, କୋରାପୁଟ
ମୋ.: ୯୧୭୮୬୪୭୧୩୭

# ନିରୁଦ୍ଦିଷ୍ଟ

ଅଖିଳ କୁମାର ମିଶ୍ର



କିଏ ମତେ ଖୋଜୁଛି କି ?
ଯୋଉ ଗୃହରେ/ ମହଲରେ ତମେ ନିଠେଇ ମୋ ବିଷୟରେ ପଚାରୁଚ,
ସେଠି ଆଉ କିଏ ରହୁଚି - ମୁଁ ଥିଲି କି ନଥିଲି,
ସେ ଜାଣିନି ବୋଲି କହୁଚି।
ବୋଧହୁଏ, ସେ କହୁଚି, ଘରଛାଡ଼ି ମୁଁ ଚାଲି ଯାଇଛି।
ଘଟଣା/ ଦୁର୍ଘଟଣାର ସବାରୀରେ ଅନ୍ୟଥା ଝଗଡ଼ା କରି ପଳାୟନ -
ସେମାନଙ୍କ ଚକ୍ଷୁରେ, ମୁଁ କୋଉଠିବି ନାହିଁ ବୋଧ ହୁଏ।

ମୋ ଭଳିଆ ଲୋକ ଏମିତି ହଜିଯାନ୍ତି,
ଆପଣାପଣ ଶୂନ୍ୟ ସ୍ଥାନରେ ଘୂରି ବୁଲନ୍ତି,
ନୂଆ କ'ଣ ଠିକଣା ଥାଏ କି? ନିଜ ଗାଁ, ସହର ଓ ସମ୍ପର୍କ
ବାକ୍ ଓ ତାର୍ ଭିତରୁ କିଏ କେତେବେଳେ କୁଆଡ଼େ ପଳାନ୍ତି।



ଏ ତେଲଲୁଣର ଦୁନିଆ
ଆତ୍ମା ସହ, ଜୀବନ ଓ କବିତା –
ମୋ ଉଭାନ ହୋଇଯିବା ସହ ସ୍ମୃତିର ଫସଲ ପଳାନ୍ତି।
ହୁଏତ ମୁଁ ବୁଲୁଚି ଯାଯାବର ହୋଇ,
ତୁଟାଫୁଟା ସ୍ୱପ୍ନ, ବାର ରକମର ଭୁଲ ଓ ତର୍ଜମା,
କହିବାକୁ ତର୍ଜମାଟିଏ ପୁରୁଣା ଦିନରେ
ଅକସ୍ମାତ୍ ବନ୍ୟା, ମରୁଡ଼ି ଓ ଭୟଙ୍କର ପ୍ରତାରଣାରେ
ଯାହା ଭସାଇ ଦେଇଛି ଦୀର୍ଘ ଅତୀତକୁ।

ମିଳୁ ନଥିବା ଲୋକର ସ୍ମୃତି ବ୍ୟତୀତ,
ମୋ ପାଖରେ ସମ୍ପର୍କର ଅଭାବ,
ଏକଲାପଣରେ ଭିଜିଯାଉଛି ମୁଁ,
ଛାୟା ଛତାଟିଏ ନେଇ ଖରାରେ ଠିଆ ହୋଇଚି। ■

ଆଡିସନାଲ୍ ଡିଜି
ପିଆଇବି, ଭୁବନେଶ୍ୱର

# ମାନସିଂହଙ୍କ 'ସାଧବ ଝିଅ' କାବ୍ୟରେ ଉତ୍କଳୀୟ ସ୍ମୃତିର ସ୍ୱାକ୍ଷର

ଡକ୍ଟର ଚିତ୍ରାକାନ୍ତି ସେଠୀ



ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ସଫଳ ସ୍ରଷ୍ଟା ଡକ୍ଟର ମାୟାଧର ମାନସିଂହ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। କବି, ନାଟ୍ୟକାର, ପ୍ରାବନ୍ଧିକ ତଥା ଜଣେ ଶିକ୍ଷାବିତ୍ ଭାବରେ ଜନମାନସରେ ସେ ଏବେ ମଧ ଜୀବିତ। ମାଟିକୁ ଭଲପାଉଥିବା କବି ମାନସିଂହ ପ୍ରାରମ୍ଭିକ ଅବସ୍ଥାରେ ଦେଶାତ୍ମବୋଧକ କବିତା ଲେଖିଥିଲାବେଳେ ପରେ ସଫଳ ପ୍ରେମ କବିତା ଲେଖି ପ୍ରେମିକ କବି ଭାବରେ ଆଦୃତ ହେଲେ। ପ୍ରକୃତି ଓ ପରିବେଶକୁ ନେଇ କବି 'ମହାନଦୀରେ ଜ୍ୟୋତ୍ସ୍ନାବିହାର' କବିତା ଲେଖି ଯେତିକି ପାଠକୀୟ ଆଦୃତି ଲାଭ କରିଥିଲେ ତାହାଠାରୁ ଅଧିକ ପରିଚିତ ହୋଇଥିଲେ 'ନିକ୍ୱଣ', 'ଉପେକ୍ଷିତା', 'ସାଧବଝିଅ', 'ଶୁଭଦୃଷ୍ଟି', 'ଜେମା' ଏବଂ 'କମଳାୟନ' କାବ୍ୟ ପୁସ୍ତକ ପାଇଁ। 'ସାଧବ ଝିଅ' ତାଙ୍କର ଏକ ସ୍ୱତନ୍ତ୍ର ସୃଷ୍ଟି। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାରେ ସାଧବ ଏବଂ ସାଧବାଣୀମାନଙ୍କର ଭୂମିକାକୁ ଖୁବ୍ ଚମତ୍କାର ଭାବରେ ଉପସ୍ଥାପନ କରିଛନ୍ତି। ଓଡ଼ିଶାର ପୁରପଲ୍ଲୀରେ ତଅପୋଇ ଏବଂ ଘରମଣି ଛେଳି ପ୍ରସଙ୍ଗ ଅବିସ୍ମରଣୀୟ ହୋଇ ରହିଥିଲାବେଳେ ସବୁଜ ଯୁଗର କବି ଡକ୍ଟର ମାୟାଧର ମାନସିଂହ 'ସାଧବ ଝିଅ' କାବ୍ୟ ରଚନା କରି ଅତୀତର କିମ୍ବଦନ୍ତୀକୁ ଆହୁରି ଜୀବନ୍ତ କରିଦେଇଛନ୍ତି। ତାଙ୍କ ମନରେ ଅଲିଅଳି ତଅପୋଇର କରୁଣ କାହାଣୀ ଖୁବ୍ ପ୍ରଭାବ ପକାଇଥିଲା। ଯାହାଫଳରେ ସାଧବ ଝିଅ କାବ୍ୟରେ ୧୪ଟି ପରିଚ୍ଛେଦ ମାଧ୍ୟମରେ ଅତୀତ ଉତ୍କଳର ଗୌରବ ଗାଥାକୁ ବର୍ଣ୍ଣନା କରିଛନ୍ତି। ସାହସୀ ସାଧବ ପୁଅର ନୌଯାତ୍ରା ଏବଂ ବାଣିଜ୍ୟର ସଫଳତାରେ ପ୍ରବେଶ କରିଛି ଜଣେ ବିଦେଶୀ ସାଧବ ଚରିତ୍ର। ସାଧବ ଝିଅ ଏବଂ ସାଧବ ପୁଅର ପ୍ରଣୟ କାହାଣୀରେ ପରିପୂର୍ଣ୍ଣ ହୋଇଛି 'ସାଧବ ଝିଅ' କାବ୍ୟ କଳେବର। ପ୍ରସଙ୍ଗକ୍ରମେ ସାତ ସମୁଦ୍ର ତେର ନଈ ବୁଲି ବଣିଜ କରି ଆସିଥିବା ସୌଦାଗରର ସାତପୁଅ ଏବଂ ଅଲିଅଳୀ ଝିଅ ପ୍ରସଙ୍ଗ ମଧ୍ୟରେ ବିଦେଶୀ ସାଧବ ପୁଅର ଅବତାରଣା ଖୁବ୍ ଚମକପ୍ରଦ ମନେହୁଏ। ଭାଉଜମାନଙ୍କ ସହିତ ବୋଇତ ବନ୍ଦାଣ ପାଇଁ ଆସିଥିବା ସାଧବ ଝିଅ ସେଠାରେ ଲଙ୍ଗର ପକାଇ ରହିଥିବା ଅନ୍ୟ ଏକ ବୋଇତରେ ବିଦେଶୀ ସାଧବକୁ ଦେଖି ଆନମନା ହୋଇଯାଇଛି। ତା' ମନରେ ପ୍ରଶ୍ନ ଉଠିଛି ଅନ୍ୟ କେଉଁ ଯୁବତୀ ପାଇଁ ଏହି ବିଦେଶୀ ସାଧବ ପୁଅର ମନ ପୂର୍ବରୁ ଆକର୍ଷିତ ହୋଇଯାଇନାହିଁ ତ? ବିଜନ ମେଳାକୁ ସାଧବ ପୁଅର ସନ୍ଧାନ ସମ୍ପର୍କରେ ପଚାରିଛି। ସାଧବ ପୁଅ ମଧ ମନେ ମନେ ସାଧବ ଝିଅକୁ ଖୋଜିଛି। କବି ମାନସିଂହ ସ୍ୱତନ୍ତ୍ର ଭାବନା ଏବଂ ଶବ୍ଦ ଗଠନରେ ଖୁବ୍ ରସାଣିତ କରିଛନ୍ତି ସାଧବ ଝିଅ କାବ୍ୟକୁ।

"କେଉଁ ଧନେ ସେ ଗୋ ବଣିଜ ଯୁବା
କରେ ବେପାର?
ନାରୀ- ବୁକୁ ଘେନି ତା ବେବସା
ଭୁଆସୁଣୀ ଲୁହେ ତା କାରବାର"।

ବଣିଜ ପାଇଁ ଯାଇଥିବା ବିଦେଶୀ ସାଧବ ପୁଅ ବିଭିନ୍ନ ଅଞ୍ଚଳରୁ ସାଧବ ଝିଅ ପାଇଁ ଉପହାର ସଂଗ୍ରହ କରିଛି। କାବେରୀରୁ ଧଳା ହୀରା ହାର, ଚୋଳରୁ କନକ କୁସୁମ ମାଳା ଇତ୍ୟାଦି ଆଣିଛି କେବଳ ମନର ମାନସୀ ସାଧବ ଝିଅ ପାଇଁ। ଅପରପକ୍ଷରେ ପରଦେଶୀ ସାଧବ ପୁଅ ପାଇଁ ସମର୍ପିତ ହୋଇଯାଇଥିବା ସାଧବ ଝିଅ ସର୍ବଦା ସାଧବ ପୁଅକୁ ଝୁରୁଛି। ଏହି ସାଧବ ଝିଅ ଏବଂ ପରଦେଶୀ ସାଧବ ମଧ୍ୟରେ କବି ମାନସିଂହ ମାଲୁଣୀ ଚରିତ୍ରର ଅବତାରଣା କରିଛନ୍ତି। ମାଲୁଣୀ ଏକ ଭିନ୍ନ ଚରିତ୍ର। ସେ ଚତୁରୀ କଥା କହି କାମିନୀମାନଙ୍କ ମନ ଭୁଲାଇଥାଏ। ଉତ୍କଳର ଅତୀତ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ପ୍ରଥମ ପରିଚ୍ଛେଦରେ କବି ସୁନ୍ଦର ବର୍ଣ୍ଣନା କରିଛନ୍ତି।

ବିଜନବେଳା, ବିଜନ ବେଳା
କହୁନାହୁଁ କାହିଁ ବୋଇତ ଗଲା
ବୋଇତ ଗଲା ।

ଜନମାନସରେ ପୂର୍ବରୁ ସ୍ଥାନ ପାଇଥିବା ଖୁଦୁରୁକୁଣି ଓଷା ଓ ତଅପୋଇ ପ୍ରସଙ୍ଗର ଟିକେ ବ୍ୟତିକ୍ରମ ଘଟିଛି କବି ମାନସିଂହଙ୍କ 'ସାଧବ ଝିଅ' କାବ୍ୟରେ। ସାଧବ ଝିଅ, ସାଧବ ପୁଅ, ମାଲୁଣୀ ଓ ରାଜପୁତ୍ର ଭଳି କିଛି ଚରିତ୍ର ସୃଷ୍ଟି କରିଛନ୍ତି। ମୁଖ୍ୟ ଚରିତ୍ର ହେଉଛି ସାଧବ ଝିଅ। ସୌଦାଗରର ସାତ ପୁଅରେ ସେ ସାନ ଝିଅ। ସୁବାସିତ ଜଳରେ ସ୍ନାନ କରିବା ସହିତ ହଂସୁଲୀ ଶେଜରେ ସେ ଶୟନ କରେ। ସାତ ଭାଇଙ୍କ ବୋଇତ ବ୍ୟତୀତ ଅନ୍ୟ ଏକ ବୋଇତରେ ବିଦେଶୀ ସାଧବପୁଅକୁ ଦେଖି ସେ ଖୁବ୍ ଭାବପ୍ରବଣ ହୋଇଯାଏ। ପ୍ରେମର ପରିଭାଷାକୁ ପୂର୍ଣ୍ଣ କରିବାକୁ ଯାଇ କବି ମାନସିଂହ 'ସାଧବ ଝିଅ' କାବ୍ୟରେ ଅନେକ ଗୁଡ଼ିଏ ପ୍ରେମଭରା ଶବ୍ଦ ବ୍ୟବହାର କରିଛନ୍ତି। ସାଧବ ପୁଅ ଏବଂ ସାଧବ ଝିଅ କେହି କାହାକୁ ପୂର୍ବରୁ ନ ଦେଖିଥିଲେ ମଧ ପ୍ରଥମଥରରେ ଉଭୟେ ପରସ୍ପର ପ୍ରତି ଆକର୍ଷିତ ହୋଇଛନ୍ତି। ସାଧବ ଝିଅକୁ ଚାରିଆଡ଼େ ଖୋଜୁଖୋଜୁ ସାଧବ ପୁଅର ବାହୁଡ଼ିବା ସମୟ ହୋଇଯାଇଥିଲା। କବି ମାନସିଂହଙ୍କ ଭାଷାରେ- "ବୋଇତେ ଆସିଲି ଟେକାଇ ଦେଲି ମୁଁ ପାଲ / ସ୍ୱଦେଶ ଫେରିବା ପାଇଁ ହୋଇଲା କାଳ / ସେଇଦିନୁ ପ୍ରତିଘାଟେ ମୁଁ ଖୋଜିଛି ପରା / ସେ ନୟନମଣି ଅୟୁତ ମଣିରେ ସାର"।

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଥିବା ମାଲୁଣୀର ଭୂମିକା ଏଠାରେ ମଧ ଦେଖିବାକୁ ମିଳେ। ସାଧବ ପୁଅକୁ ସାଧବ ଝିଅ ସହିତ ଦେଖା କରାଇ ଦେବାକୁ କହି ମାଲୁଣୀ ସାଧବ ପୁଅକୁ ନିଜ ଘରେ ରଖିଛି। କାବ୍ୟର ଶେଷରେ ସାଧବପୁଅ ଏବଂ ସାଧବ ଝିଅର ପ୍ରେମ ସଫଳ ହୋଇନାହିଁ। ବନ୍ଦୀଶାଳାର ଝରକାରୁ ସାଧବ ଝିଅ ଡେଇଁ ପଡ଼ି ପ୍ରାଣତ୍ୟାଗ କଲାପରେ ସାଧବ ପୁଅ ମଧ ପ୍ରେମିକା ସାଧବ ଝିଅର ମୃତ ଶରୀରକୁ କୋଳରେ ଧରି ଦେହତ୍ୟାଗ କରିଛି। ଏଠାରେ ବିଫଳ ପ୍ରେମ ଆତ୍ମୋତ୍ସର୍ଗରେ ପରିଣତ ହୋଇଛି। ବିଶେଷକରି ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ଅନୁଧ୍ୟାନ କଲେ କବି ମାନସିଂହଙ୍କ 'ସାଧବ ଝିଅ' କାବ୍ୟ ଏକ ଭିନ୍ନ ସ୍ମୃତିର ସ୍ୱାକ୍ଷର ବହନ କରିଛି। ଏହି କାବ୍ୟରେ ଦୁଃସାହସୀ ସାଧବ ପୁଅ, ପାଲଟଣା ବୋଇତ, ସାଧବାଣୀ, ସର୍ବୋପରି ଉତ୍କଳର ନୌବାଣିଜ୍ୟ ପରମ୍ପରା ପୁନର୍ବାର ପାଠକଙ୍କ ମନକୁ ଆନ୍ଦୋଳିତ କରିଛି। ବାସ୍ତବରେ କବି ମାନସିଂହଙ୍କର ସାଧବ ଝିଅ କାବ୍ୟ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ଏକ ପ୍ରମୁଖ ଉଦାହରଣ। ■

ଅଧ୍ୟାପିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ,
ରାଜକନିକା, କେନ୍ଦ୍ରାପଡ଼ା
ମୋ: ୯୩୪୮୭୦୩୬୭୪

## ପୁସ୍ତକ ପରିଚୟ

### ବହ୍ନିକନ୍ୟା

କ୍ଷୀରୋଦିନୀ ବେହେରା




ଟାଇମ୍‌ପାସ୍
ବରମୁଣ୍ଡା, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୧୯୫ ଟଙ୍କା

"ଆଜି ମୁଁ ଖୁବ୍ ଅସହାୟ/ ନା କାହାରି ଆଗରେ କାନ୍ଦି ପାରୁଛି/ ନା କାହାରି ଆଗରେ/ ମନ କଥା କହି/ ନିଜକୁ ବୁଝେଇ ପାରୁଛି..."(ପ୍ରଶ୍ନ) ନାରୀ ମନର ଅକୁହା ବେଦନା, ଅସହାୟତା ବେଶ୍ ଶକ୍ତିଶାଳୀ ଭାବେ ଫୁଟିଉଠିଛି କ୍ଷୀରୋଦିନୀ ବେହେରାଙ୍କ 'ବହ୍ନିକନ୍ୟା' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ମୋଟ ୪୧ ଟି କବିତା ସଂକଳିତ ହୋଇଛି। 'ବହ୍ନିକନ୍ୟା', 'ବ୍ୟଥା', 'ହସୁଥିବା ଝିଅ', 'ଝିଅ ଜନ୍ମ ହେବା', 'ମୁଁ ଜଳୁଛି', 'ହେ ଈଶ୍ୱର', 'ଏରୁଣ୍ଡି ଡେଇଁବା ପରେ', 'ଅନୁତପ୍ତ', 'ଏକ ସଂଘର୍ଷ- ନାରୀ ଜୀବନର', 'କେବଳ ନାରୀଟିଏ ବୋଲି', 'ନୀରବ ପ୍ରାର୍ଥନା', 'ହେ କୋଣାର୍କ ସୁନ୍ଦରୀ', 'ମୁକ୍ତି', 'ଜୀବନ ଡାଏରୀ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ଏହି ପୁସ୍ତକର ଅନେକ କବିତାରେ ନାରୀ ଜୀବନର ସଂଘର୍ଷ, କୋହ, ଅସହାୟତା, ଦରଦୀ ଭାବ ଚମତ୍କାର ଭାବେ ପ୍ରସ୍ଫୁଟିତ ହୋଇଉଠିଛି। ସେହିପରି ମଣିଷର ଆଶା, ସ୍ୱପ୍ନ, ସାମାଜିକ ବାସ୍ତବତା, ମାନବୀୟ ସମ୍ବେଦନଶୀଳତା ପ୍ରତିଫଳିତ ହୋଇଛି ଅନେକ କବିତାରେ। 'ବହ୍ନିକନ୍ୟା'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ। ■

### ଆପଣଙ୍କର ବିଶ୍ୱସ୍ତ

ରାଧାଶ୍ୟାମ ରାଉଳ





ସ୍ୱାବଲମ୍ବନ ପବ୍ଲିଶର୍ସ
ବିଡ଼ାନାସୀ, କଟକ-୧୪
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୦୦ ଟଙ୍କା

ସାମାଜିକ ସଚେତନତା ସୃଷ୍ଟି କରିବାରେ ବ୍ୟଙ୍ଗର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଭଳି କିଛି ବ୍ୟଙ୍ଗଧର୍ମୀ ଗଳ୍ପକୁ ନେଇ ପ୍ରକାଶ ପାଇଛି ରାଧାଶ୍ୟାମ ରାଉଳଙ୍କ 'ଆପଣଙ୍କ ବିଶ୍ୱସ୍ତ' ପୁସ୍ତକ। ଏହି ପୁସ୍ତକରେ ମୋଟ ୩୬ଟି ବ୍ୟଙ୍ଗ ଗଳ୍ପ ସଂକଳିତ ହୋଇଛି। 'କହୁଛି କଥାଟିଏ', 'ଜୀବନ ବୃତ୍ତାନ୍ତ', 'ଜୀବନ ଯେମିତି ସେମିତି', 'ଚାଲିବି ଚାଲିବି ନ ପଡ଼ିବି ଥକି...', 'ତଥାପି ସମସ୍ତେ ଧାଉଁଛନ୍ତି!', 'ଅଙ୍ଗୁଳି ଦେଖେଇଲେ ବାହା ଗିଳିଯିବେ!', 'ଧେତ୍‌ତେରିକା', 'ହାତେ କ୍ଷମତା ଅଛି ବୋଲି!', 'କେମନ୍ତ ହେବେ ଅବାଗିଆ!', 'ପ୍ରେମାଭିନୟ' ଆଦି ବ୍ୟଙ୍ଗ ଗଳ୍ପଗୁଡ଼ିକ ମନଛୁଆଁ ହୋଇଛି। ସମାଜର ପ୍ରଚଳିତ ବିଧି ବ୍ୟବସ୍ଥାକୁ କେତେକ ଗପରେ ତୀକ୍ଷ୍ଣ ବ୍ୟଙ୍ଗ ମାଧ୍ୟମରେ ସମାଲୋଚନା କରାଯାଇଛି। ସେହିପରି ଶାସକ, ପ୍ରଶାସକ ତଥା କ୍ଷମତାଧାରୀ ବ୍ୟକ୍ତିଙ୍କ ଗର୍ବ, ଅହଂକାର, ଦୁର୍ନୀତି, ପ୍ରିୟାପ୍ରୀତିତୋଷଣ ନୀତିକୁ ଗପଗୁଡ଼ିକରେ ତୀବ୍ର ବିଦ୍ରୂପ କରାଯାଇଛି। ପ୍ରତିଟି ଗପରେ ରହିଛି ଏକ ସାମାଜିକ ବାର୍ତ୍ତା। ଏହି ପୁସ୍ତକର ଅନେକ ଗପରେ ବ୍ୟଙ୍ଗ ଓ ରମ୍ୟରଚନାର ସମନ୍ୱୟ ଦେଖିବାକୁ ମିଳେ। 'ଆପଣଙ୍କ ବିଶ୍ୱସ୍ତ' ପୁସ୍ତକର ବ୍ୟଙ୍ଗ ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### କେତେ ପାଖରେ ଆକାଶ

ପ୍ରଭାତୀ ମାଝୀ




ସୋନମ୍ ପ୍ରକାଶନ
ବାଦାମବାଡ଼ି, କଟକ
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୨୦ ଟଙ୍କା

ପ୍ରେମ, ଜୀବନ, ସମାଜର ସାଧାରଣ ମଣିଷଙ୍କ ସ୍ୱର ଓ ସଂଘର୍ଷର ଚିତ୍ର ପ୍ରତିଫଳିତ ହୋଇଛି ପ୍ରଭାତୀ ମାଝୀଙ୍କ 'କେତେ ପାଖରେ ଆକାଶ' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ମୋଟ ୪୪ଟି ମନଛୁଆଁ କବିତା ସଂକଳିତ ହୋଇଛି। 'ଅଭାଜନର ଶ୍ରୁତଲିଖନ', 'ଦେଶ', 'ତମେ ପୁରୁଷ ବୋଲି ତ', 'ସ୍ତ୍ରୀ ଲୋକ', 'କୁଜଙ୍ଗ ମାଟି', 'କ୍ଷେତ କର୍ଷଣ', 'ଘର ମଣିଷ', 'ବୃକ୍ଷ ବୟାନ', 'ପୁନଶ୍ଚ', 'ବୋଉ', 'ସମୟ', 'ଅପରିଚିତ ପ୍ରିୟ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ମାଟି ଓ ଆକାଶର ନିବିଡ଼ ପଣ, ମାନବୀୟ ସମ୍ବେଦନଶୀଳତା, ସାଧାରଣ ମଣିଷର ସଂଘର୍ଷ, ଜୀବନ ଯନ୍ତ୍ରଣା କଥା ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି ଅନେକ କବିତାରେ। ସେହିପରି ରହସ୍ୟମୟ ଜୀବନ ଓ ଜଗତକୁ ଭେଦ କରିବା, ସାମାଜିକ ଦାୟିତ୍ୱବୋଧ ନିର୍ବାହ କରିବାର ଆହ୍ୱାନ ପ୍ରଭାତୀଙ୍କ କବିତାଗୁଡ଼ିକକୁ ଅଧିକ ମାର୍ମିକ କରିଛି। 'କେତେ ପାଖରେ ଆକାଶ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ସିବିଏସଇ ନବମ ଶ୍ରେଣୀରେ ତୃତୀୟ ଭାଷା ଅନିବାର୍ଯ୍ୟ

- ଚଳିତ ଶିକ୍ଷାବର୍ଷରୁ ଲାଗୁ କରିବାକୁ ନିର୍ଦ୍ଦେଶ
- ଦଶମ ଶ୍ରେଣୀ ବୋର୍ଡରେ ହେବନି ପରୀକ୍ଷା
- ପୂର୍ବରୁ ଦୁଇଟି ଭାଷାରେ ପଢୁଥିଲେ ପିଲା

ଭୁବନେଶ୍ୱର, ୧୬।୫(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପକ୍ଷରୁ ଚଳିତ ଶିକ୍ଷାବର୍ଷରୁ ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ତୃତୀୟ ଭାଷା (ଆର୍-୩) ପଢ଼ାକୁ ଅନିବାର୍ଯ୍ୟ କରାଯାଇଛି। ପୂର୍ବରୁ ଦୁଇଟି ଭାଷା (ଆର୍-୧ ଓ ଆର୍-୨) ବିଷୟରେ ପିଲାମାନେ ପଢୁଥିବାବେଳେ ଏଣିକି ତିନୋଟି ଭାଷା ପଢ଼ିବେ। ତନ୍ମଧ୍ୟରୁ ଅତି କମରେ ଦୁଇଟି ଭାରତୀୟ ଭାଷା ହେବା ଆବଶ୍ୟକ। ଆସନ୍ତା ଜୁଲାଇ ୧ ତାରିଖରୁ ଏହା କାର୍ଯ୍ୟକାରୀ ହେବ ବୋଲି ବୋର୍ଡ ପକ୍ଷରୁ ନୂତନ ନିର୍ଦ୍ଦେଶନାମା ଜାରି କରାଯାଇଛି।

ସିବିଏସ୍ଇ ସହ ଅନୁବନ୍ଧିତ ସମସ୍ତ ବିଦ୍ୟାଳୟ ମୁଖ୍ୟଙ୍କୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଯେଉଁ ଛାତ୍ରଛାତ୍ରୀ ଆଗାମୀ ବର୍ଷ ଦଶମ ଶ୍ରେଣୀକୁ ଯିବେ, ସେମାନଙ୍କ ପାଇଁ ତୃତୀୟ ଭାଷାର ବୋର୍ଡ ପରୀକ୍ଷା ହେବ ନାହିଁ। ଛାତ୍ରଛାତ୍ରୀଙ୍କ ଉପରେ ଅତିରିକ୍ତ ଚାପ କମାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ତୃତୀୟ ଭାଷାର ସମସ୍ତ ମୂଲ୍ୟାଙ୍କନ ବିଦ୍ୟାଳୟ ସ୍ତରରେ କରାଯିବ। ଏହାର ଫଳାଫଳ ସିବିଏସଇ ସର୍ଟିଫିକେଟରେ ଉଲ୍ଲେଖ ରହିବ। ହେଲେ ତୃତୀୟ ଭାଷାକୁ ନେଇ କୌଣସି ପିଲାଙ୍କୁ ଦଶମ ବୋର୍ଡ ପରୀକ୍ଷାରୁ ବଞ୍ଚିତ କରାଯିବ ନାହିଁ। ବିଦେଶୀ ଭାଷା ପଢ଼ିବାକୁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ବିକଳ୍ପ ରଖାଯାଇଛି। ଯଦି ଦୁଇଟି ଭାଷା ଭାରତୀୟ ହୋଇଥାଏ, ତେବେ ବିଦେଶୀ ଭାଷାକୁ ତୃତୀୟ ଭାଷା କିମ୍ବା ଅତିରିକ୍ତ ଚତୁର୍ଥ ଭାଷା ଭାବେ ନେଇପାରିବେ।

ଏପରି ଘୋଷଣା କରାଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାରେ ବହୁ ଚ୍ୟାଲେଞ୍ଜ ରହିଛି। ତୃତୀୟ ଭାଷା ପାଇଁ ନିର୍ଦ୍ଦିଷ୍ଟ ପାଠ୍ୟପୁସ୍ତକ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନହିଁ। ଫଳରେ ଷଷ୍ଠ ଶ୍ରେଣୀ ସ୍ତରର ପୁସ୍ତକ ସହ ସ୍ଥାନୀୟ ସାହିତ୍ୟ ବ୍ୟବହାର କରିବାକୁ ବିଦ୍ୟାଳୟମାନଙ୍କୁ କୁହାଯାଇଛି। ଶିକ୍ଷକ ଅଭାବକୁ ସିବିଏସଇ ସ୍ୱୀକାର କରିବା ସହ ଏହାର ସମାଧାନ ପାଇଁ ଅନ୍ୟ ବିଷୟର ଭାଷାଜ୍ଞାନ ଥିବା ଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ, ଭର୍ଚୁଆଲ କିମ୍ବା ହାଇବ୍ରିଡ୍ ଶିକ୍ଷା ବ୍ୟବସ୍ଥାର ସହାୟତା ନେବାକୁ ପରାମର୍ଶ ଦିଆଯାଇଛି। ଏହାସହ ସିବିଏସଇ ଅନୁବନ୍ଧିତ ବିଦ୍ୟାଳୟମାନଙ୍କୁ ଜୁନ ୩୦ ସୁଦ୍ଧା ପୋର୍ଟାଲରେ ଛାତ୍ରଛାତ୍ରୀଙ୍କ ଭାଷା ବିକଳ୍ପ ଅପଲୋଡ୍ କରିବାକୁ କୁହାଯାଇଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଥିବା ମଧ୍ୟ ବୋର୍ଡ ପକ୍ଷରୁ କୁହାଯାଇଛି।

## ■ ଭବାନୀପାଟଣାରେ କାଳବୈଶାଖୀର ତାଣ୍ଡବ

# ଉପୁଡ଼ିଲା ଗଛ, ଭାଙ୍ଗିଲା ଘର



ଭବାନୀପାଟଣା,୧୬।୫(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରେ ଶନିବାର ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। କାଳବୈଶାଖୀଜନିତ ବର୍ଷା-ପବନରେ ରାସ୍ତାକଡ଼ର ବହୁ ଗଛ ଉପୁଡ଼ି ପଡ଼ିଥିବା ବେଳେ ବହୁ ଝାଟିମାଟି ଘର ଭାଙ୍ଗି ଯାଇଛି। ଦିନ ପ୍ରାୟ ସାଢ଼େ ୨ଟାରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିବା ସାଙ୍ଗକୁ ଜୋର୍‌ରେ ପବନ ବହିଥିଲା। ପରେ ପବନ ସହ ବର୍ଷା ଓ କୁଆପଥର ପଡ଼ିଥିଲା। ପବନର ବେଗ ଅଧିକ ଥିବାରୁ ଅଧିକାଂଶ ସ୍ଥାନରେ ଛୋଟ ବଡ଼ ଗଛ ଭାଙ୍ଗିଯାଇଥିଲା। କିଛି ସ୍ଥାନରେ ବଡ଼ଗଛ ଉପୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ପବନ ଯୋଗୁଁ ସହରର ଷ୍ଟେଚ୍ୟୁ ନିକଟ ଟେଲିଫୋନ ଭବନ ପାଖରେ ଏକ ଗଛ ଭାଙ୍ଗି କାର୍ ଉପରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସେହିପରି ସହରର ସତ୍ୟସାଇ ସ୍କୁଲ ଛକ ଟ୍ରାଫିକ୍ ସିଗ୍ନାଲରେ ଲୋକଙ୍କୁ ଖରାରୁ ରକ୍ଷା ପାଇଁ କରାଯାଇଥିବା ଆଶ୍ରୟସ୍ଥଳ ମଧ୍ୟ ଭାଙ୍ଗି ଯାଇଛି ଓ ଲାଲ୍ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ଖେଲ୍ ମେଳାର ମଞ୍ଚ ଓ ବ୍ୟାରିକେଡ଼ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା।

କାଳବୈଶାଖୀ ଯୋଗୁଁ ଗଛଗୁଡ଼ିକ ଭାଙ୍ଗି ଯାଇଥିବାରୁ ସହରରେ ବିଦ୍ୟୁତ୍ ସରବରାହ ମଧ୍ୟ ଅପରାହ୍ନରୁ ବନ୍ଦ ରହିଛି। ରାସ୍ତାରେ ଗଛଗୁଡ଼ିକ ପଡ଼ିଥିବାରୁ ଖବର ପାଇ ରାସ୍ତା ସଫା କରିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି। ସେହିପରି, ଟିପିଡବ୍ଲୁଓ ଡିଏଲ ବିଭାଗ ପକ୍ଷରୁ ମଧ୍ୟ ବିଦ୍ୟୁତ୍ ସଜଡା କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ, ଗତ କିଛି ଦିନ ହେଲା ଭବାନୀପାଟଣା ସହରରେ ୪୩ଡିଗ୍ରୀରୁ ଅଧିକ ତାପମାତ୍ରା ରହୁଥିବା ବେଳେ ବିଶେଷଭାବେ ଆଜି ସକାଳୁ ପ୍ରବଳ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ବର୍ଷା ଯୋଗୁଁ ସ୍ଥାନୀୟ ଲୋକଙ୍କୁ ତାତି ଓ ଗୁଳୁଗୁଳିରୁ କିଛିଟା ଆଶ୍ୱସ୍ତି ମିଳିଛି।

# ବଜ୍ରପାତରେ ଯୁବକ ମୃତ

ଥୁଆମୂଳରାମପୁର,୧୬।୫(ସମିସ): ଭାଇକୁ ଖୋଜିବାକୁ ଯାଇ ବଡ଼ ଭାଇଙ୍କ ସହ ଘରକୁ ଫେରୁଥିବା ସମୟରେ କାଳବୈଶାଖୀ ଜନିତ ପ୍ରବଳ ପବନ, ବର୍ଷା ଓ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଦୁଃଖଦ ଘଟଣା ରାୟଗଡ଼ା ଜିଲ୍ଲା ଅଣ୍ଡାରାକାଞ୍ଚ ଥାନା କୋଡ଼ିପାରି ପଞ୍ଚାୟତର ବର୍ଜାଖାଲ ଗ୍ରାମ ନିକଟରେ ଘଟିଛି। ମୃତ ଯୁବକ କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା ଗୋପୀନାଥପୁର ପଞ୍ଚାୟତର ଦୂରମୁସି ଗ୍ରାମର ମଞ୍ଜିତ ମାଝୀ (୨୫)। ସେ ନାନ୍ଦୁ ମାଝୀଙ୍କ ପୁଅ।

ସୂଚନା ଅନୁଯାୟୀ, ମଞ୍ଜିତଙ୍କ ବଡ଼ ଭାଇ ଧନସିଂ ମାଝୀ କୁକୁଡ଼ା ଆଣିବା ପାଇଁ କାଶୀପୁର ଥାନା ଡଙ୍ଗାସିଲ ଗ୍ରାମକୁ ଯାଇଥିଲେ। କିନ୍ତୁ ଫେରିବାରେ ବିଳମ୍ବ ହେବାରୁ ସାନ ଭାଇ ମଞ୍ଜିତ ତାଙ୍କୁ ଖୋଜିବାକୁ ଦୂରମୁସି ଗ୍ରାମରୁ ବାହାରିଥିଲେ। ବର୍ଜାଖାଲ ନିକଟରେ ଉଭୟ ଭାଇଙ୍କ ଭେଟ ହୋଇଥିଲା ଏବଂ ପରେ ସେମାନେ ଏକାଠି ହୋଇ ଘରକୁ ଫେରୁଥିଲେ। ଏହି ସମୟରେ ହଠାତ୍ ବର୍ଷା ଓ ଘଡ଼ଘଡ଼ି ଆରମ୍ଭ ହୋଇଥିଲା। ଦୁଇଭାଇ ବର୍ଜାଖାଲ ଗ୍ରାମ ନିକଟରେ ସେମେଲ ଗଛପାଖ ଦେଇ ଯାଉଥିବା ବେଳେ ହଠାତ୍ ପ୍ରଚଣ୍ଡ ବଜ୍ରପାତ ହୋଇଥିଲା। ଏଥିରେ ମଞ୍ଜିତଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପରେ ମୃତକଙ୍କ ବଡ଼ଭାଇ ଧନସିଂ ମାଝୀ ଅଣ୍ଡାରାକାଞ୍ଚ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିବା ବେଳେ ଶବ ବ୍ୟବଚ୍ଛେଦ ପାଇଁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ କାଶୀପୁର ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଏସ୍ଆଇ ଦୟାନିଧି ଭୋଇ ଘଟଣାର ତଦନ୍ତ ଜାରି ରଖିଛନ୍ତି। ପରିବାରର ଏକମାତ୍ର ରୋଜଗାରିଆ ସଦସ୍ୟଙ୍କ ମୃତ୍ୟୁ ପରେ ମଞ୍ଜିତଙ୍କ ସ୍ତ୍ରୀ ଓ ୬ବର୍ଷର ପୁଅ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ସରକାରୀ ନିୟମ ଅନୁଯାୟୀ ବଜ୍ରପାତ ଜନିତ ଆର୍ଥିକ ସହାୟତା ତୁରନ୍ତ ପ୍ରଦାନ କରିବାକୁ ଦାବି ହୋଇଛି।

## ■ +୨ ପରୀକ୍ଷାଫଳକୁ ନେଇ ସିବିଏସ୍ଇର ସ୍ପଷ୍ଟୀକରଣ

# ଅସନ୍ତୁଷ୍ଟ ଥିଲେ ପୁନଃମୂଲ୍ୟାୟନ ପାଇଁ ଆବେଦନ କରିପାରିବେ

ଭୁବନେଶ୍ୱର, ୧୬।୫ (ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ପରିଚାଳିତ +୨ ପରୀକ୍ଷା ଫଳକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଚଳିତ ବର୍ଷ ଅନ୍‌ଲାଇନ୍ ମାଧ୍ୟମରେ ମୂଲ୍ୟାୟନ ହୋଇଥିବାରୁ ସେମାନଙ୍କ ମାର୍କ କମିଥିବା ସୋସିଆଲ୍ ମିଡ଼ିଆରେ ଅଭିଯୋଗ କରୁଛନ୍ତି। ମାର୍କିଂ ପ୍ରକ୍ରିୟାକୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏହାକୁ ନେଇ ସିବିଏସ୍ଇ ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସ୍ପଷ୍ଟୀକରଣ ଦିଆଯାଇଛି। କୁହାଯାଇଛି ଯେ ଛାତ୍ରଛାତ୍ରୀମାନେ ସୋସିଆଲ୍ ମିଡ଼ିଆରେ କରୁଥିବା ପୋଷ୍ଟ ସମ୍ପର୍କରେ ବୋର୍ଡ ଅବଗତ ଅଛି। ଛାତ୍ରଛାତ୍ରୀଙ୍କ ଚିନ୍ତା ପ୍ରତି ବୋର୍ଡ ଅତ୍ୟନ୍ତ ସମ୍ବେଦନଶୀଳ ରହିଛି। ସିବିଏସ୍ଇର ଅଭିଜ୍ଞ ଶିକ୍ଷକମାନେ ପରୀକ୍ଷାରେ ମୂଲ୍ୟାଙ୍କନ କରିଛନ୍ତି। ମାର୍କିଂ ଯୋଜନାରେ ଉତ୍ତର ଦେବାର ବିକଳ୍ପ ପଦ୍ଧତି ମଧ୍ୟ ରହିଛି। ଫଳରେ ବିକଳ୍ପ ପଦ୍ଧତି ବ୍ୟବହାର କରି ଉତ୍ତର ଦେଇଥିବା ପିଲାଙ୍କୁ ମଧ୍ୟ ଗ୍ରେଡ୍ ଦିଆଯାଇଛି। କୌଣସି ଛାତ୍ର ଫଳାଫଳରେ ଅସନ୍ତୁଷ୍ଟ ମନେ କରୁଥିଲେ, ମାର୍କ ଯାଞ୍ଚ, ମୂଲ୍ୟାଙ୍କିତ ଉତ୍ତରଖାତାର ନକଲ ବା ପୁନଃମୂଲ୍ୟାୟନ ପାଇଁ ଆବେଦନ କରିପାରିବେ। ଏହି ସ୍ୱଚ୍ଛ ବିକଳ୍ପ ବ୍ୟବସ୍ଥା ଆପଣେଇ ସିବିଏସ୍ଇ ନିକଟରେ ଆବେଦନ କରିପାରିବେ। ଯେଉଁ ପିଲାମାନେ ଚିନ୍ତିତ କିମ୍ବା ପରୀକ୍ଷା ଫଳକୁ ନେଇ ସନ୍ତୁଷ୍ଟ ନାହାନ୍ତି, ସେମାନେ ୧୮୦୦-୧୧-୮୦୦୪ ନମ୍ବରରେ ଯୋଗାଯୋଗ କରିପାରିବେ। ଏହାସହ resultcbse2026@gmail.com ମେଲ୍ ଆଇଡିରେ ମଧ୍ୟ ସିଧାସଳଖ ଅଭିଯୋଗ କରି ସ୍ପଷ୍ଟତା ପାଇବାକୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ବୋର୍ଡ ଆହ୍ୱାନ କରିଛି।

## ଅବଶିଷ୍ଟାଂଶ...

### ଆଣ୍ଡାମାନ ଛୁଇଁ...

ଉଦାହରଣ ଦେଇ ଡ. ପଶୁପାଳକ କହିଛନ୍ତି ଯେ ୨୦୧୫ ମସିହାର ମୌସୁମୀ ଋତୁରେ ଏପରି ଘଟଣା ଦେଖିବାକୁ ମିଳିଥିଲା। ମୌସୁମୀ ପ୍ରବାହ ମେ ୧୬ ତାରିଖ ସୁଦ୍ଧା ଆଣ୍ଡାମାନ ସାଗର ଛୁଇଁବାରେ ପ୍ରାରମ୍ଭିକ ସଫଳତା ହାସଲ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଭାରତୀୟ ଉପମହାଦ୍ୱୀପ ଆଡ଼କୁ ଏହାର ଅଗ୍ରଗତି ବିକଶିତ ହେଉଥିବା ଏଲ୍ ନିନୋ ସ୍ଥିତିର ପ୍ରତିକୂଳ ପ୍ରଭାବ ଯୋଗୁଁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲା। ଫଳରେ ଓଡ଼ିଶାରେ ମୌସୁମୀ ଆଗମନ ଅତ୍ୟଧିକ ବିଳମ୍ବିତ ହୋଇ ଜୁନ୍ ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ଦୁର୍ବଳ ସ୍ଥିତିରେ ପହଞ୍ଚିଥିଲା। ଏହିପରି ଏକ ବାୟୁମଣ୍ଡଳୀୟ ଅସ୍ଥିରତା ୨୦୦୨ ମସିହାର ମରୁଡ଼ି ବର୍ଷରେ ମଧ୍ୟ ଅନୁଭୂତ ହୋଇଥିଲା।

ଡ. ପଶୁପାଳକଙ୍କ ଅନୁଯାୟୀ, ଚଳିତ ୨୦୨୬ ବର୍ଷର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବର୍ତ୍ତମାନର ସ୍ଥାନୀୟ ସାମୁଦ୍ରିକ ପୃଷ୍ଠଭାଗର ଅନୁକୂଳ ତାପମାତ୍ରା ଏବଂ ବଙ୍ଗୋପସାଗରର ଗତିଶୀଳତା ଯୋଗୁଁ ପ୍ରାରମ୍ଭିକ ବାୟୁମଣ୍ଡଳୀୟ ସଙ୍କେତ ଓଡ଼ିଶାରେ ଜୁନ୍ ୭ ରୁ ୧୦ ତାରିଖ ମଧ୍ୟରେ ଏକ ସମ୍ଭାବ୍ୟ ପ୍ରାୟ ସ୍ୱାଭାବିକ କିମ୍ବା ସାମାନ୍ୟ ଆଗୁଆ ପ୍ରବେଶ ଆଡ଼କୁ ନିର୍ଦ୍ଦେଶ କରୁଛି। ତେବେ ବିଶ୍ୱସ୍ତରୀୟ ମଡେଲଗୁଡ଼ିକ ଗ୍ରୀଷ୍ମ ଋତୁର ମଧ୍ୟଭାଗ ସୁଦ୍ଧା ଏକ ପୂର୍ଣ୍ଣ ବିକଶିତ ଏଲ୍ ନିନୋ ପର୍ଯ୍ୟାୟ ଆଡ଼କୁ ଦ୍ରୁତ ପରିବର୍ତ୍ତନର ସୂଚନା ଦେଉଛି। ଆସନ୍ତା ତିନି ସପ୍ତାହ ମଧ୍ୟରେ ବିଶେଷ କରି ଜୁନ୍ ୧ ତାରିଖ ପରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ପ୍ରକ୍ରିୟାର ନିରନ୍ତରତା ଏବଂ ବାରମ୍ବାରତା ହିଁ ଚୂଡ଼ାନ୍ତ ନିର୍ଣ୍ଣାୟକ କାରଣ ହେବ। ଏହାହିଁ ସ୍ପଷ୍ଟ କରିବ ଯେ ଓଡ଼ିଶା ଏକ ପ୍ରକୃତ ଶକ୍ତିଶାଳୀ ଓ ଫଳପ୍ରଦ ମୌସୁମୀ ଅଗ୍ରଗତି ହାସଲ କରିବ ନା କେବଳ ଏକ ସାମୟିକ, ଭ୍ରମାତ୍ମକ ପ୍ରାରମ୍ଭିକ ସଞ୍ଚାରରେ ସୀମିତ ରହିବ ବୋଲି ଡ. ପଶୁପାଳକ ମତବ୍ୟକ୍ତ କରିଛନ୍ତି।

### ବିପର୍ଯ୍ୟୟ ସୃଷ୍ଟି କରିବ...

ଏବଂ ବ୍ୟାପକ କ୍ଷୟକ୍ଷତି ହେବାର ଆଶଙ୍କା ରହିଛି। ମଧ୍ୟପ୍ରଦେଶର ଇନ୍ଦୋର, ଉଜ୍ଜୟିନୀ, ଗ୍ୱାଲିଅର୍, ଜବଲପୁର, ସାଗର ଏବଂ ନର୍ମଦାପୁରମ୍ ଭଳି ପ୍ରମୁଖ ସହରଗୁଡ଼ିକରେ ସ୍ୱାଭାବିକଠାରୁ ବହୁତ କମ୍ ବର୍ଷା ହେବ। ପଞ୍ଜାବ, ହରିଆଣା ଏବଂ ରାଜସ୍ଥାନ ଭଳି କୃଷି ପ୍ରଧାନ ରାଜ୍ୟଗୁଡ଼ିକରେ ଅଗଷ୍ଟ ଏବଂ ସେପ୍ଟେମ୍ବର ମାସରେ ପ୍ରବଳ ଶୁଷ୍କ ପାଣିପାଗ ସହ ଦୀର୍ଘଦିନ ଧରି ମରୁଡ଼ି ପରିସ୍ଥିତି ଦେଖାଦେବ। ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ଏବଂ ଅଧିକ ଗରମ ସହ ଶୁଷ୍କ ପରିବେଶ ସୃଷ୍ଟି ହେବ। ଭାରତର ପ୍ରାୟ ଶତକଡା ୬୦ ଭାଗ ଚାଷୀ ଖରିଫ ଫସଲ ପାଇଁ ସମ୍ପୂର୍ଣ୍ଣ ଭାବେ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାନ୍ତି। ପୂର୍ବରୁ ୨୦୧୫-୧୬ ମସିହାର ସୁପର ଏଲ୍ ନିନୋ ସମୟରେ ମହାରାଷ୍ଟ୍ରର ମରାଠୱାଡ଼ା ଅଞ୍ଚଳରେ ଶତକଡା ୪୦ ଭାଗ କମ୍ ବର୍ଷା ହୋଇଥିଲା, ଯାହା ଚାଷକାର୍ଯ୍ୟକୁ ସମ୍ପୂର୍ଣ୍ଣ ଉଜାଡ଼ି ଦେଇଥିଲା। ସେହିପରି ୨୦୨୩ ମସିହାରେ ଓଡ଼ିଶାର ବଲାଙ୍ଗୀର, ମହାରାଷ୍ଟ୍ରର ନାସିକ୍ ଏବଂ ଛତିଶଗଡ଼ର କୋରବା ଭଳି ଜିଲ୍ଲାଗୁଡ଼ିକ ପ୍ରବଳ ବର୍ଷା ଅଭାବର ସମ୍ମୁଖୀନ ହୋଇଥିଲେ। ଚଳିତ ବର୍ଷ ମଧ୍ୟ ସମାନ ପରିସ୍ଥିତି ଉପୁଜିଲେ କୃଷି କ୍ଷେତ୍ରରେ ବ୍ୟାପକ କ୍ଷତି ଘଟିବାର ଆଶଙ୍କା ରହିଛି। ଏହି ସମସ୍ତ ପ୍ରତିକୂଳ ପାଣିପାଗ ମଧ୍ୟରେ ଏକମାତ୍ର ଆଶାର କିରଣ ହେଉଛି ଭାରତ ମହାସାଗରୀୟ ଦ୍ୱିମେରୁ ପ୍ରଭାବ। ମୌସୁମୀ ଋତୁର ଶେଷ ଆଡକୁ ଏହା ସକ୍ରିୟ ହେବାର ସମ୍ଭାବନା ରହିଛି, ଯାହା ଏଲ୍ ନିନୋର ନକାରାତ୍ମକ ପ୍ରଭାବକୁ କିଛି ପରିମାଣରେ ହ୍ରାସ କରିପାରେ।

### ଇରାନ ଉପରେ...

ମୁଖ୍ୟ କେନ୍ଦ୍ର ଖାର୍ଗ ଦ୍ୱୀପକୁ ଆମେରିକା ନିଜ ନିୟନ୍ତ୍ରଣକୁ ନେବା ପାଇଁ ଚେଷ୍ଟା କରିପାରେ, ଯାହାଫଳରେ ଯୁଦ୍ଧର ଖର୍ଚ୍ଚ ଏବଂ ବ୍ୟାପକତା ବହୁଗୁଣିତ ହେବ।

ଏହି ଯୁଦ୍ଧ ଆମେରିକାର ସାଧାରଣ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି, କାରଣ ଏହା ଯୋଗୁଁ ଦେଶରେ ଆର୍ଥିକ ବୋଝ ଏବଂ ମୁଦ୍ରାସ୍ଫୀତି ବଢ଼ିବାରେ ଲାଗିଛି। ଆଗାମୀ ନଭେମ୍ବର ମାସରେ ଆମେରିକାରେ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପ ଏକ କଠିନ ରାଜନୈତିକ ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ଟ୍ରମ୍ପଙ୍କ ଉପରେ ଚାପ ପକାଉଛନ୍ତି ଯେ ସେ ଇରାନ ସହ ଏକ ସାଲିସ୍ କରି ହର୍ମୁଜ ପ୍ରଣାଳୀକୁ ମୁକ୍ତ କରନ୍ତୁ ଏବଂ ନିଜର ବିଜୟ ଘୋଷଣା କରନ୍ତୁ। ଅପରପକ୍ଷରେ ଇରାନ ମଧ୍ୟ ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସଙ୍କେତ ଦେଇଛି। ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ କହିଛନ୍ତି ଯେ ଆମେରିକାର ଯେକୌଣସି ଆକ୍ରମଣର ଉଚିତ୍ ଜବାବ ଦେବା ପାଇଁ ସେମାନଙ୍କ ସେନା ପ୍ରସ୍ତୁତ ଅଛି। ଗୁପ୍ତଚର ସୂଚନା ଅନୁଯାୟୀ, ଇରାନ ହର୍ମୁଜ ପ୍ରଣାଳୀ ଆଖପାଖରେ ଥିବା ତା'ର ପ୍ରାୟ ୩୦ଟି କ୍ଷେପଣାସ୍ତ୍ର ଘାଟିକୁ ପୁନର୍ବାର ସକ୍ରିୟ କରିସାରିଛି, ଯାହା ସେହି ପଥ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜ ଏବଂ ଯୁଦ୍ଧ ଜାହାଜଗୁଡ଼ିକ ପାଇଁ ବଡ଼ ବିପଦ ସୃଷ୍ଟି କରିପାରେ।

### ଓଡ଼ିଶାର ଅର୍ଥନୈତିକ...

ଓଏମ୍‌ସି କେବଳ ଏକ ବ୍ୟବସାୟିକ ସଂସ୍ଥା ଭାବେ ନୁହେଁ, ବରଂ ଓଡ଼ିଶାର ଅର୍ଥନୈତିକ ବିକାଶର ଏକ ପ୍ରମୁଖ ସ୍ତମ୍ଭ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ନିଗମ ତାର ଲାଭାଂଶର ଏକ ସିଂହଭାଗ ରାଜ୍ୟ ସରକାରଙ୍କୁ ନିୟମିତ ଭାବେ ପ୍ରଦାନ କରିଆସୁଛି। ରାଜ୍ୟରେ ମୂଲ୍ୟବାନ ଖଣିଜ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବେ ବ୍ୟବହାର କରି ଓଏମ୍‌ସି ଆଜି ରାଜ୍ୟ ଓ ଦେଶର ସମୃଦ୍ଧିରେ ଅତୁଳନୀୟ ଅବଦାନ ରଖୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କାଳିଆପାଣିଠାରେ ନବନିର୍ମିତ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ, ଖଣି ଅଞ୍ଚଳବାସୀଙ୍କ ପାଇଁ ୮ଟି ଅତ୍ୟାଧୁନିକ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ, ସମନ୍ୱିତ ପରିଚାଳନା ଓ ଅନୁଧ୍ୟାନ କେନ୍ଦ୍ର ଏବଂ ଓ-ସ୍ୱାସ୍ଥ୍ୟ ନାମକ ଏକ ଡିଜିଟାଲ୍ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏଥିସହ ଶ୍ରେଷ୍ଠ ପ୍ରଦର୍ଶନକାରୀ ଖଣି ଓ ରିଜିଅନ୍‌କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି.କେ ସିଂହ, ଓଏମ୍‌ସିର ଅଧ୍ୟକ୍ଷ ଗିରୀଶ ଏସ୍.ଏନ ଏବଂ ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

### ୩ୟ, ୪ର୍ଥ ସନ୍ତାନ...

ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବା କାରଣରୁ ଅନେକ ଦମ୍ପତି କେବଳ ଗୋଟିଏ ସନ୍ତାନ ଗ୍ରହଣ କରୁଛନ୍ତି, କିମ୍ବା ପ୍ରଥମ ସନ୍ତାନ ପୁତ୍ର ନହେଲେ ଦ୍ୱିତୀୟ ସନ୍ତାନ ପାଇଁ ଚେଷ୍ଟା କରୁଛନ୍ତି। ଏହାଫଳରେ ରାଜ୍ୟର ଜନସଂଖ୍ୟା ଅଭିବୃଦ୍ଧି ହାର କମିବାରେ ଲାଗିଛି। ସ୍ଥିର ଜନସଂଖ୍ୟା ପାଇଁ ଆବଶ୍ୟକ ହେଉଥିବା ପ୍ରଜନନ ହାର ୨.୧ ବଜାୟ ରଖିବା ଜରୁରୀ। ସେ ସତର୍କ କରାଇ ଦେଇଛନ୍ତି ଯେ ବିଶ୍ୱର ଅନେକ ଦେଶରେ ଜନସଂଖ୍ୟା ହ୍ରାସ ଏବଂ ବୃଦ୍ଧଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବା ଯୋଗୁଁ ସେଠାକାର ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଛି। ଅତୀତରେ ଜନସଂଖ୍ୟା ନିୟନ୍ତ୍ରଣର ସପକ୍ଷବାଦୀ ଥିବା ଚନ୍ଦ୍ରବାବୁ ନାଇଡୁ ଏବେ ନିଜ ଆଭିମୁଖ୍ୟ ବଦଳାଇଛନ୍ତି। ସେ କହିଛନ୍ତି ଯେ ମାନବ ସମ୍ବଳ ହେଉଛି ଆମର ସବୁଠାରୁ ବଡ଼ ଅର୍ଥନୈତିକ ଶକ୍ତି। ଦକ୍ଷିଣ ଭାରତରେ ଜନ୍ମହାର କମିବା କାରଣରୁ ଆଗାମୀ ଦିନରେ ସଂସଦରେ ପ୍ରତିନିଧିତ୍ୱ ହ୍ରାସ ପାଇବାର ମଧ୍ୟ ଆଶଙ୍କା ରହିଛି। ଏହି ସମସ୍ୟାର ସମାଧାନ ପାଇଁ ଆନ୍ଧ୍ରପ୍ରଦେଶ ସରକାର ଏକ ଦୃଢ଼ ଜନସଂଖ୍ୟା ନୀତି ପ୍ରଣୟନ କରିବାକୁ ଯାଉଛନ୍ତି। ସମାଜରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ଏବଂ ଯୁବପିଢ଼ିଙ୍କ ସଂଖ୍ୟା ହ୍ରାସ ପାଇବା ଆଗାମୀ ଦିନ ପାଇଁ ଏକ ବଡ଼ ଆହ୍ୱାନ। ଏହି ପରିପ୍ରେକ୍ଷୀରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଏହି ଆର୍ଥିକ ପ୍ରୋତ୍ସାହନ ଯୋଜନା ପରିବାରଗୁଡ଼ିକୁ ଅଧିକ ସନ୍ତାନ ଜନ୍ମ କରିବା ପାଇଁ ଉତ୍ସାହିତ କରିବ ଏବଂ ରାଜ୍ୟର ଆର୍ଥିକ ତଥା ସାମାଜିକ ସ୍ଥିରତା ବଜାୟ ରଖିବାରେ ସହାୟକ ହେବ।

### ଶ୍ରୀ ଅନ୍ନ ଅଭିଯାନରେ...

ଉନ୍ନୟନ ସମନ୍ୱୟ ନିଗମ) ଗୋଦାମକୁ ପାଇଁ ଉଠାଯାଇଛି। ଏବେ ମଧ୍ୟ ପ୍ରାୟ ୧୦,୫୦୦ କ୍ୱିଣ୍ଟାଲ ମାଣ୍ଡିଆ ବିଭିନ୍ନ ମଣ୍ଡିରେ ପଡ଼ି ରହି ସଢୁଛି। ଏହି କାରଣରୁ ଜିଲ୍ଲାର ପ୍ରାୟ ୯୮୦ଜଣ ଚାଷୀ ତାଙ୍କ ବିକ୍ରି ମାଣ୍ଡିଆର ଟଙ୍କା ପାଇ ପାରିନଥିବା ଜଣାପଡିଛି।

ନିୟମ ଅନୁସାରେ, ଚଳିତ ବର୍ଷ ମାର୍ଚ୍ଚ ୩୧ ତାରିଖ ମାଣ୍ଡିଆ ମଣ୍ଡିର ଶେଷ ତାରିଖ ଥିଲା। ତା' ପରେ ଟିଡିସିସି ଦ୍ୱାରା ମାଣ୍ଡିଆ ଉଠାଇ ଚାଷୀଙ୍କ ଖାତାକୁ ଡିବିଟି ମାଧ୍ୟମରେ ଟଙ୍କା ପଠା ଯାଇଥା'ନ୍ତା। କିନ୍ତୁ, ଲ୍ୟାମ୍ପସ୍ ଓ ଏଫ୍‌ପିଓ ପକ୍ଷରୁ ଚାଷୀମାନଙ୍କୁ କୁହାଯାଉଛି ଯେ ଏମ-ପାସ୍ ସାଇଟ୍ ବନ୍ଦ ଥିବାରୁ ଟିଡିସିସି ପକ୍ଷରୁ ଟ୍ରାନଜିଟ୍ ପାସ୍ (ଟିପି) ଜେନେରେସନ୍ ହୋଇପାରୁନାହିଁ। ଫଳରେ ମାଣ୍ଡିଆ ଉଠାଣ ଓ ଟଙ୍କା ପ୍ରଦାନ ପ୍ରକ୍ରିୟା ଅଟକି ରହିଛି। ଏହାକୁ ନେଇ ଚାଷୀମାନେ ଗୁରୁତର ଆର୍ଥିକ ସମସ୍ୟାରେ ପଡ଼ିବା ସହ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିଜର ମାଣ୍ଡିଆ ବିକ୍ରି କରି ଏମଏସପି ଟଙ୍କା ପାଇପାରୁ ନାହାନ୍ତି। ଏପରିକି, ବାହାରୁ ଆଣିଥିବା ଧାରକରଜ ଶୁଝିବାକୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାର ଶୀଘ୍ର ସମାଧାନ ପାଇଁ ଏମ୍ ପାସ୍ ସାଇଟକୁ ୫ରୁ ୬ଦିନ ପାଇଁ ପୁନଃ ଖୋଲିବାକୁ ଏବଂ ଟ୍ରାନଜିଟ୍ ପାସ ଜେନେରେଟ୍ କରି ମଣ୍ଡିରେ ପଡ଼ି ରହିଥିବା ମାଣ୍ଡିଆ ଶୀଘ୍ର ଉଠାଇବା ପାଇଁ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି।

ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍‌ରେ ଶ୍ରୀ ଅନ୍ନ ଅଭିଯାନ ଯୋଜନାରେ ସମୁଦାୟ ୧୫୬୦ ହେକ୍ଟର୍ ଜମିରେ ମାଣ୍ଡିଆ ଚାଷ ହୋଇଥିବା ବେଳେ ଏଥିରେ ୩୨୩୪ଜଣ ଚାଷୀ ଉପକୃତ ହେବାର ଲକ୍ଷ୍ୟ ରଖାଯାଇଥିଲା। ଫସଲ ପରେ ୧୦୧୭ଜଣ ଚାଷୀଙ୍କଠାରୁ ମୋଟ ୧୫୩୪୭ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଥିଲା। ୭୭୮ଜଣ ଚାଷୀ ନିଜର ଏମ୍‌ଏସ୍‌ପି ପାଇ ସାରିଥିବା ବେଳେ ଏକ ମାସରୁ ଅଧିକ ସମୟ ଧରି ବଳକା ୨୩୯ଜଣ ଚାଷୀ ସେମାନଙ୍କ ଟଙ୍କା ପାଇ ନାହାନ୍ତି। ଏନେଇ ସେମାନେ ଜିଲ୍ଲାପାଳ ଓ ଟିଡିସିସି ରାୟଗଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତିବୋଲି ସଦର ବ୍ଲକ ଗୁମ୍ମା ପଞ୍ଚାୟତର ଚାଷୀ ଖଗପତି ମୁଗୁଲି, କ୍ରିଷ୍ଣାରାଓ ହିକକା କହିଛନ୍ତି। ରାୟଗଡ଼ା ବ୍ଲକ୍‌ରୁ ୧୧୮୯୭ କ୍ୱିଣ୍ଟାଲ ମାଣ୍ଡିଆ ୬ଟି ମଣ୍ଡି ପଏଣ୍ଟରୁ ସିଡବ୍ଲ୍ୟୁସି/ଟିଡିସିସି ଗୋଦାମକୁ ଉଠାଣ ହୋଇଥିବା ବେଳେ ବଳକା ୩୪୫୦ କ୍ୱିଣ୍ଟାଲ ମାଣ୍ଡିଆ ଏବେ ବି ବିଭିନ୍ନ ମଣ୍ଡିରେ ପଡ଼ି ରହିଛି।


13001/516/2627

ଝାରସୁଗୁଡ଼ା ପୌରପାଳିକା କାର୍ଯ୍ୟାଳୟ
**Jharsuguda Municipality**
ମଙ୍ଗଳବଜାର,ଝାରସୁଗୁଡ଼ା- ୭୬୮୨୦୧
Mangal Bazaar, Jharsuguda-768201
Mail: jsgmunicipality@yahoo.com , Ph: 06645-272236

L. No. 1891/JM — Date 14.05.2026

**EXPRESSION OF INTEREST**

Sealed Expression of Interest is invited from registered Women Self- Help Groups (WSHG) of Jharsuguda Municipality for operation and maintenance of 28 Nos of Community Toilets and Public Toilets (Zone A-14 Nos & Zone B-14 Nos) located at Jharsuguda Municipality area.

Interested WSHGs are requested to submit their application along with the application form, Financial Bid with copy of their group resolution and relevant experience documents, if any.

The sealed applications must reach the office of the Jharsuguda Municipality through Registered Post/Speed Post only on or before 28.05.2026 by 10:00 AM. The received bids shall be opened on the same day at 12:00 PM in the presence of the bidders or their authorized representatives.

The detailed Terms & Conditions, scope of work, eligibility criteria, and other related information are available in Jharsuguda Municipality website: http://jharsugudamunicipality.in.

The undersigned reserves the right to accept or reject any onall EOIs without assigning any reason thereof. The decision of the authority shall be final and binding on all concerned.

Executive Officer
Jharsuguda Municipality

OIPR-13001/13165/1/26-27/0006



GOVERNMENT OF ODISHA — 32001/226/2627
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
UPPER INDRAVATI RIGHT CANAL DIVISION.NO.I
AT/PO: MUKHIGUDA, DIST: KALAHANDI
ODISHA, PIN: 766026
e-mail address: eeuired1@gmail.com

No. 790 — Date: 11.05.2026

1. Type/Nature of work: Civil Works
2. Total No. of works: 15 (Fifteen) Nos.
3. Approx. value of works: Rs.7.62 Lakh to Rs. 42.00Lakh (Excluding GST).
4. Period of completion: 06 (Six Calender) Months
5. Classification of bidders: 'D','C' & 'B' Class Contractors only.

Other details as follows:

| Procurement Officer. | e-Procurement Notice No. | Bid Amount | Availability & Submission of Bids online. |
|---|---|---|---|
| 1 | 2 | 3 | 4 |
| SUPERINTENDING ENGINEER UPPER INDRAVATI RIGHT CANAL DIVISION NO. I AT/PO: MUKHIGUDA, DIST. KALAHANDI ODISHA, PIN: 766026. | SE, RCD-I-02(1-15)/ 26-27 Dt.11.05.2026 | Rs.7.62 Lakh to Rs. 42.00 Lakh (Excluding GST). | From 18.05.2026 to 29.05.2026 |

N.B: Further details can be seen from the e-procurement portal **https://www.tendersodisha.gov.in** Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

Date of opening of bid: Dt-30.05.2026 at 11.00 AM in the O/O the Superintending Engineer, UI Right Canal Division No-I, Mukhiguda, Kalahandi, Odisha, PIN-766026.

Superintending Engineer,
UI Right Canal Division.No.I,
Mukhiguda, Kalahandi.

OIPR-32001/32022/1/26-27/0002



**AFFIDAVIT**

By virtue of an affidavit sworn before the Court of the Executive Magistrate,Cuttack, dated 07.05.2026. I, **SASMITA BEHERA**, Village: Sendhagara, Post: Raipur, PS: Bansada, Dist.: Bhadrak, Odisha-756129 declare that I have changed my name from SASMITA ROUT to **SASMITA BEHERA**. Henceforth, I shall be known as **SASMITA BEHERA** for all purposes.

**(SASMITA BEHERA)**

**AFFIDAVIT**

By virtue of an affidavit sworn before the Executive Magistrate Of Birmaharajpur , dated.12/05/26. I, Bidhana Sethi (new name), Address At-Chauka, Po- Mursundhi, Ps-Subalaya, District- Sonepur, Pin -767018, Odisha declare that I have changed my name from KASTHA SETHI to BIDHANA SETHI. Henceforth, I shall be known as **BIDHANA SETHI** for all purposes.

**BIDHANA SETHI**

**AFFIDAVIT**

I, Md Ashique Ali Khan, aged about 54 years, S/o- Noor Ali Khan, resident of Barahapur, PO: Adhangagada, PS: Biridi, Dist: Jagatsinghpur, PIN: 754102, State: Odisha declared by this affidavit No. 987, dtd- 16/05/2026 that now onwards I shall be known as **ASHIQUE ALI KHAN** for all future purposes.

**AFFIDAVIT**

I, Bhagabati Prasad Das, aged about 44 years, S/o- Bipra Charan Dash, resident of Flat No.807/8, North View, Infocity Road, Patia, Bhubaneswar, Dist: Khorda, State: Odisha, PIN-751024 declared by this affidavit No.405, dtd- 15/05/2026 that now onwards I shall be known as **BHAGABATI PRASAD DASH** for all future purposes.

**AFFIDAVIT**

I, SUNALI SAHA, W/o - SANJAY KUMAR SAHA, resident of At - Kodavata, PO/PS - Raighar, Dist - Nabarangpur - 764074 Odisha declare by this Affidavit No 604, dated - 13/02/2026, that now onwards I shall be known as **SUNALI RANI SAHA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 814, dated 14-05-2026, I, PURUN HARIJAN, S/o - Hari Harijan, permanent resident of Village - Uparpanga, PO - Ghutrukhal, PS - Thuamul Rampur, Dist - Kalahandi, Odisha, Pin - 766026, declare that I have changed the name of my Daughter from HEMALI HARIJAN to HEMANI HARIJAN. Henceforth, she shall be known as **HEMANI HARIJAN** for all purposes.

**Sd/- Purun Harijan**

**AFFIDAVIT**

I, Chinam Manoj Kumar Patro, aged about 53 years, S/o- Ch. Trinath Kumar Patro, resident of Flat No.814, North View Appartment, 368 Infocity Road, Patia, Bhubaneswar, Dist: Khorda, State: Odisha, PIN-751024 declared by this affidavit No.404, dtd- 15/05/2026 that now onwards I shall be known as **CH MANOJ KUMAR PATRO** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 813, dated 13.05.2026, I, SATYABHAMA SOURA, Wife of - Dinabandhu Soura & Daughter of - Madhu Harijan, permanent resident of Village - Nuaguda, PO - Tumberla, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from BHAMA SOURA to SATYABHAMA SOURA. Henceforth, I shall be known as **SATYABHAMA SOURA** for all purposes.

**Sd/- Satyabhama Soura**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 15/05/2026. I, **Nalini Ratai** (applicant name), W/o Shyam Sundar Ratai, permanent & current resident of AT: Mousi Mandir Para, PO/PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor daughter's name from **Lipi Ratae** (old name) to **Lipsika Ratai** (new name). Henceforth, she shall be known as **Lipsika Ratai** (new name) for all future purposes.

**(Nalini Ratai)**

**AFFIDAVIT(for Minor)**

By virtue of an affidavit sworn before the Executive Magistrate, Badasahi, Mayurbhanj, Odisha, I, Hemanta Kumar Sing, S/o Kripa Sing, At-Srirampur, Po-Pruthunathpur, PS-Badasahi, Dist-Mayurbhanj, PIN-757017, Odisha, do hereby solemnly declare that I have changed the name of my minor son from Monaj Kumar Sing (Old Name) to Manoj Singh (New Name). Henceforth, my minor son shall be known as **Manoj Singh** for all purposes and in all records, deeds, writings, proceedings, and transactions, both private and public.

**AFFIDAVIT**

I, Rufida Perwen, aged about 39 years, W/o- Sayed Akinuddin, resident of Fakirsahi, PO: Suhagpur, PS: Kakatpur, Dist: Puri, PIN: 752107, State: Odisha declared by this affidavit No. 988, dtd- 16/05/2026 that now onwards I shall be known as **RUFIDA PARWEEN** for all future purposes.

**AFFIDAVIT**

By virtue of an affidavit No-1310, dated- 23.04.2026 sworn before the Executive Magistrate, Dharmasala, I **Taranum Khan,** D/o- Jabir Khan, resident of Vill: Brahmabarada, PO/PS: Brahmabarada, Dist: Jajpur, Odisha, Pin-755005, declare that my name has been wrongly mentioned as **Taramanum** in my Indian Passport bearing Number- H8226747 instead of **Taranum Khan** which is my correct name as mentioned in my Aadhaar Card Vide number: 4389 3819 9578 and my Pan Card vide number BVZPK5939B. The Purpose of this affidavit is to submit before competent authority for correction.

**(Taranum Khan)**

**AFFIDAVIT**

By virtue of an affidavit No.7607, dated-11/05/2026 sworn before the Executive Magistrate, Jajpur, I **Raisuddin Khan,** S/o- Mojibuddin Khan, residence Vill: Sayedpur, PO/PS: Binjharpur, Dist: Jajpur, Odisha, Pin- 755004, declare that my deceased father's name has been wrongly mentioned as **Mosibuddin Khan** in my Indian Passport bearing Number- 'N6590947' issued on 29/04/2016 instead of **Mojibuddin Khan** which is his correct name and supported by his death certificate. Henceforth I shall be known as **Raisuddin Khan,** S/o- Mojibuddin Khan for all future purposes.

**(Raisuddin Khan)**

## ପଞ୍ଚାୟତସ୍ତରୀୟ ଆଦିବାସୀ ସମାଜ ବୈଠକ



ମୁନିଗୁଡା,୧୬।୫(ସମିସ): ମୁନିଗୁଡା ବ୍ଲକ ସରଧାପୁର ପଞ୍ଚାୟତର କୋଡଡାଭଟା ଗ୍ରାମରେ ପଞ୍ଚାୟତସ୍ତରୀୟ ଆଦିବାସୀ ସମାଜ ବୈଠକ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁନିଗୁଡ଼ା ବ୍ଲକ୍ ଆଦିବାସୀ ସଂଘ ସଭାପତି ଜଗନ୍ନାଥ ନୁଣ୍ଡରୁକା ଯୋଗଦେଇ ସମାଜର ଏକତା, ଶିକ୍ଷାର ଉନ୍ନତି ଓ ସାମାଜିକ ସଚେତନତା ଉପରେ ଅଭିଭାଷଣ ଦେଇଥିଲେ। ବିଶେଷ ଅତିଥି ଭାବେ ଆଦିବାସୀ ସମାଜ ଉପସଭାପତି ରାଜୀବ ପୁସିକା, ସାଧାରଣ ସମ୍ପାଦକ ତ୍ରିପାଠି କିଲାକା, ପ୍ରକାଶ କର୍ସିକା, ସରପଞ୍ଚ ଅନନ୍ତ ନୁଣ୍ଡରୁକା, ସୁମନ୍ତ ନୁଣ୍ଡରୁକା ଓ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇ ସମାଜର ଉନ୍ନତି ଓ ପାରମ୍ପରିକ ମୂଲ୍ୟବୋଧ ରକ୍ଷା ପାଇଁ ମତ ପ୍ରକାଶ କରିଥିଲେ। ସରଧାପୁର ଗ୍ରାମପଞ୍ଚାୟତ ଆଦିବାସୀ ସମାଜ ପକ୍ଷରୁ ବିଭିଷଣ ରାଡିକା, ପୁରନ୍ଧର କାଦ୍ରକା, ଜଗନ୍ନାଥ ଜାକେସିକା, ପ୍ରଫୁଲ୍ଲ ସାରକା, କେରେ ସିହଡିଆ, ଅର୍ଜୁ ନୁଣ୍ଡରୁକା, ପବିତ୍ର ନୁଣ୍ଡରୁକା, ଅଜିତ ସାକାଦକା, ସନ୍ତୁ ବେଦ୍ରକା, ରିକ୍‌ଟା, ଅର୍ଜୁନା ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବୈଠକରେ ଶିକ୍ଷାର ପ୍ରସାର, ଅନ୍ଧବିଶ୍ୱାସ ଦୂରୀକରଣ, ମଦ୍ୟପାନ ରୋକ, ପାରମ୍ପରିକ ଓ ସାଂସ୍କୃତିକ ମୂଲ୍ୟବୋଧର ସୁରକ୍ଷା, ଭାଷାର ସଂରକ୍ଷଣ ଏବଂ ଦାୟୁରୀ ପ୍ରଣାଳୀ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ସମୁରୁ ଯାକେଶିକା ଧନ୍ୟବାଦ ଜଣାଇଥିଲେ।

### ରାସ୍ତା ରକ୍ଷଣାବେକ୍ଷଣ କାମରେ ଅର୍ଥ ଆତ୍ମସାତ୍ ଅଭିଯୋଗ

# ଶୀତଳଭଣ୍ଡାରରେ ପୂର୍ତ୍ତ ବିଭାଗର ତଦନ୍ତ

ବିଷମ କଟକ,୧୬।୫(ସମିସ): ବିଷମ କଟକ ପୂର୍ତ୍ତବିଭାଗ ଡିଭିଜନ୍ ୨ର ଦୁଇଟି ରାସ୍ତାର ଟେଣ୍ଡର କାମରେ କୌଣସି ଆଖିଦୃଶିଆ କାମ ନ କରି ଯନ୍ତ୍ରୀ ଓ ଠିକାଦାର ଲକ୍ଷାଧିକ ଟଙ୍କାର ଫଲସ୍ ବିଲ କରି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶ ପାଇଛି। ହେଲେ ଏହାର କୌଣସି ପ୍ରଭାବ ପୂର୍ତ୍ତ ବିଭାଗର ଉପରିସ୍ଥ ଅଧିକାରୀଙ୍କ ଉପରେ ପଡୁନଥିବା ଅଭିଯୋଗ ହୋଇଛି। ପୂର୍ତ୍ତବିଭାଗର ଉପସ୍ଥିତ ଅଧିକାରୀମାନେ ଘଟଣାର ସତ୍ୟତାର ତଦନ୍ତ କରିବା ପରିବର୍ତ୍ତେ ଯନ୍ତ୍ରୀ ଏବଂ ଠିକାଦାରଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି। ଲୋକ ଲୋଚନ କୁ ଆସିବା ପରେ ବି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପୂର୍ତ୍ତ ବିଭାଗ। ଟେଣ୍ଡର ଟଙ୍କା ଆତ୍ମସାତର ନାଁ ତଦନ୍ତ ହେଇପାରିଲା ନା ଯେଉଁ ଯେଉଁ କାର୍ଯ୍ୟ ନମନ୍ତେ ଅର୍ଥ ବ୍ୟୟବରାଦ ହୋଇଥିଲା ସେ କାର୍ଯ୍ୟ କରିବା ଦେଖିବାକୁ ମିଳିଲା। ପୂର୍ତ୍ତବିଭାଗର ଉପରିସ୍ଥ ଅଧିକାରୀମାନେ ସବୁ ଜାଣି ନ ଜାଣିଲା ପରି ଚୁପ୍ ବସିରହିବା ଅଧିକାରୀଙ୍କ କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠିବା ସହ ଏହି ଅର୍ଥ ଆତ୍ମସାତରେ ସେମାନଙ୍କ ସମ୍ପୃକ୍ତି ଥିବା ସନ୍ଦେହକୁ ଏଡାଯାଇପାରିବ ନାହିଁ। ତେଣୁ ଏହି ଟେଣ୍ଡର ଦୁର୍ନୀତିର ଏକ ନିରପେକ୍ଷ ତଦନ୍ତ ଦିଗରେ ରାୟଗଡା ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ସୂଚନାନୁଯାୟୀ,ବିଷମ କଟକ ପୂର୍ତ୍ତ ବିଭାଗ ଡିଭିଜନ୍ ୨ ଅଧିନରେ ରହିଥିବା ୩୨୬ ଏବଂ ୪୬ ନମ୍ବର ରାଜ୍ୟ ରାଜ୍ୟ ପଥର ରକ୍ଷଣାବେକ୍ଷଣ ଏବଂ ମରାମତି ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୩୨୬ ନମ୍ବର ରାଜ୍ୟ ରାଜପଥର ଚାଟିକୋଣା ଜୟଗୁରୁ ମନ୍ଦିର ଠାରୁ ତେଲେଙ୍ଗାପଦର ଯାଏ ରାସ୍ତାର ଦୁଇପଶ୍ୱର ରକ୍ଷଣାବେକ୍ଷଣ ସାଙ୍ଗକୁ ମରାମତି କରିବା ନିମନ୍ତେ ୨୧ ଲକ୍ଷ ଏବଂ ୪୬ ନମ୍ବର ରାଜ୍ୟରାଜପଥ ର ବିଷମ କଟକ ମାର୍କମା ମନ୍ଦିର ଠାରୁ ଦୁର୍ଗୀ ଗାଁ ପର୍ଯ୍ୟନ୍ତ ୧୬ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଥିଲା। ୩୨୬ ନମ୍ବର ରାଜ୍ୟ ରାଜ ପଥର ଚାଟିକୋଣା ଜୟଗୁରୁ ମନ୍ଦିର ଠାରୁ ତେଲେଙ୍ଗାପଦର ଯାଏ ରାସ୍ତାର ଦୁଇପାଶ୍ୱର୍ର ରକ୍ଷଣାବେକ୍ଷଣ ପାଇଁ ଟେଣ୍ଡର ହୋଇଥିବା



ବେଳେ ବିଷମ କଟକ ଭେଟେନାରୀ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ଓଳିଆ ଆବର୍ଜନା, ଏହି ଡ୍ରେନ୍ ସବୁର ଓଳିଆ ବାହାର କରିବା ପରିବର୍ତ୍ତେ ବିଭାଗୀୟ ବାବୁ ଏବଂ ଠିକାଦାର ମିଶି ଡ୍ରେନ୍‌ର କିଛି ସ୍ଥାନରେ ଡ୍ରେନ୍ ଉପରେ

**➤ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ**
**➤ ନିରପେକ୍ଷ ତଦନ୍ତ ଦାବି**

ଗଛଲଟା ବର୍ତ୍ତମାନ ସୁଦ୍ଧା ଭରି ହୋଇ ରହିଛି। ରାସ୍ତାର ଉଭୟ ପାଶ୍ୱର୍ରେ ବିଭାଗ ତରଫରୁ ପୂର୍ବରୁ ନିର୍ମାଣ ହୋଇଥିବା ଡ୍ରେନ୍ ଖୋଲା ମେଲାରେ ଛାଡି ଦେଇଥିଲା। ଉକ୍ତ ଡ୍ରେନ୍ ସବୁରେ ଓଳିଆ ଭରିହୋଇଯାଇଛି। ଦୁଇ ଚାରିଟା ଲେଖାଏଁ କଂକ୍ରିଟ୍ ପ୍ଲେଟ ରଖିଦେଇ କାମ ସାରିଦେଇଛନ୍ତି। ରାସ୍ତା କଡରୁ ନା ଉଠିଲା ଓଳିଆ ନାଁ କଟା ହେଲ ଗଛ ନା ସଫା ହେଲ ଡ୍ରେନ୍। କିନ୍ତୁ ଖର୍ଚ୍ଚ ହୋଇଗଲା ଲକ୍ଷାଧିକ ଟଙ୍କା। ସେହିପରି ୪୬ ନମ୍ବର ରାଜ୍ୟରାଜପଥ ର ବିଷମ କଟକ ମାର୍କମା ମନ୍ଦିର ଠାରୁ ଦୁର୍ଗୀ ଗାଁ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଶ୍ୱରେ ସଫେଇ ସାଙ୍ଗକୁ ଖାଲଖମାସ୍ଥାନରେ ମାଟି ପକାଇ ରାସ୍ତା ସମତଳ ନିମନ୍ତେ ୧୬ ଲକ୍ଷର ଟେଣ୍ଡର ହୋଇଥିଲା। ବିଷମ କଟକ ମାର୍କମା ବ୍ରିଜ୍‌ର ଦୁଇପାଶ୍ୱର୍ରେ ମାଟି ପକାଇବା ସହ ବ୍ରିଜ ଉପର ଭାଗକୁ ମରାମତି କରି ୧୬ଲକ୍ଷର କାମ ସାରିଦେଲେ। ବିଭାଗୀୟ ଯନ୍ତ୍ରୀଙ୍କ ଆଖି ଆଗରେ କୌଣସି କାର୍ଯ୍ୟ ହୋଇନଥିବା ବେଳେ ସେ ଠିକାଦାରଙ୍କୁ କିପରି ବିଲ୍ ପଇଠ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏନେଇ ବିଭାଗୀୟ ଯନ୍ତ୍ରୀ ସ୍ପଷ୍ଟୀକରଣ ରଖିବା ସହ ଯେଉଁ କାର୍ଯ୍ୟ ସବୁ ବାକି ରହିଛି ସେ ସବୁ କରାଇବା ନେଇ ପ୍ରତିଶୃତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାମ ହେବାର ଦେଖିବାକୁ ମିଳିଲା ନାହିଁ। ଏଭଳି ଦୁର୍ନୀତିକୁ ନେଇ ଆମେ ରାୟଗଡ଼ା ପୂର୍ତ୍ତବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ସାବିତ୍ରୀ ପାଳିଲେ ସଧବା ମହିଳା



ମାଲକାନଗିରି,୧୬।୫(ସମିସ): ଆଜି ମାଲକାନଗିରିରେ ସଧବା ମହିଳାମାନେ ହର୍ଷ ଉଲ୍ଲାସର ସହ ପାଳନ କରିଛନ୍ତି ସାବିତ୍ରୀ ବ୍ରତ। ଚାରିଆଡେ ହିନ୍ଦୁ ଧର୍ମର ମହିଳାମାନେ ଏହି ବ୍ରତ ପାଳନ କରୁଥିବା ବେଳେ ମାଲକାନଗିରି ଜିଲ୍ଲାରେ ମଧ୍ୟ ମହିଳାମାନେ ଏହି ବ୍ରତ ପାଳନ କରିଛନ୍ତି। ଜିଲ୍ଲା ସଦରରେ ଥିବା ଅନେକ ମନ୍ଦିର କିମ୍ବା ଚଉଁରା ମୂଳ ଓ ଅନେକ ମହିଳା ନିଜ ଘରେ ମଧ୍ୟରେ ପୂଜାର୍ଚ୍ଚନା କରି ବ୍ରତ ପାଳିଛନ୍ତି। ଏହି ଅବସରରେ ସତ୍ୟବାନ ଓ ସାବିତ୍ରୀଙ୍କ ପ୍ରତିମୂର୍ତ୍ତି କରି ଚଉଁରା ମୂଳେ ବା ଠାକୁର ଘରେ ବ୍ରତୋତ୍ସବ ପାଳନ ବେଳେ ସାବିତ୍ରୀ ଉପାଖ୍ୟାନ ପାଠ କରିବା ସହ ନୂଆ ପୋଷାକ ଧାରଣ କରି ଫଳ ଆହାର କରୁଥିବା ଦେଖିବାକୁ ମିଳିଛି। ତେବେ ଏହି ସାବିତ୍ରୀ ବ୍ରତକୁ ନେଇ ଫଳ ବଜାରରେ ବେସ ଚହଳ ଖେଳି ଯାଇଥିଲା। ଫଳ ଗୁଡିକର ଦରଦାମ ଆକାଶ ଛୁଆଁ ହୋଇଥିବା ବେଳେ ବ୍ୟବସାୟୀମାନେ ବେସ ଭଲ ଦୁଇ ପଇସା ରୋଜଗାର କରିଥିବା ଦେଖିବାକୁ ମିଳିଛି।

ଏମଭି-୭୯: ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମଭି-୭୯ ସ୍ଥିତ ତାରକେଶ୍ୱର ମନ୍ଦିର ଏବଂ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଥିବା ପବିତ୍ର ବଟବୃକ୍ଷ ନିକଟରେ ଶନିବାର ସଧବା ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଥିଲେ। ସ୍ୱାମୀଙ୍କ ଦୀର୍ଘାୟୁ ଓ ପରିବାରର ସୁଖ-ଶାନ୍ତି କାମନା କରି ମହିଳାମାନେ ବଟବୃକ୍ଷ ପୂଜା କରିବା ସହ ବ୍ରତର ସମସ୍ତ ନୀତିକାନ୍ତି ପାଳନ କରିଥିଲେ। ଏହି ଅବସରରେ ହନୁମାନ ମନ୍ଦିରର ପୂଜକ ତପନ ନନା ଶିବ ମନ୍ଦିର ପୂଜକ ପୂର୍ଣ୍ଣ ନନା ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଓ ବ୍ରତ କାର୍ଯ୍ୟ ସମ୍ପାଦନା କରିଥିଲେ। ଏମଭି ୭୯ ସମେତ ଆଖପାଖ ଗ୍ରାମର ଅନେକ ସଧବା ମହିଳା ଏଥିରେ ସାମିଲ ହୋଇ ପାରମ୍ପରିକ ରୀତିନୀତି ଅନୁସାରେ ବ୍ରତ ପାଳନ କରିଥିଲେ।



## ଆମ୍ରୋଦଳା ଷ୍ଟେସନରେ ପୁରୀ-କୋରାପୁଟ ଏକ୍ସପ୍ରେସ୍ ରହଣି ଦାବି

### ନାଗରିକ କମିଟି ପକ୍ଷରୁ ମହାପ୍ରବନ୍ଧକଙ୍କୁ ସ୍ମାରକପତ୍ର

ଅମ୍ବାଦଳା,୧୬।୫(ସମିସ): ଅମ୍ବାଦଳା ନାଗରିକ କମିଟି ପକ୍ଷରୁ ଆମ୍ବୋଦଳା ଷ୍ଟେସନରେ ପୁରୀ-କୋରାପୁଟ ଏକ୍ସପ୍ରେସ୍ ରହଣି ଦାବି ନେଇ ଷ୍ଟେସନ ମାଷ୍ଟରଙ୍କ ଜରିଆରେ ପୂର୍ବତଟ ରେଳବାଇ ଜୋନ ମହାପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ ଦେଇଛି କମିଟି। ରାୟଗଡ଼ା ଜିଲ୍ଲା ଆମ୍ବୋଦଳା ନାଗରିକ କମିଟି ପକ୍ଷରୁ ଅମ୍ବାଦଳା ଷ୍ଟେସନ ମାଷ୍ଟରଙ୍କ ଜରିଆରେ ପୂର୍ବତଟ ରେଳବାଇ ଜୋନର ମହାପ୍ରବନ୍ଧକଙ୍କ ନିକଟକୁ ଏକ ସ୍ମାରକପତ୍ର ପ୍ରେରଣ କରାଯାଇ ପ୍ରସ୍ତାବିତ ସପ୍ତାହକୁ ତିନିଦିନିଆ ପୁରୀ-କୋରାପୁଟ (ଟ୍ରେନ୍ ନଂ-୧୮୪୦୭/୧୮୪୦୮) ଏକ୍ସପ୍ରେସ୍ ଟ୍ରେନର ଆମ୍ବୋଦଳା ରେଳ ଷ୍ଟେସନରେ ରହଣି ବ୍ୟବସ୍ଥା କରିବାକୁ ଦାବି କରାଯାଇଥିବା ବେଳେ ଉପକୂଳ ଓଡ଼ିଶା ଓ ପଶ୍ଚିମ-ଦକ୍ଷିଣ ଓଡ଼ିଶା ମଧ୍ୟରେ ଯାତାୟାତ ସୁବିଧା ବୃଦ୍ଧି ଏବଂ ଜଗନ୍ନାଥ ଧାମ ପୁରୀ ସହ ସଂଯୋଗ ସୃଷ୍ଟି



ପାଇଁ ଏହି ଟ୍ରେନ ଆରମ୍ଭ କରାଯାଇଥିବାରୁ ଅଞ୍ଚଳବାସୀ ରେଳବାଇ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ଛୋଟ ଷ୍ଟେସନରେ ରହଣି, ଆମ୍ବୋଦଳାକୁ ଅବହେଳା, କାକିରିଗୁମ୍ମା ଓ ଲକ୍ଷ୍ମୀପୁର ଭଳି ଛୋଟ ଷ୍ଟେସନରେ ରହଣି ବ୍ୟବସ୍ଥା ରଖାଯାଇଥିବା ସତ୍ତ୍ୱେ ଆମ୍ବୋଦଳା ଷ୍ଟେସନକୁ ଅବହେଳା କରାଯାଇଛି। ବର୍ତ୍ତମାନ ଅମ୍ବାଦଳାରୁ ପୁରୀ, ତାଳଚେର, ଢେଙ୍କାନାଳ, ବୌଦ୍ଧ ଓ ଅନୁଗୁଳକୁ କୌଣସି ସିଧାସଳଖ ଟ୍ରେନ୍ ସଂଯୋଗ ନଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୀ-ଆହମଦାବାଦ ଟ୍ରେନ ରହଣି ଦାବି ମଧ୍ୟ କରାଯାଇଛି। ଆଦିବାସୀ ଅଞ୍ଚଳର ପ୍ରମୁଖ ଯାତାୟାତ କେନ୍ଦ୍ର ଆମ୍ବୋଦଳା ଷ୍ଟେସନ ମୁନିଗୁଡା, ଲାଞ୍ଜିଗଡ଼ ଓ କନ୍ଧମାଳ ଜିଲ୍ଲାର ଅନୁସୂଚିତ ଜାତି, ଜନଜାତି ଅଞ୍ଚଳର ଲୋକଙ୍କ ମୁଖ୍ୟ ରେଳ ଯାତାୟାତ କେନ୍ଦ୍ର ଭାବେ କାମ କରୁଥିବା କମିଟି କହିଛି। ଲାଞ୍ଜିଗଡ଼ ସହ କନ୍ଧମାଳ ପରିବହନ ପାଇଁ ସିଧାସଳଖ ସଂଯୋଗ ଥିବାରୁ ଆମ୍ବୋଦଳା ଏକ ମିନି ଜଙ୍କସନ୍ ଭାବେ ପରିଚିତ ଏବଂ ରେଳବାଇକୁ ପ୍ରତିବର୍ଷ ଭଲ ରାଜସ୍ୱ ଯୋଗାଇଆସୁଛି। ଭିଏଏଲ୍ ପାଇଁ ଷ୍ଟେସନର ଆଧୁନିକୀକରଣ ମଧ୍ୟ କରାଯାଇଛି। ତେଣୁ ପ୍ରସ୍ତାବିତ ପୁରୀ-କୋରାପୁଟ ଏକ୍ସପ୍ରେସ୍ ଟ୍ରେନର ଅମ୍ବାଦଳା ଷ୍ଟେସନରେ ରହଣି ବ୍ୟବସ୍ଥାକୁ ପୁନର୍ବିଚାର କରି ଶୀଘ୍ର ଅନୁମୋଦନ କରିବାକୁ ନାଗରିକ କମିଟି ଦାବି କରିଛି।

## ସେଞ୍ଚୁରିଆନ ୟୁନିଭର୍ସିଟି ପକ୍ଷରୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ



ରାୟଗଡା,୧୬।୫(ସମିସ): ଜାତୀୟ ଡେଙ୍ଗୁ ଦିବସ ଅବସରରେ ସେଞ୍ଚୁରୀଆନ ୟୁନିଭେର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜେମେଣ୍ଟ (ସିୟୁଟିଏମ) ର ରାୟଗଡ କ୍ୟାମ୍ପସ ସ୍ଥିତ ନର୍ସିଙ୍ଗ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ), ରାୟଗଡର ମହିଳା ମେଡିସିନ ୱାର୍ଡରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ଏକତ୍ର ହୋଇ କାର୍ଯ୍ୟ କର, ଡେଙ୍ଗୁ ଦୂର କର' ଥିମ୍‌କୁ ଆଧାର କରି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ନର୍ସିଙ୍ଗ ଅଧ୍ୟାପକ ଓ ଚତୁର୍ଥ ସେମେଷ୍ଟର ବିଏସ୍‌ସି ନର୍ସିଙ୍ଗ ଛାତ୍ରଛାତ୍ରୀମାନେ ଡେଙ୍ଗୁ ସଚେତନତା ଦୂତ ଭାବେ ପ୍ରାୟ ୩୬ ଜଣ ରୋଗୀ ଓ ସେମାନଙ୍କ ସହଯୋଗୀଙ୍କୁ ସଚେତନ କରିଥିଲେ। ସେମାନେ ଡେଙ୍ଗୁର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ, ପରିବେଶ ସ୍ୱଚ୍ଛତା, ମଛା ପ୍ରଜନନ ସ୍ଥଳ ନିରାକରଣ ଓ ଡେଙ୍ଗୁ ସମ୍ପର୍କିତ ଭ୍ରାନ୍ତିଧାରଣା ଦୂର କରିବା ଉପରେ ସଚେତନତା ସୃଷ୍ଟି କରିଥିଲେ। ଡିଏଚଏଚର ମେଡିକାଲ ଅଫିସର, ନର୍ସିଙ୍ଗ ଇନ୍‌ଚାର୍ଜ ଓ ନର୍ସିଙ୍ଗ ଅଫିସରମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପନ୍ନ ହୋଇଥିଲା। ସମୁଦାୟ ଭିତ୍ତିକ ମଶା ନିୟନ୍ତ୍ରଣ ଓ ସମୟୋପଯୁକ୍ତ ଚିକିତ୍ସା ହିଁ ଡେଙ୍ଗୁ ପ୍ରତିରୋଧର ମୁଖ୍ୟ ଉପାୟ ବୋଲି ଏହି କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଥିଲା।

## ନିଖିଲ ହତ୍ୟାକାଣ୍ଡ: ମୁଖ୍ୟ ଅଭିଯୁକ୍ତ ସମେତ ୩ ଗିରଫ



ରାୟଗଡ଼ା,୧୬।୫(ସମିସ): ରାୟଗଡର ବହୁ ଚର୍ଚ୍ଚିତ ହାଡପା ନିଖିଲ ହତ୍ୟାକାଣ୍ଡ ଘଟଣାରେ ରାୟଗଡ ପୋଲିସକୁ ମିଳିଛି ଏକ ବଡ ସଫଳତା। ୭ ଦିନର ଜୋରସୋର ତନାଘନା, ଚଢ଼ଉ ଓ ତଦନ୍ତ ପରେ ପୋଲିସ ହାତରେ ଧରାପଡିଛନ୍ତି ମୁଖ୍ୟ ଅଭିଯୁକ୍ତ ଉମେଶ ହିଆଲ, ରାଜ ସିମଲି ଏବଂ ଅକ୍ଷୟ ସାମଲ ଓରଫ ଟିଙ୍କୁଲୁ। ଏମାନଙ୍କୁ ପୋଲିସ ବିହାର ରାଜ୍ୟର ଔରାଙ୍ଗାବାଦ ଜିଲ୍ଲା ମଦନପୁର ଥାନା ଅଞ୍ଚଳରୁ ଗିରଫ କରିଛି। ସମସ୍ତ ଆଇନଗତ ପ୍ରକ୍ରିୟା ଅନୁସରଣ କରିବା ପରେ ବିହାରରୁ ଗିରଫ ହୋଇଥିବା ୩ ଅଭିଯୁକ୍ତମାନଙ୍କୁ ଟ୍ରାଂଜିଟ ରିମାଣ୍ଡରେ ଅଣାଯାଉଛି ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ଏହି ହତ୍ୟାକାଣ୍ଡ ମାମଲାରେ ଅଧିକ ଗିରଫଦାରୀ ହେବାର ସମ୍ଭାବନା ଅଛି ଏବଂ ଚଢ଼ଉ ଏବଂ ତଦନ୍ତ ଉଭୟ ଏବେ ମଧ୍ୟ ଜୋରସୋରରେ ଚାଲିଥିବା ପୋଲିସ କହିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ରାୟଗଡା ଏସ୍‌ପି ସ୍ୱାତୀ ଏସ୍ କୁମାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୬ଟି ପୋଲିସ ଟିମ୍ ଗଠନ କରାଯାଇଥିବା ବେଳେ ଏଏସପି ରାମେନ୍ଦ୍ର ପ୍ରସାଦ ଟେକ୍ନିକଲ ଟିମ୍ ଏହାର ନେତୃତ୍ୱ ନେଇଥିଲେ। ବହୁ ଚେଷ୍ଟା ପରେ ଶେଷରେ ବିହାରରୁ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି ରାୟଗଡା ପୋଲିସ। ପ୍ରକାଶ ଥାଉ କି, ଗତ ଶନିବାର ୯ ତାରିଖ ରାତ୍ରରେ ରାୟଗଡା ସହରର ଇନ୍ଦିରା ନଗର ତୃତୀୟ ଲାଇନରେ ନିଖିଲକୁ ଗୁଳି କରି ଅପହରଣ ପରେ ହତ୍ୟା କରିଥିଲେ ଅଭିଯୁକ୍ତମାନେ। ରବିବାର ଭୋର ସକାଳୁ ସହରର କନ୍ଧତୁମ୍ବିଗୁଡା ନିକଟସ୍ଥ ନାଗାବଳୀ ତୁଠରୁ ନିଖିଲର ମୃତଦେହକୁ ଉଦ୍ଧାର କରିଥିଲା ପୋଲିସ। ପରେ ହତ୍ୟାକାଣ୍ଡ ଘଟଣାକୁ ନେଇ ନିଖିଲଙ୍କ ପରିବାର ଓ ଆମ୍ବେଦକର ସାହି (ରେଲି ସାହି) ବାସିନ୍ଦାମାନେ ନ୍ୟାୟ ଦାବିରେ ଥାନା ସମ୍ମୁଖରେ ଧାରଣା ଦେବା ସହ ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଦାବି କରିଥିଲେ। ଘଟଣାକୁ ନେଇ ସହରରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ପକ୍ଷରୁ ଜିଲ୍ଲାପାଳ ଓ ଏସ୍‌ପିଙ୍କ ନିକଟରେ ନ୍ୟାୟ ଦାବି କରାଯାଇଥିବା ବେଳେ ଦକ୍ଷିଣ ପଶ୍ଚିମାଞ୍ଚଳ ପୋଲିସ ଡିଆଇଜି କନୱର ବିଶାଳ ସିଂ ମଧ୍ୟ ରାୟଗଡା ଗସ୍ତ କରି ମାମଲାର ଅଗ୍ରଗତି ନେଇ ନିରନ୍ତର ଭାବେ ଜିଲ୍ଲା ଏସ୍‌ପିଙ୍କ ସହ ଆଲୋଚନା କରିଆସୁଥିଲେ।

## ରାୟଗଡ଼ରେ ଗଣଶିକ୍ଷା ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ରାୟଗଡ଼ା,୧୬।୫(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମନ୍ତ୍ରୀ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନିତ୍ୟାନନ୍ଦ ଗଣ୍ଡ ରାୟଗଡ଼ ଗସ୍ତ କରି ରାୟଗଡ଼ କଲେକ୍ଟରେଟ୍ ନ୍ୟୁ କନ୍‌ଫରେନ୍ସ ହଲରେ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ। ରାୟଗଡ଼ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜର ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକ ପାତ କରିଥିଲେ। ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣି ରାୟଗଡ଼ ଜିଲ୍ଲାର ସମସ୍ତ ତଥ୍ୟ ବିଶଦ୍ ଭାବରେ ବର୍ଣ୍ଣନା କରିଥିଲେ। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାୟଗଡ ଜିଲ୍ଲାର ଉନ୍ନୟନ କାର୍ଯ୍ୟ ବିଷୟରେ ଅବଗତ ହେଲା ପରେ ଖୁସି ବ୍ୟକ୍ତ କରିଥିଲେ। ଅଧିକରୁ ଅଧିକ ଉନ୍ନତି କରିବା ପାଇଁ ସମସ୍ତଙ୍କର ଇଚ୍ଛା ଶକ୍ତି ଦରକାର। ସେ ବାରମ୍ବାର ରାୟଗଡ଼ ଜିଲ୍ଲା ଗସ୍ତ କରି ଲୋକମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ଯୋଗାଇ ଦେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

### ଜିଲ୍ଲାର ୭ ବ୍ଲକ୍‌ରେ ଖାଲି ପଡିଛି କନିଷ୍ଠ ଯନ୍ତ୍ରୀ ପଦବୀ

# ବିନା ଯନ୍ତ୍ରୀରେ ଚାଲିଛି ରାୟଗଡ଼ କ୍ଷୁଦ୍ର ଜଳସେଚନ ବିଭାଜନ

ରାୟଗଡା,୧୬।୫(ସମିସ): ଆଦିବାସୀ ବହୁଳ ରାୟଗଡ଼ ଜିଲ୍ଲାରେ ବସବାସ କରୁଥିବା ହଜାର ହଜାର ପରିବାର ଚାଷ ଉପରେ ନିର୍ଭର କରୁଛନ୍ତି। ଚାଷ ଜମିକୁ ଜଳ ସେଚନ ବ୍ୟବସ୍ଥା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଜିଲ୍ଲାର କ୍ଷୁଦ୍ର ଜଳ ସେଚନ ବିଭାଜନରେ ଏବେ ଯନ୍ତ୍ରୀ ପଦବୀ ଖାଲି ପଡିଥିବା ଦେଖିବାକୁ ମିଳିଛି। ଆଶ୍ଚର୍ଯ୍ୟର କଥା ଆଜକୁ ବହୁତ ଦିନ ହେବ ବିନା ଯନ୍ତ୍ରୀରେ ଚାଲିଛି କ୍ଷୁଦ୍ର ଜଳସେଚନ ବିଭାଜନର ରାୟଗଡା,କୋଲନରା,କଲ୍ୟାଣସିଙ୍ଗପୁର, କାଶିପୁର, ଗୁଣପୁର, ପଦ୍ମପୁର ଏବଂ ବିଷମକଟକ ବ୍ଲକ୍। ଏହି ୭ଟି ବ୍ଲକରେ ଦୀର୍ଘ ଦିନ ହେବ କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ପଡିଥିବା ଜଣାପଡିଛି। ଫଳରେ ଉକ୍ତ ବ୍ଲକ




ଗୁଡିକରେ ବିଭାଜନ ଅନ୍ତର୍ଗତ କୌଣସି ସରକାରୀ ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ। ବନ୍ଧ ଓ କେନାଲର ରକ୍ଷଣାବେକ୍ଷଣ ହୋଇପାରୁନାହିଁ। ଯଦ୍ୱାରା ଚାଷୀମାନେ ବିଭିନ୍ନ ପ୍ରକାରର ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ସରକାରଙ୍କ ନିୟମାନୁସାରେ ଦୁର୍ଗମ ଜିଲ୍ଲାରେ କୌଣସି ପଦବୀ ଖାଲି ପଡିବା କଥା ନୁହେଁ, କିନ୍ତୁ ବିଡମ୍ବନାର ବିଷୟ ଏହି ଜିଲ୍ଲା ପ୍ରତି ସରକାରଙ୍କ କୌଣସି ନଜର ନାହିଁ। ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। କହିବାକୁ ଗଲେ ବିକାଶ ଏକ ପ୍ରକାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଯାହାକୁ ନେଇ ରାୟଗଡ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଛି। ଏଥିସହ ମଞ୍ଚ ପକ୍ଷରୁ ରାୟଗଡ କ୍ଷୁଦ୍ର ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାରୁ ଜିଲ୍ଲାରେ ଖାଲି ପଡିଥିବା ପଦବୀ ବିଷୟରେ ସେ ଉପରିସ୍ଥ ଅଧିକାରୀଙ୍କୁ ଏବଂ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ଏହାବାଦ୍ ବହୁତ ଦିନ ଧରି ଡିଭିଜନ ଜେଇ(ଏଷ୍ଟିମେଟର) ପଦବୀ ମଧ୍ୟ ଖାଲିଥିବା ବେଳେ ଚଳିତ ମାସରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏସ୍‌ଡିଓ) ମଧ୍ୟ ଚାକିରିରୁ ଅବସର ନେବେ ବୋଲି କହିଛନ୍ତି। ଏଥିସହ ଉକ୍ତ ମୁଖ୍ୟ କାର୍ଯ୍ୟାଳୟରେ କିରାଣୀ ପଦବୀଗୁଡିକ ମଧ୍ୟ ଖାଲି ପଡିଥିବା କୁହାଯାଇଛି। ତେଣୁ ଜିଲ୍ଲାରେ ୭ଟି ବ୍ଲକରେ ଖାଲି ପଡିଥିବା ଜେଇ ପଦବୀଗୁଡିକ ତୁରନ୍ତ ପୂରଣ କରିବା ପାଇଁ ରାୟଗଡ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଯଦି ଖାଲି ପଡିଥିବା ପଦବୀ ପୂରଣ କରିବାରେ ବିଳମ୍ବ କରାଯାଏ ତେବେ ମଞ୍ଚ ରାଜରାସ୍ତାକୁ ଓହ୍ଲାଇବ ଏବଂ ଆବଶ୍ୟକ ସ୍ଥଳେ ରାୟଗଡ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ଘେରଉ କରିବ ବୋଲି ଚେତାବନୀ ଦେଇଛନ୍ତି।

### ● ମାଥିଲି ବହୁମୁଖୀ ସମବାୟ ସମିତିରେ ମହାଦୁର୍ନୀତି ପ୍ରସଙ୍ଗ

## କାର୍ଯ୍ୟାନୁଷ୍ଠାନ ନ ହେଲେ କାର୍ଯ୍ୟାଳୟ ଘେରଉ ପାଇଁ କଂଗ୍ରେସର ଚେତାବନୀ

ମାଥିଲି,୧୬।୫(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବହୁମୁଖୀ ସମବାୟ ସମିତିରେ ହୋଇ ଥିବା ୨.୪୯ କୋଟିର ମହାଦୁର୍ନୀତିର ରାଜ୍ୟ ସରକାରଙ୍କ ତରଫରୁ ସଠିକ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ଦାବି। ମାଥିଲି ବହୁମୁଖୀ ସମବାୟ ସମିତିର କର୍ମଚାରୀମାନେ ବେନାମୀ ନାମରେ ଆକାଉଣ୍ଟ ଖୋଲି କୋଟି କୋଟି ଅର୍ଥ ହଡପ ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଜିଲ୍ଲାସ୍ତରୀୟ ତଦନ୍ତ ପରେ ତଦନ୍ତ ପ୍ରାୟ ତିନି ତିନି ଥର ହେବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ତଦନ୍ତକାରୀ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋରାପୁଟ ବିଧାୟକ ରଘୁରାମ ମାଛ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତଦନ୍ତ ହୋଇଥିଲା। କିନ୍ତୁ ରାଜ୍ୟସ୍ତରୀୟ ତଦନ୍ତ କୁ କିଛି ସମସ୍ତ ତଥ୍ୟ ସାର୍ବଜନୀନ କରାନଯିବା ଅଞ୍ଚଳରେ ଏବେ ଆହୁରି ଚର୍ଚ୍ଚାର ବିଷୟ ପାଲଟିଛି। ଯଦି ଏହା ଆଗାମୀ ଦିନରେ ଦୁର୍ନୀତିରେ ଲିପ୍ତ ଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ନିଆ ଯାଏ ତାହେଲେ ଆଗାମୀ ଦିନରେ ବ୍ଲକର ଚାଷୀମାନଙ୍କୁ ନେଇ ବହୁମୁଖୀ ସମବାୟ ସମିତିର କାର୍ଯ୍ୟାଳୟ ଘେରଉ କରିବା ପାଇଁ କଂଗ୍ରେସ ବ୍ଲକ୍ ସଭାପତି ମଙ୍ଗଳା ଗୌଡ଼ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଗ୍ୟାସ ସିଲିଣ୍ଡର ପାଇଁ ଟଣା ଓଟରା



ଟିକିରି,୧୬।୫(ସମିସ): ମଧ ପ୍ରାଚ୍ୟ ଯୁଦ୍ଧ ପାଇଁ ସାରା ଦେଶରେ ଗ୍ୟାସ ସିଲିଣ୍ଡର ଯୋଗାଣର ସଙ୍କଟ ଦେଖାଦେଇଥିବା ବେଳେ ରାୟଗଡ ଜିଲ୍ଲା କାଶିପୁର ବ୍ଲକରେ ଏବେ ଏଚପି ଗ୍ୟାସ ସିଲିଣ୍ଡର ପାଇଁ ଗ୍ରାହକଙ୍କ ମଧ୍ୟରେ ଟଣାଓଟରା ହେଉଥିବା ଦେଖିବାକୁ ମିଳିଛି। ଗ୍ୟାସ ସିଲିଣ୍ଡର କାଶିପୁର ବ୍ଲକକୁ ଉଚିତ ପରିମାଣରେ ଆସୁନଥିବା ଅଞ୍ଚଳବାସୀ ଅଭିଯୋଗ ଅଭିଯୋଗ କରିଛନ୍ତି। ଗ୍ୟାସ ସିଲିଣ୍ଡର ପାଇଁ ଲୋକେ ବୁକିଙ୍ଗ କରୁଥିବା ବେଳେ ଠିକ୍ ସମୟରେ ଗ୍ରାହକ ପାଖରେ ପହଞ୍ଚିପାରୁ ନାହିଁ ବୋଲି ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଆଜି ଗ୍ୟାସ ସିଲିଣ୍ଡର ପାଇଁ ଲୋକଙ୍କ ଭିତରେ ଟଣାଓଟରା ହେଉଥିବା ଭିଡିଓ ମୋବାଇଲକୁ ମୋବାଇଲ ଘୁରି ବୁଲୁଛି। ଶନିବାର ଟିକିରିରେ ଗ୍ୟାସ ବିତରଣ କରୁଥିବା ବେଳେ ଟଣାଓଟରା ଦେଖିବାକୁ ମିଳିଛି। ଗୋଟିଏ ପିକ୍‌ଅରେ ୭୦ ଟି ଗ୍ୟାସ ସିଲିଣ୍ଡର ଆସିଥିବା ବେଳେ ପ୍ରାୟ ୧୫୦ ଗ୍ରାହକ ରହିଥିଲେ। ଗ୍ୟାସ ସିଲିଣ୍ଡର ପାଇଁ ଏବେ ବହୁତ କିଛି ହୋଟେଲ ମଧ ବନ୍ଦ ହୋଇ ରହୁଛି। ଜନସଂଖ୍ୟା ଅନୁଯାୟୀ ଟିକିରି ଅଞ୍ଚଳକୁ ଗ୍ୟାସ ପହଞ୍ଚୁ ନଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଉଜାଲା ଗ୍ୟାସ ବୁକିଙ୍ଗ ଓ କେୱାଇସି ଠିକ ନଥିବାରୁ ଲୋକ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ୟାସ ଏଜେନ୍ସି ପକ୍ଷରୁ ଲୋକଙ୍କୁ କେୱାଇସି ଓ ବୁକିଙ୍ଗ କରିବାକୁ ଅନୁରୋଧ କରିଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ କିମ୍ବା ବ୍ଲକ୍ ପ୍ରଶାସନ ଦୃଷ୍ଟି ଆକର୍ଷଣ କଲେ କାଶିପୁର ବ୍ଲକ ଅଞ୍ଚଳବାସୀ କିଛି ଉପକୃତ ହୋଇଥାନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# କୋରାପୁଟ-ପୁରୀ ନୂତନ ଟ୍ରେନ୍ ଜଗଦଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି

## ଜୟପୁର, ମାଲକାନଗିରି, ନବରଙ୍ଗପୁର ପ୍ରତି ପାତରଅନ୍ତର ଅଭିଯୋଗ

ଜୟପୁର,୧୬।୫(ସମିସ):

କେନ୍ଦ୍ର ରେଳ ମନ୍ତ୍ରୀଙ୍କ ପକ୍ଷରୁ ନୂତନ ଭାବେ କୋରାପୁଟ- ପୁରୀ ମଧ୍ୟରେ ସପ୍ତାହକୁ ୩ ଦିନ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବା ନେଇ ଘୋଷଣା କରିଛନ୍ତି। କିନ୍ତୁ ରେଳମନ୍ତ୍ରୀ ଓ ବିଭାଗ ଏହି ନୂତନ ଟ୍ରେନ ଚଳାଚଳ ପୂର୍ବରୁ ଦକ୍ଷିଣ ଓଡିଶାର ଦ୍ୱିତୀୟ ବୃହତ୍ତମ ସହର ଜୟପୁର ଏବଂ ୫ଟି ବ୍ଲକକୁ ନେଇ ଉପଖଣ୍ଡ ସମେତ ନବରଙ୍ଗପୁର ଏବଂ ମାଲାକାଗିରି ଜିଲ୍ଲାର ଯାତ୍ରୀଙ୍କୁ ଏକ ପ୍ରକାର ଉପେକ୍ଷା କରାଯାଇଛି ବୋଲି ଜୟପୁର ସହରର ଆଇନଜୀବି ତଥା ମାନବାଧଇକାର କର୍ମୀ ଅନୁପ କୁମାର ପାତ୍ର ଏବଂ ଜୟପୁର ସ୍ୱାଭିମାନ ମଞ୍ଚ ପକ୍ଷରୁ ପୃଥକ ପୃଥକ ଭାବେ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ନୂତନ ଟ୍ରେନକୁ ଛତିଶଗଡ ରାଜ୍ୟର ଜଗଦଲପୁର ପର୍ଯ୍ୟନ୍ତ ବୃଦ୍ଧି କରାଗଲେ ଛତିଶଗଡ ରାଜ୍ୟ ସମେତ ନବରଙ୍ଗପୁର, ମାଲକାନଗିରି ଜିଲ୍ଲାର ଯାତ୍ରୀମାନେ ଉପକୃତ ହୋଇପାରିବେ। ସେହିପରି କୋରାପୁଟ ଠାରୁ ଏହି ଟ୍ରେନ ଭୋର ୫ଟାରୁ ଯାତ୍ରା ଆରମ୍ଭ କରିବ ଏବଂ ପୁରୀ ଠାରୁ ଆସୁଥିବା ଏହି ଟ୍ରେନ କୋରାପୁଟ ଠାରେ ବିଳମ୍ବିତ ରାତି ସାଢେ ୧୧ଟାରେ ପହଞ୍ଚିବ। ଯାହା ଜୟପୁର, ନବରଙ୍ଗପୁର ଏବଂ ମାଲକାନଗିରି ଅଞ୍ଚଳର ଯାତ୍ରୀ ନିଜ ନିଜ ଅଞ୍ଚଳକୁ ଯାତାୟାତ ପାଇଁ ସମସ୍ୟା ସୃଷ୍ଟି ହେବ। ତେଣୁ ଏହିପରି ସମୟ ସାରଣୀର ପରିବର୍ତ୍ତନ ପାଇଁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ମଧ ପତ୍ର ପ୍ରେରଣ କରାଯାଇ ଅଭିଯୋଗ ସହିତ ଏହାର ତୁରନ୍ତ ସମାଧାନ କରିବାକୁ ଦାବି କରାଯାଇଛି। ଅନ୍ୟ ପକ୍ଷରେ ମାନବାଧିକାର କର୍ମୀ ଶ୍ରୀ ପାତ୍ର ଜୟପୁର, ମାଲକାନଗିରି ଏବଂ ନବରଙ୍ଗପୁର ଅଞ୍ଚଳର ବାସିନ୍ଦାଙ୍କ ମାନବାଧିକାର ଉଲଙ୍ଘନ କରାଯାଇଛି। ଏହି ନୂତନ ଟ୍ରେନ ବ୍ୟବସ୍ଥା ଦ୍ୱାରା ଏହି ତିନୋଟି ଅଞ୍ଚଳର ସର୍ବାଧିକ ଯାତ୍ରୀ ଯାତ୍ରା କରିବାରୁ ବଞ୍ଚିତ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, କୋରାପୁଟ ଠାରୁ ଏହି ଟ୍ରେନ ପୂରୀ ପର୍ଯ୍ୟନ୍ତ ସପ୍ତାହରେ ୩ ଦିନ ଯାତ୍ରା କରିବ ଦକ୍ଷିଣ ଓଡିଶାର ରାୟଗଡା ସମେତ ପଶ୍ଚିମ ଓଡିଶାର କେସିଗାଁ, ଟିଟଲାଗଡ, ସମ୍ବଲପୁର ଏବଂ ଭୁବନେଶ୍ୱର ଓ ଖୋର୍ଦ୍ଧା ଷ୍ଟେସନ ରହଣି ପରେ ପୁରୀଠାରେ ଦୀର୍ଘ ସାଢେ ୧୭ ଘଣ୍ଟା ସମୟରେ ଅତିକ୍ରମ କରି ପହଞ୍ଚିବ।

# ଆଦିବାସୀ କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କଲା କୁଇ ସମାଜ



ନାରାୟଣପାଟଣା,୧୬।୫(ସମିସ): ଚଳିତ ବର୍ଷ ନାରାୟଣପାଟଣା ବ୍ଲକର ମାଟ୍ରିକ ପରୀକ୍ଷାରେ କୃତି ହାସଲ କରି ଥିବା ବ୍ଲକ୍‌ର ବିଭିନ୍ନ ଗ୍ରାମର ଆଦିବାସୀ ଛାତ୍ରଛାତ୍ରୀଙ୍କଙ୍କୁ ପ୍ରଥମ ଥର ପାଇଁ ଆଦିବାସୀ କୁଇ କୁଲମ ସଙ୍ଘ ତରଫରୁ ସମ୍ମାନୀତ କରିବା ସହ ଆଗକୁ ବଢି ଭଲ ପାଠ ପଢି ନାମ ଟେକ ରଖିବାକୁ ପରାମର୍ଶ ଦେଇଛି। ସ୍ଥାନୀୟ ଡଙ୍ଗାପାଇ ଗାଁ ଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଆୟୋଜିତ ସଭାରେ ପୁର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା କୁଇ କୁଲମ ସଙ୍ଘର ସଭାପତି ହବିକା ରବି, ଅନୀଲ ଶିରିକା, ବିଜୟ ମେଲେକା, ସୋନା ଜାନୀ, ବିଜାଘାଟି ସରପଞ୍ଚ ପିଲିବ ଶିରିକା, ରାମେୟା ଶିରିକା, ଅମିର ମାଣ୍ଡିଙ୍ଗି, ଜୋତି ମେଲେକା, ମୋଶା ଶିରିକା ସମେତ ସଙ୍ଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। କୁଡୁଡି ଗାଁର ରମେଶ ହୁଇକା ୫୦୭ ମାର୍କ, ଡଙ୍ଗାପାଇ ଗାଁର ନବୀନ ଶିରିକା ୩୯୭ ମାର୍କ, ମାଝି ଆମ୍ବ ଗାଁର ଦାଉଦ ଶିରିକା ୩୯୭ ମାର୍କ, ପାୟଲ ଶିରିକା ୩୯୨ ମାର୍କ, ପାଲେ ଶିରିକା ୩୮୯ ମାର୍କ ରଖି ପାସ୍ କରିଥିବା ବେଳେ ଏମାନଙ୍କୁ କୁଇ କୁଲମ ସମାଜ ତରଫରୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏମାନଙ୍କ ପାଠ ପଢ଼ିବା ଆଗକୁ ବଢ଼ିବାକୁ କୁଇ ସମାଜ ସହାୟତାର ହାତ ବଢେଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଗକୁ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦିବ୍ୟାଙ୍ଗ ମହିଳା ଗୁରୁତର

ନନ୍ଦପୁର,୧୬।୫(ସମିସ): ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶ ଆସି ଜଣେ ଦିବ୍ୟାଙ୍ଗ ମହିଳା ଗୁରୁତର ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡିଛି। ସୂଚିତ ଯେ, ଶନିବାର ସକାଳୁ ମାଳି ବେଲଗାଁ ପଞ୍ଚାୟତ ଅଧୀନସ୍ଥ ଖୁଜେଲ ଗ୍ରାମର ଆନ୍ଦ୍ରୀମାଣ୍ଡି ଚାଷ ଜମିକୁ କାମ ପାଇଁ ଯାଇଥିବା ସମୟରେ ଚାଷ ଜମି ଉପରେ ଯାଇଥିବା ଏକ ବିପଦ ସଙ୍କୁଳ ଝୁଲନ୍ତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜମି ତଳେ ଟଳି ପଡ଼ି ଛଟପଟ ହେଉ ଥିବା ବେଳେ ସାଥିରେ ଯାଇଥିବା ମହିଳାମାନେ ନିକଟ କୁ ଯାଇ ପ୍ରଥମେ ଆନ୍ଦ୍ରୀମାଣ୍ଡିଙ୍କୁ ଘରକୁ ଆଣି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡିଛି। ତେବେ ବର୍ଷ ବର୍ଷ ଧରି ଏହି ୩୩ କେଭି ତାର ବିପଦ ସଙ୍କୁଳ ଅବସ୍ଥାରେ ଚାଷ ଜମି ଉପର ଦେଇ ଯାଇଥିବା ବେଳେ ବିଦ୍ୟୁତ୍ ବିଭାଗର ଦୃଷ୍ଟି ପଡିନଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦିବ୍ୟାଙ୍ଗ ମହିଳା ଆହତ ହୋଇଥିବାରୁ ବିଭାଗ ତାହାର ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜଙ୍ଗଲ ଭିତରୁ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ



ନନ୍ଦପୁର,୧୬।୫(ସମିସ): ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ପାଡୁଆ ପୁଲିସ ଗୁରୁବାର ପୂର୍ବାହ୍ନ ପ୍ରାୟ୧୧ଟା୩୦ ମିନିଟ ସମୟରେ ପରାଜାବଡ ପଡା ଗ୍ରାମପଞ୍ଚାୟତ ଅଧୀନ ରାଙ୍ଗଣିଗୁଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଜଙ୍ଗଲ ବୁଦା ଭିତରେ ଲୁଚାଇ ରଖାଯାଇଥିବା ବହୁ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଜବତ ଗଞ୍ଜେଇର ଓଜନ ପ୍ରାୟ ୧୦୪୫ କିଲୋଗ୍ରାମ ତଥା ୧୦ କୁଇଣ୍ଟାଲ ୪୫ କିଲୋ ହୋଇଥିବା ବେଳେ ଏହାକୁ ବାହାର ରାଜ୍ୟକୁ ଚାଲାଣ କରି ବିକ୍ରି କରିବା ପାଇଁ ଜଙ୍ଗଲ ଭିତରେ ଲୁଚାଇ ରଖାଯାଇଥିବା ଅନୁମାନ କରାଯାଉଛି। ଏହି ଘଟଣାକୁ ନେଇ ପାଡୁଆ ଥାନାରେ କେସ ନଂ-୫୩ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ କୌଣସି ସନ୍ଦିଗ୍ଧ ଧରାପଡିନଥିବା ବେଳେ ଏହାର ତଦନ୍ତ ଏସଆଇ ଏସକେ ସେଠୀ କରୁଛନ୍ତି।

# ଚିତାବାଘର ଚମଡ଼ା ଜବତ; ୩ ଗିରଫ



ବ୍ରହ୍ମପୁର,୧୬।୫(ସମିସ)

ଚିତାବାଘ (କଲରାପତରିଆ) ଚମଡ଼ା ଜବତ ଘଟଣାରେ ଜରଡ଼ା ଥାନା ପୁଲିସ ତିନି ଅଭିଯୁକ୍ତ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ ଚାଚାଡଖଟା ଗାଁର ଗୋବିନ୍ଦ ଚନ୍ଦ୍ର ନାୟକ (୪୭), ବରଡ ଗାଁର ଗଞ୍ଜୁ ରଇତ (୬୦) ଓ ମଙ୍ଗରାଜପୁର ଗାଁର ରିତୁନ ବଡମୁଣ୍ଡି (୨୫)। ଗିରଫ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଚିତାବାଘର ଚମଡ଼ା, ଦୁଇଟି ଜୀବନ୍ତ ବୋମା, ଗୋଟିଏ ଖଣ୍ଡା, ଛୁରୀ ଓ ଲୁହା ରୋଡ଼ ଜବତ ହୋଇଥିବା ନେଇ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ତେବେ କଲରାପତରିଆ ବାଘକୁ ଅଭିଯୁକ୍ତମାନେ କେଉଁଠି ହତ୍ୟା କରିଥିଲେ ଓ କିଏ କିଏ ହତ୍ୟା କରିଛନ୍ତି, କେଉଁଠି ବିକ୍ରି କରିଥାନ୍ତେ ନା ଆଉ କଣ ରହସ୍ୟ ରହିଛି ସେ ନେଇ ଅଧିକ ଖୋଳତାଡ଼ ଜାରି ରହିଛି ପୁଲିସ। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତକାଲି ଅପରାହ୍ନ ସମୟରେ ଜରଡା ଥାନା ଅଧିକାରୀ ମିନାକ୍ଷୀ ଦଳ ବେହେରା ଏକ ବିଶ୍ୱସ୍ତସୂତ୍ରରୁ ଖବର ପାଇଥିଲେ କି ଧାନବାଡ ଆଙ୍କୁଲି ଜଙ୍ଗଲରେ କଲରାପତରିଆ ବାଘ ଚମଡ଼ା ବିକ୍ରି ନେଇ କିଛି ବ୍ୟକ୍ତି ଯୋଜନା କରୁଛନ୍ତି। ଏ ବିଷୟରେ ସେ ଉପରିସ୍ଥ ଅଫିସରଙ୍କୁ ଜଣାଇବା ପରେ ଦିଗପହଣ୍ଡି, ଟିକିଟି ଓ ଜରଡ଼ା ଥାନାର କିଛି ଅଫିସରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଟିକିଟି ଏସଡିପିଓ ବିଶ୍ୱମିତ୍ର ହରପାଲଙ୍କ ନେତୃତ୍ୱରେ ଜରଡା ଥାନା ପୁଲିସ ଓ ଟିକିଟି ଫାଣ୍ଡି ପୁଲିସ ଓ ଦିଗପହଣ୍ଡିର ଜଣେ ଏସଆଇ ମିଳିତ ଭାବେ ଆଙ୍କୁଲି ଜଙ୍ଗଲରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ୪ଜଣ ବ୍ୟକ୍ତି ପାହାଡ଼ ଉପରେ ଥିବା ଜଙ୍ଗଲ ଆଡକୁ ଦୌଡୁଥିବାର ପୁଲିସ ଦେଖି ତୁରନ୍ତ ସେମାନଙ୍କ ପିଛା କରିଥିଲା। ପିଛା କରିବାର କିଛି ସମୟ ମଧ୍ୟରେ ଅଭିଯୁକ୍ତମାନେ ପୁଲିସ କର୍ମଚାରୀଙ୍କୁ ଜୋରଜବରଦସ୍ତ ଠେଲାଠେଲି କଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଖଣ୍ଡା ଦେଖାଇ ପୁଲିସ ଅଧିକାରୀଙ୍କୁ ହତ୍ୟା କରିବାକୁ ଧମକ ଦେଲେ। ଏପରିକି ବୋମା ପକାଇ ପୁଲିସ ଉପରକୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବନ୍ଧୁକଧାରୀ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଅନ୍ୟ ତିନି ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାରେ ସକ୍ଷମ ହେଲା। ଗିରଫ ଅଭିଯୁକ୍ତ ମାନେ ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ ଚାଚାଡଖଟା ଗାଁର ଗୋବିନ୍ଦ ଚନ୍ଦ୍ର ନାୟକ, ବରଡ ଗାଁର ଗଞ୍ଜୁ ରଇତ ଓ ମଙ୍ଗରାଜପୁର ଗାଁର ରିତୁନ ବଡମୁଣ୍ଡି। ଏହାପରେ ଘଟଣାସ୍ଥଳରୁ ଏକ ପାଟ୍ ବ୍ୟାଗ ଉଦ୍ଧାର କରାଯାଇଥିଲା। ଯେଉଁଥିରେ ଗୋଟିଏ ଚିତାବାଘର ପୂର୍ଣ୍ଣ ଆକାରର ଚମଡ଼ା ଏବଂ ଦୁଇଟି ଜୀବନ୍ତ ହାତ ତିଆରି ବୋମା ଥିଲା। ଅଭିଯୁକ୍ତମାନଙ୍କର ବ୍ୟକ୍ତିଗତ ତଲାସୀ ସମୟରେ ପୂର୍ଣ୍ଣ ଆକାରର ଚିତାବାଘ ଚମଡ଼ା ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ସେମାନଙ୍କ ନିକଟରୁ ମିଳିଥିଲା। ଆଜି ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସପିଙ୍କ ସମେତ ଟିକିଟି ଏସଡ଼ିପିଓ ବିଏମ୍ ହରପାଲ, ଜରଡ଼ା ଆଇଆଇସି ମିନାକ୍ଷୀଦଳ ବେହେରା, ଟିକିଟି ଫାଣ୍ଡିଅଧିକାରୀ ଗୌତମ ସାହୁ, ଦିଗପହଣ୍ଡି ଥାନାର ଏସଆଇ ରାଜ୍ କିଶୋର ପାତ୍ରଙ୍କ ସମେତ ବହୁ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ବନ୍ଧୁକଧାରୀ ଫେରାର

# ଜନ ଆକ୍ରୋଶ ମହିଳା ସମାବେଶ




ଜୟପୁର,୧୬।୫(ସମିସ):

ଜୟପୁର ବ୍ଲକ ଡଙ୍ଗରଛିଞ୍ଚି ଗ୍ରାମପଞ୍ଚାୟତର ସଦର ଗ୍ରାମ ଠାରେ କୋରାପୁଟ ଜିଲ୍ଲା ବିଜେପି ଉପସଭାପତି ତଥା ଫାମ୍ପୁଣି ମଣ୍ଡଳ ପ୍ରଭାରୀ ସୁଧାଂଶୁ ଶେଖର ଜେନାଙ୍କ ତତ୍ୱାବଧାନରେ ମଣ୍ଡଳ ସଭାପତି ଦିନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଜନ ଆକ୍ରୋସ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ସାମିଲ ହୋଇଥିଲେ। ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଗୌତମ ସାମନ୍ତରାୟ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱାତୀ ହୋତା. ଉପସଭାନେତ୍ରୀ ସୀମା କରଣ, ସଦସ୍ୟା ସୁକଲଦେଇ ଗାଦବା, ସଙ୍ଗିତା ଆଚାର୍ଯ୍ୟ, ଶଶିରେଖା ଦାସ, ଭୀମ ନାୟକ, ଗୁପ୍ତେସ ଗାଦବା, ରାମ ଗାଦବା, ଭବାନୀ ରେଙ୍ଗ, ସୁନିତା ଗାଦବା, ମୋତି ଚପାଡି, ରାଧା ରଣା, ଗାୟତ୍ରୀ ନାୟକ, ହିରାମଣୀ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରାଘାତରେ ଯୁବକ ମୃତ

ଟିକିରି,୧୬।୫(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଅଣ୍ଡରାକଞ୍ଚ ଥାନା ରାଉଲଘାଟି ନିକଟରେ କାଳବୈଶାଖୀର ପ୍ରଭାବରେ ବଜ୍ରାଘାତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଧୁରୁମୁସି ଗ୍ରାମର ନାନ୍ଦୁମାଝୀଙ୍କ ପୁଅ ମନଚିତ ମାଝୀ। ଶନିବାର ଅପରାହ୍ନରେ ମନଚିତ ଓ ତାଙ୍କ ଭାଇ ରାଉଲଘାଟି ଯାଇ ଫେରୁଥିବା ସମୟରେ ପ୍ରବଳ ବର୍ଷା ଓ ଘଡଘଡି ସହ ବଜ୍ରାଘାତ ହେବାରୁ ଘଟଣା ସ୍ଥଳରେ ମନଚିତଙ୍କ ମୃତ୍ୟୁ ହୋଇଥିଲା। ତେବେ ଅଳ୍ପକେ ବର୍ତ୍ତିଯାଇଛନ୍ତି ତାଙ୍କ ଭାଇ। ଖବରପାଇ ଅଣ୍ଡରାକଞ୍ଚ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଅଣ୍ଡରାକଞ୍ଚ ଆଇଆଇସି ପ୍ରସାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି। ମୃତକଙ୍କ ଗୋଟିଏ ୪ବର୍ଷର ଛୁଆ ଥିବା ବେଳେ ଗରିବ ଶ୍ରେଣୀର ହୋଇଥିବାରୁ ସରକାର ତରଫରୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନବବଧୂର ଝୁଲନ୍ତା ଶବ ଉଦ୍ଧାର

ନବରଙ୍ଗପୁର /ନନ୍ଦାହାଣ୍ଡି,୧୬।୫(ସମିସ): ନବରଙ୍ଗପୁର ଥାନା ଅନ୍ତର୍ଗତ ବି. ମାଳିଗୁଡା ଗ୍ରାମରେ ଜଣେ ନବ ବଧୂଙ୍କ ମୃତ ଶରୀର ଗୋଟିଏ ଗଛରେ ଝୁଲୁଥିବା ଦେଖି ଗ୍ରାମବାସୀ ନବରଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ନବରଙ୍ଗପୁର ପୋଲିସ ଅତିରିକ୍ତ ଜିଲ୍ଲାଆରକ୍ଷୀ ଆଦିତ୍ୟ ସେନ, ଏସଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା, ସବ ଇନ୍ସପେକ୍ଟର ସବୀର ଅହମ୍ମଦ, ସୀମା ଲାକର ସହ ଡଙ୍ଗର ଭେଜା ଫାଣ୍ଡି ଅଧିକାରୀ ତୁଳସୀ ରାମ ପୂଜାରୀ ଓ ତାଙ୍କ ଟିମ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ । ସାଇଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି ଶବକୁ ବ୍ୟବଚ୍ଛେଦ ନିମନ୍ତେ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ବ୍ୟବସ୍ଥା କରିଥିଲା। ଖବର ଅନୁଯାୟୀ ଚିଲିଗୁଡା ଗ୍ରାମର ଚମ୍ପା ମାଳିଙ୍କ ଝିଅ ନେତ୍ର ମଣୀ ମାଳି(୧୮) ଗତ ଅପ୍ରେଲ ମାସରେ ମାଳିଗୁଡା ଗ୍ରାମର ମଧୁ ପୂଜାରୀଙ୍କ ପୁଅ ନରେଶ ପୂଜାରୀଙ୍କୁ ପ୍ରେମ ବିବାହ କରିଥିଲେ। ଆଜି ଠିକ ମାସକ ପରେ ଯୁବତୀଙ୍କ ମୃତ ଦେହ ପୁଅ ଘର ବାଡ଼ି ପଟ ଗଛ ଉପରେ ଝୁଲୁଥିବା ଦେଖିବାକୁ ମିଳିଛି। ସନ୍ଦେହ ଘେରରେ ରହିଛି ପୁଅ ଘର ତାଙ୍କ ବାପା ମଧୁ ପୂଜାରୀ ଜେଜେ ବାପା ଜଗନ୍ନାଥ ପୂଜାରୀ ଏବଂ ନରେଶକୁ ପୋଲିସ ନବରଙ୍ଗପୁର ଥାନା କୁ ନେଇ କେଶ ନମ୍ବର୧୮୯/୨୬ରେ କେଶ ରୁଜୁ କରି ତଦନ୍ତ ଜାରି ରହିଛି।

# ପେଟ୍ରୋଲ ଡିଜେଲ ଯୋଗାଣରେ କୋରାପୁଟ ଜିଲ୍ଲାକୁ ଅଗ୍ରାଧିକାର ଦିଆଯାଉ: ଉପାଧ୍ୟକ୍ଷ



ନନ୍ଦପୁର,୧୬।୫(ସମିସ): କୋରାପୁଟ ଜିଲ୍ଲା ଡିଜେଲ ଓ ପେଟ୍ରୋଲ ଯୋଗାଣ ରେ ଅଗ୍ରାଧିକାର ଦିଆଯାଉ ବୋଲି ଦାବି କରିଛନ୍ତି ନନ୍ଦପୁର ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ। କୋରାପୁଟ ଜିଲ୍ଲାରେ ଦେଖା ଦେଇଥିବା ତୈଳ ଅଭାବକୁ ନେଇ ତେଲ ବୁନ୍ଦା ଏ ପାଇଁ ଲୋକେ ଖରା ତରାରେ ପେଟ୍ରୋଲ ପମ୍ପ ଆଗରେ ଘଣ୍ଟା ଘଣ୍ଟା ଧାଡ଼ି ବାନ୍ଧି ଛିଡା ହେଉଛନ୍ତି। ସୂଚିତ ଯେ, ନନ୍ଦପୁର ବ୍ଲକ ଅଞ୍ଚଳରେ ୫ ଟି ପେଟ୍ରୋଲ ପମ୍ପ ଥିବା ବେଳେ ଦେଶର ସ୍ଥିତି ଅନୁସାରେ ବର୍ତ୍ତମାନ ସ୍ଥିତି ପେଟ୍ରୋଲ ଡିଜେଲ ଯୋଗାଣରେ ନନ୍ଦପୁରର ସ୍ଥିତି ସାଂଘାତିକ ହେବାରେ ଲାଗିଛି। ଗତ ଦୁଇ ମାସ ହେବ ଯେମିତି ସେମିତି ଜନ ବହନ ଚଳାଚଳ ଉପରେ ସାମାନ୍ୟ ସ୍ଥିତି ରହିଥିବା ବେଳେ ବିଗତ ତିନି ଦିନ ଧରି ପାଡ଼ିଆ ଭେଜା ଖୁର୍ଜୀ ତତ୍ ସହିତ ନନ୍ଦପୁର ସଦର ମହକୁମା ସହ ୫ ଟି ପେଟ୍ରୋଲ ପମ୍ପ ମଧ୍ୟରେ ପେଟ୍ରୋଲ ଡିଜେଲ ଯୋଗାଣରେ ଅଭାବ ପରିଲିଖିତ ହୋଇଛି। ତେବେ ବୁଧବାର ମଧ୍ୟାହ୍ନରେ ନନ୍ଦପୁର ସ୍ଥିତ ଇଣ୍ଡିଆନ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଡିଜେଲ ଉଦ୍ଦିଷ୍ଟ ହେବା ଖବର ପାଇ ଯାନ ବାହନର ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ହେଲେ ବିଗତ ଦୁଇଦିନ ତଳେ ଭାରତର ପ୍ରଧାନ ମନ୍ତ୍ରୀ ବିଶ୍ୱର ସ୍ଥିତି କୁ ନେଇ ଦେଇଥିବା ମନ୍ତବ୍ୟ ଉପରେ ସାଧାରଣ ଜନତାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିବା ବେଳେ ତାଙ୍କ ମନ୍ତବ୍ୟ ସତ ହେଉଥିବା ପରିଲିଖିତ ହୋଇଛି। ହେଲେ କୋରାପୁଟ ଠାରୁ ପାରାଦୀପ ଓ ଜଟଣୀ ତୈଳ କମ୍ପାନୀ ଦୂରତା ୫ ଶହ ରୁ ୭ ଶହ କିମି ହେଉଥିବା ବେଳେ ତେଲ ଗାଡି କୋରାପୁଟ ୫ ଅଞ୍ଚଳକୁ ପହଞ୍ଚିବାକୁ ଦୁଇ ରୁ ତିନି ଦିନ ଲାଗୁଛି। ତତ୍ ସହିତ ମିଳିଥିବା ସୂଚନା ଅନୁସାରେ ପେଟ୍ରୋଲ ପମ୍ପ ମାଲିକମାନେ ତେଲ ପାଇଁ ଆଗୁଆ ଟଙ୍କା ପୈଠ କରି ଦୁଇ ରୁ ତିନି ରୁ ଉର୍ଦ୍ଧ ବିଳମ୍ବ ହେଉଛି ଗାଡିରେ ତେଲ ପଟେଇବାକୁ ଯାହାବର୍ତ୍ତମାନ ତୈଳ ଅଭାବର ଦ୍ୱିତୀୟ କାରଣ ହୋଇଛି। ଏହି ସ୍ଥିତି ରେ ଅବିଭକ୍ତ କୋରାପୁଟ ଜିଲ୍ଲାକୁ ତୈଳ ଯୋଗାଣ ରେ ଅଗ୍ରାଧିକାର ଭିତି ପ୍ରାଥମିକତା ଦେବାକୁ ଦାବି କରିଛନ୍ତି ଉପାଧ୍ୟକ୍ଷ ଶ୍ରୀ ହନ୍ତାଳ।

# ଘର ବାରଣ୍ଡାରୁ ବାଇକ୍ ଚୋରି

ଲକ୍ଷ୍ମୀପୁର,୧୬।୫(ସମିସ):

- ବର୍ଷକରେ ଲକ୍ଷ୍ମୀପୁରରେ ହୋଇଛି ୧୨ରୁ ଊର୍ଦ୍ଧ୍ୱ ଚୋରି
- ଚୋରଙ୍କୁ ଧରିବାରେ ପୁଲିସ୍ ବିଫଳ

ଶୁକ୍ରବାର ରାତିରେ ଲକ୍ଷ୍ମୀପୁର ନୂଆ ସାହିରେ ବାସ କରୁ ଥିବା ରଶ୍ମିରଞ୍ଜନ ନାୟକଙ୍କ ଘର ବାରଣ୍ଡାରୁ ମୋଟରସାଇକେଲକୁ ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ସେ ଲକ୍ଷ୍ମୀପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ରାତିରେ ଗୋବିନ୍ଦ ଆଚାର୍ଯ୍ୟ ନାମକ ଜଣେ ଶିକ୍ଷକ ଘର ପିଣ୍ଡା ରେ ଚାବି ପକାଇ ରଖିଥିବା ୟୁନିକର୍ଣ୍ଣ ମୋଟରସାଇକେଲକୁ ମଧ ଚୋରି କରି ନେବାକୁ ଉଦ୍ୟମ କରୁଥିଲେ କିନ୍ତୁ ହ୍ୟାଣ୍ଡଲ ଲକ୍ ଖୋଲି ନ ପାରି ଅଧାବାଟରେ ଛାଡ଼ି ଚାଲି ଯାଇଥିଲେ। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍‌ରେ ଚୋରଙ୍କ ପ୍ରାଦୁର୍ଭାବ ଦିନ କୁ ଦିନ ବଢିବାରେ ଲାଗିଛି। କିଛି ଦିନ ନିରବ ପରେ ପୁଣି ଆରମ୍ଭ ହୋଇଛି ଚୋରି। ଏ ଅଞ୍ଚଳରେ ଚୋର ଚୋରି କରି ଅତି ସହଜରେ ପାରି ହୋଇପାରୁଛି। ସାମ୍ବାଦିକ ଘର ଠାରୁ ଆରମ୍ଭ କରି ଶିକ୍ଷକ, ଓଏମସି କର୍ମଚାରି, ଅଙ୍ଗନୱାଡି କେନ୍ଦ୍ର, ଅଙ୍ଗନୱାଡି ଦିଦି, ଦୁଇ ବ୍ୟବସାୟୀଙ୍କ ଘରୁ, ପିନ୍ଧି ଥିବା ନାକ, କାନରୁ ସୁନା ଛଡାଇ ନେବା, ଅବସରପ୍ରାପ୍ତ ବନ କର୍ମଚାରୀଙ୍କ ଘରୁ ଚୋରି ହୋଇଛି। ଏପରି ବର୍ଷକରେ ୧୨ରୁ ଉର୍ଦ୍ଧ୍ୱ ଘରୁ ଚୋରି ହୋଇଛି। କିନ୍ତୁ ଲକ୍ଷ୍ମୀପୁର ପୋଲିସ୍ ଆଜି ପର୍ଯ୍ୟନ୍ତ କାହାରିକୁ ଧରିବାରେ ସଫଳ ହୋଇ ପାରି ନାହିଁ। କିଛି ଦିନର ବ୍ୟବଧାନ ପରେ ପୁଣି ଲକ୍ଷ୍ମୀପୁରରେ ଚୋରି ଆରମ୍ଭ ହୋଇ ଥିବା ଯୋଗୁଁ ଲୋକେ ବର୍ତ୍ତମାନ ଭୟଭୀତ ଅବସ୍ଥାରେ ରହୁଥିବା ଆଲୋଚନା ହେଉଛି। ଶ୍ରୀ ନାୟକଙ୍କ ଘରେ ସିସି କେମେରା ଲାଗିଛି ଏବଂ ଚୋରର ସବୁ ଗତିବିଧି ରେକର୍ଡ ହୋଇ ଥିବା ବେଳେ ପୋଲିସ୍ ଦୁଇଟି ଲିଖିତ ଅଭିଯୋଗ ପାଇଲା ପରେ ତଦନ୍ତ ଆରମ୍ଭ କରି ଥିଲା। ଆଖପାଖ ଅଞ୍ଚଳରେ ଖୋଜା ଖୋଜି କରୁ କରୁ ରଞ୍ଜିତଗୁଡା ଏକ ଜଙ୍ଗଲରେ ବାଇକ୍ ରଖିଥିବା କିଛି ଲୋକ ଦେଖି ଥିଲେ ଓ ଖବର କରିଥିଲେ। ପରେ ପୋଲିସ୍ ବାଇକ୍ ଆଣି ଥାନାରେ ରଖି ଥିବା ବେଳେ ଆସନ୍ତାକାଲି ମାଲିକକୁ ଫେରାଇ ଦିଆଯିବ କହିଛନ୍ତି।

ରଥଖଳାରୁ...

# ତିନିରଥର ଚାରିନାହାକା ଶେଷ



ପୁରୀ,୧୬।୫(ସମିସ): ପାଖେଇ ଆସୁଛି ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମୁଖ୍ୟ ମହାରଣାଙ୍କ ତତ୍ତ୍ୱାଧାନରେ କାମ ଆଗଉଛି। ଶନିବାର ସୁଦ୍ଧା ତିନିରଥର ୪୨ ଚକ ମଧ୍ୟରୁ ୩୯ଟି ଚକ ନିର୍ମାଣ ଶେଷ ହୋଇଛି। ପ୍ରତ୍ୟେକ ରଥର ଆଉ ଗୋଟିଏ ଲେଖାଏ ଚକ ବାକି ଅଛି। ରବିବାର ଭୋଇ ସେବକମାନେ ବଳକା ୩ଟି ଚକର ସିଙ୍ଗଡାବାଡିଆ କାର୍ଯ୍ୟ ଶେଷ ଯନ୍ତା ଗାଡ଼ ବନ୍ଦ କରିବେ। ଅନ୍ୟାନ୍ୟ କାମ ମଧ୍ୟରେ ରଥ ଅମିନ ତିନିରଥର ବେଦୀ ନିର୍ମାଣରେ ଆବଶ୍ୟକ ଡମକ ନିର୍ମାଣ ପାଇଁ ଭୋଇ ସେବକଙ୍କ ସହାୟତାରେ ତାଳଧ୍ୱଜ ରଥ ଚାଳି ଏବଂ ନନ୍ଦି ଘୋଷ ରଥ ଚାଳିକୁ ଦୁଇଟି ଲେଖାଏଁ ଏବଂ ଦର୍ପଦଳନ ରଥ ଚାଳିକୁ ୩ଟି ୧୮ ଫୁଟିଆ ଧଉରା କାଠ ଯୋଗାଇ ଦେଇଥିଲେ। ମହାରଣା ସେବକମାନେ ୧୮ ଫୁଟିଆ ଧଉରା କାଠର ଚଉପଟ କାର୍ଯ୍ୟ ଜାରି ରଖିଛନ୍ତି। ଏଥିସହ ଶନିବାର ତିନିରଥ ଚାରି ନାହାକାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଏହାପରେ ଚାରି ନାହାକାଗୁଡିକରେ ଆଠ କଣୀ ଅଂଶ ମରା ସରିଛି। ବିନ୍ଧ ପାଇଁ ମହାରଣା ସେବକମାନେ ମାପ ଚିହ୍ନ ପକା ମଧ୍ୟ ଶେଷ କରିଛନ୍ତି। ରୂପକାର ସେବକମାନେ ତିନିରଥ ସାଲ ଗୁଜରେ ରୂପ ଖୋଦେଇ ସହ ଶେଷ ହୋଇଥିବା ରୁପଗୁଡ଼ିକର ପଲିସ କାର୍ଯ୍ୟ ଏବଂ ରୁପଗୁଡ଼ିକରେ ଅଲଙ୍କାର ପକା ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାଇ କାମାର ଶାଳରେ କମାର ସେବକମାନେ ତିନିରଥ ଦଣ୍ଡା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ତରଭୁଜ ନେଲା ଜୀବନ!

## ଗୋଟିଏ ପରିବାରର ୫ ଅସୁସ୍ଥ; ନାବାଳକ ମୃତ



ପଟ୍ଟାମୁଣ୍ଡାଇ, ୧୬।୫ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଡିହାପଡ଼ା ପଞ୍ଚାୟତର କୁପୁଣି ଗାଁରେ ଏକ ଦୁଃଖଦ ଘଟଣା ଘଟିଛି। ତରଭୁଜ ଖାଇ ଗୋଟିଏ ପରିବାରର ୫ଜଣ ଅସୁସ୍ଥ ହୋଇପଡ଼ିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ୧୩ବର୍ଷର ନାବାଳକର ମୃତ୍ୟୁ ହୋଇଛି। ମୃତ ନାବାଳକ ହେଲା, ପଞ୍ଚାନନ ସେନାପତିଙ୍କ ଏକମାତ୍ର ପୁଅ ସ୍ୱାଧୀନ ସେନାପତି(୧୩)। ଅସୁସ୍ଥମାନେ ହେଲେ, ସ୍ୱାଧୀନର ଜେଜେ ଅନନ୍ତ ସେନାପତି (୫୯) ଓ ବାପା ପଞ୍ଚାନନ ସେନାପତି (୪୨), ମା' ଚାରୁଲତା (୩୫), ଦାଦା ବବ୍ରୁବାହନ (୩୧) ଓ ଭଉଣୀ ସ୍ୱାଗତିକା ସେନାପତି(୧୫)।

ଶୁକ୍ରବାର ଅପରାହ୍ଣରେ ସମସ୍ତେ ତରଭୁଜ ଖାଇଥିଲେ। କିଛି ସମୟ ପରେ ସେମାନଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ପରେ ସେମାନଙ୍କର ବାନ୍ତି ଓ ପତଳା ଝାଡ଼ା ହୋଇଥିଲା। ସମସ୍ତଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ସେମାନଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଯାଇଥିଲା। ମାତ୍ର, ସେଠାରେ ସ୍ୱାଧୀନର ଅବସ୍ଥା ସଂକଟାପନ୍ନ ହେବାରୁ ତାକୁ କଟକ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ, ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାକୁ ନେଇ କୁପୁଣି ଗାଁରେ ଶୋକର ଛାୟା ଖେଳିଯାଇଛି। ଏହି ଦୁଃଖଦ ଘଟଣା ତରଭୁଜକୁ ନେଇ ଘଟିଛି ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ତାହା ସ୍ପଷ୍ଟ ହୋଇନାହିଁ। ଆଜି ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର କୁପୁଣିସ୍ଥିତ ସେମାନଙ୍କ ବାସଭବନକୁ ଯାଇ ଘଟଣାର ତଦନ୍ତ କରିଛନ୍ତି।

ଯୋଗାଣ ବିଭାଗର ଚଢ଼ଉ

# ୫୦୫ ଲିଟର ଡିଜେଲ ଜବତ



ଖୋର୍ଦ୍ଧା,୧୬।୫(ସମିସ): ଭୁବନେଶ୍ୱର ଉପକଣ୍ଠରେ ଥିବା ପେଟ୍ରୋଲ ପମ୍ପ ଏବଂ ଅନ୍ୟ କିଛି ସ୍ଥାନରେ ଯୋଗାଣ ବିଭାଗ ଚଢ଼ଉ କରି ୫୦୫ ଲିଟର ଡିଜେଲ୍ ଜବତ କରିଛି। ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଜିଲ୍ଲା ଯୋଗାଣ ଅଧିକାରୀ ଡ. ଜ୍ଞାନେନ୍ଦ୍ରୀୟ ମିଶ୍ର, ସହାୟକ ଯୋଗାଣ ଅଧିକାରୀ ସୁନୀତା ବେହେରା, ବାଲିଅନ୍ତା ଯୋଗାଣ ନିରୀକ୍ଷକ ଅଳକାରାଣୀ ମଲ୍ଲିକ ଏବଂ ବାଲିପାଟଣା ଯୋଗାଣ ନିରୀକ୍ଷକ ନେତ୍ରାନନ୍ଦ ବେହେରାଙ୍କୁ ନେଇ ଗଠିତ ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏହି ଡିଜେଲ୍ ଜବତ କରିଛନ୍ତି। ରାଜ୍ୟରେ ପେଟ୍ରୋଲ-ଡିଜେଲ ସଂକଟ ଜାରି ରହିଥିବା ବେଳେ ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ କଳାବଜାର ଆରମ୍ଭ କରିଦେଇଛନ୍ତି। ବେଆଇନ ଭାବେ ପେଟ୍ରୋଲ-ଡିଜେଲ୍ ଗଚ୍ଛିତ ରଖିଥିବା ବ୍ୟବସାୟୀଙ୍କ ପାଖରେ କୌଣସି ବିତରକ ଲାଇସେନ୍ସ କିମ୍ବା ଅଗ୍ନିଶମ ବିଭାଗର ସାର୍ଟିଫିକେଟ୍ ନ ଥିଲା। ଜନଗହଳି ପୂର୍ଣ୍ଣ ସ୍ଥାନରେ ଲାଭଖୋର ମନୋବୃତ୍ତି ରଖି ସେମାନେ ଲିଟର ପିଛା ୧୪୦ଟଙ୍କା ଦରରେ ତେଲ ବିକୁଥିବା ବେଳେ ଧରାପଡ଼ିଥିଲେ।

ଟାଙ୍ଗୀ ବ୍ଲକରେ ବିଜେପି ନେତାଙ୍କ ଆତଙ୍କରାଜ ଘଟଣା

# ସୋମବାରରୁ ବ୍ଲକ୍ କର୍ମଚାରୀଙ୍କ 'କଲମଛାଡ଼'



ଟାଙ୍ଗୀ, ୧୬।୫(ସମିସ): ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ଶାସକ ଦଳର ନେତା ଓ କର୍ମୀମାନେ ଅସହିଷ୍ଣୁ ହୋଇପଡୁଥିବା ଅଭିଯୋଗ ହେଉଛି। ଏହି କ୍ରମରେ ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଶାସକ ବିଜେପିର କିଛି ପ୍ରମୁଖ ନେତା ଶତାଧିକ ସମର୍ଥକଙ୍କ ସହ ଧସେଇ ପଶି ହଙ୍ଗାମା କରିବା ସହ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଜେପି ନେତା ଅରିନ୍ଦମ ରାୟ ଏବଂ ଅଭୟ ବାରିକଙ୍କ ନେତୃତ୍ୱରେ ଆସିଥିବା ଉକ୍ତ ଗୋଷ୍ଠୀ ବିଭିନ୍ନ ପ୍ରସଙ୍ଗକୁ ନେଇ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ) ଶାଶ୍ୱତ କୁମାର ଜେନା ଓ କାର୍ଯ୍ୟାଳୟର ମହିଳା କର୍ମଚାରୀମାନଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଛନ୍ତି। ଏପରିକି, ସେମାନେ କାର୍ଯ୍ୟାଳୟ ଭିତରେ ଦବଙ୍ଗଗିରି ଦେଖାଇ ହାତ ଉଠାଇବାକୁ ମଧ୍ୟ ପଛାଇ ନଥିବା ଜଣାପଡ଼ିଛି। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏହି ଅପ୍ରୀତିକର ପରିସ୍ଥିତି ପରେ ବ୍ଲକ ପ୍ରଶାସନ ପକ୍ଷରୁ ଘଟଣାକୁ ଦୃଢ଼ ନିନ୍ଦା କରାଯିବା ସହ ପଦକ୍ଷେପ ଗ୍ରହଣ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଏନ୍. ଏନ୍. ରାଜଲକ୍ଷ୍ମୀ ଓଝାଙ୍କ ନିର୍ଦ୍ଦେଶକ୍ରମେ ବ୍ଲକର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏକାଠି ହୋଇ ଟାଙ୍ଗୀ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ଏବିଡିଓ ଶାଶ୍ୱତ କୁମାର ଜେନା, ସହକାରୀ ଯନ୍ତ୍ରୀ ଲିପକ ସାମଲ, ପଞ୍ଚାୟତ ଅଧିକାରୀ ବର୍ଷାରାଣୀ ବେହେରା, ଯୋଗାଣ ଅଧିକାରୀ ଇତିରଞ୍ଜନ ପାତ୍ର ଏବଂ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ କୁଅଁରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏହି ମିଳିତ ଏତଲାରେ ସ୍ୱାକ୍ଷର କରି ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

■ ଥାନାରେ ବ୍ଲକ ପ୍ରଶାସନ ଓ ଅଧ୍ୟକ୍ଷାଙ୍କ ପୃଥକ ଏତଲା
■ ଏବିଡିଓ ଓ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ
■ ବ୍ଲକ ଘେରାଉ କରିବ ବିଜେଡି

ଅନ୍ୟପକ୍ଷରେ, ଉକ୍ତ ଘଟଣାକୁ ନେଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀନାକ୍ଷୀ ଦାସ ମଧ୍ୟ ଟାଙ୍ଗୀ ଥାନା ଆଇଆଇସି ବିକାଶ ସେଠୀଙ୍କ ନିକଟରେ ଏକ ପୃଥକ୍ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଅଭିଯୁକ୍ତ ଅରିନ୍ଦମ ରାୟ, ଅଭୟ ବାରିକ ଓ ସେମାନଙ୍କ ସହ ଉପସ୍ଥିତ ଥିବା ଅନ୍ୟ ବିଜେପି ନେତାମାନେ ବ୍ଲକର ଆସବାବପତ୍ର ନଷ୍ଟ କରିବା ସହ ଜନପ୍ରତିନିଧି ଏବଂ ସାଧାରଣ ପଞ୍ଚାୟତ ପ୍ରତିନିଧିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ସେ ଦର୍ଶାଇଛନ୍ତି। ଏହାସହ ସ୍ଥାନୀୟ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଓ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତି ମଧ୍ୟ ବିଜେପି ନେତାମାନେ ଅତ୍ୟନ୍ତ ଖରାପ ଟିପ୍ପଣୀ କରିଥିବା ଅଧ୍ୟକ୍ଷା ନିଜ ଏତଲାରେ ଉଲ୍ଲେଖ କରିଛନ୍ତି।

ସରକାରୀ କର୍ମଚାରୀଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ ଦାବିରେ ଆସନ୍ତା ସୋମବାରଠାରୁ ବ୍ଲକର ସମସ୍ତ କର୍ମଚାରୀ 'କଲମଛାଡ଼' ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣେ ବରିଷ୍ଠ କର୍ମଚାରୀ ସୂଚନା ଦେଇଛନ୍ତି। ଫଳରେ ସୋମବାରଠାରୁ ବ୍ଲକର ସମସ୍ତ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହେବା ଆଶଙ୍କା ପ୍ରକାଶ ପାଇଛି। ସେହିପରି ଏହି ଗୁଣ୍ଡାଗିରି ପ୍ରତିବାଦରେ ସୋମବାର ଦିନ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ ସହ କାର୍ଯ୍ୟାଳୟ ଘେରାଉ କରାଯିବ। ଏନେଇ ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର କୁମାର ସେଠୀ ଟାଙ୍ଗୀ ଥାନା ଆଇଆଇସିଙ୍କୁ ଏକ ପତ୍ର ମାଧ୍ୟମରେ ଅବଗତ କରାଇ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଜଣାଇଛନ୍ତି। ପୁଲିସ ଦୁଇଟିଯାକ ଏତଲାକୁ ଆଧାର କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଅଞ୍ଚଳରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି।

# ସାବିତ୍ରୀରେ ଉଜୁଡ଼ିଗଲା ସଂସାର

## ଶଙ୍ଖା-ସିନ୍ଦୂର ବଦଳରେ ଘରକୁ ଆସିଲା ସ୍ୱାମୀଙ୍କ ଶବ



ଔପଦା, ୧୬।୫ (ସମିସ): ଯେଉଁ ଦିନ ସ୍ୱାମୀଙ୍କ ଦୀର୍ଘାୟୁକାମନା କରି ସ୍ତ୍ରୀ ସାବିତ୍ରୀ ବ୍ରତ ପାଳୁଥିଲେ, ଠିକ୍ ସେହି ଦିନ ହିଁ ଉଜୁଡ଼ିଗଲା ସିନ୍ଦୂର। ଶଙ୍ଖା-ସିନ୍ଦୂର ବଦଳରେ ଘରେ ପହଞ୍ଚିଲା ସ୍ୱାମୀଙ୍କ ମୃତଦେହ। ଏଭଳି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଔପଦା ଥାନା ପ୍ରତାପପୁର ଗାଁରେ। ମୃତକ ହେଲେ, ଗାଁର ସ୍ୱର୍ଗତ ଗଜେନ୍ଦ୍ର ପ୍ରଧାନଙ୍କ ପୁଅ ରାଜୀବ ପ୍ରଧାନ(୩୮)।

୧୫ବର୍ଷ ପୂର୍ବରୁ ବାପା ଆରପାରିକୁ ଚାଲିଯାଇଥିବା ବେଳେ ଦୁଇ ନାବାଳକ କନ୍ୟା ସନ୍ତାନ, ପତ୍ନୀ ଓ ମା'ଙ୍କ ପେଟ ପୋଷିବା ପାଇଁ ଦିନମଜୁରିଆ ଭାବେ କାମ କରୁଥିଲେ ରାଜୀବ। ଗତ ୧୩ ତାରିଖ ରାତିରୁ ସେ ହଠାତ୍ ନିଖୋଜ ହୋଇଯାଇଥିଲେ। ପରିବାରଲୋକ ବହୁ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ସନ୍ଧାନ ପାଇ ନଥିଲେ। ଗତ ୧୫ତାରିଖ ଅପରାହ୍ଣରେ ସୋର ବଜାର ନିକଟରୁ ସ୍ଥାନୀୟ ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅପରପକ୍ଷରେ, ସ୍ୱାମୀଙ୍କ କୌଣସି ପତ୍ତା ନ ପାଇ ୧୫ତାରିଖ ସନ୍ଧ୍ୟାରେ ରାଜୀବଙ୍କ ପତ୍ନୀ ଦେବକୀ ସେନାପତି ଔପଦା ଥାନାରେ ଏକ ନିଖୋଜ ଅଭିଯୋଗ ମଧ୍ୟ କରିଥିଲେ। ଶନିବାର ପୂର୍ବାହ୍ନରେ ସୋର ମେଡିକାଲରେ ଶବ ଚିହ୍ନଟ ହେବା ଏବଂ ବ୍ୟବଚ୍ଛେଦ ପରେ ରାଜୀବଙ୍କ ମୃତଦେହ ଗାଁକୁ ଅଣାଯାଇଥିଲା। ଗୋଟିଏପଟେ, ପବିତ୍ର ସାବିତ୍ରୀ ବ୍ରତର ମାହୋଲ ଥିବା ବେଳେ ରାଜୀବଙ୍କ ଶବ ପହଞ୍ଚିବା ପରେ ପୂରା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ମା' କାଳନ୍ଦି ଯୁବକ ସଂଘ ପକ୍ଷରୁ ମୃତଦେହକୁ ନେଇ ଗ୍ରାମ ପରିକ୍ରମା କରାଯିବା ପରେ ଅନ୍ତିମ ସଂସ୍କାର କରାଯାଇଛି।

ପରିବାରଲୋକଙ୍କ କହିବା ଅନୁସାରେ, ଅସହ୍ୟ ଗରମ ଏବଂ ଅଂଶୁଘାତ ଯୋଗୁଁ ରାଜୀବଙ୍କ ମୃତ୍ୟୁ ଘଟିଛି। ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ବିଧବା ମା', ପତ୍ନୀ ଗୀତା ଏବଂ ଦୁଇ ଛୋଟଛୋଟ ଝିଅ ଏବେ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି। ପରିବାରର ଆର୍ଥିକ ସ୍ଥିତି ଏତେ ଶୋଚନୀୟ ଯେ ଶେଷକୃତ୍ୟ ଓ ଶୁଦ୍ଧିକ୍ରିୟା ପାଇଁ ମଧ୍ୟ ହାତରେ ଟଙ୍କାଟିଏ ନାହିଁ। ଏଭଳି ପରିସ୍ଥିତିରେ ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଏବଂ ସହୃଦୟ ବ୍ୟକ୍ତିବିଶେଷଙ୍କ ଆର୍ଥିକ ସାହାଯ୍ୟର ଜରୁରୀ ଆବଶ୍ୟକତା ରହିଛି।

## ଆଜି ଆସୁଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ

ଭୁବନେଶ୍ୱର,୧୬।୫(ସମିସ): ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନିତିନ ନବୀନ ପ୍ରଥମ ଥର ପାଇଁ ରବିବାର ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆସନ୍ତାକାଲି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ଦଳର ଶୀର୍ଷ ନେତୃବୃନ୍ଦ ରାଷ୍ଟ୍ରୀୟ ସଭାପତିଙ୍କୁ ବିମାନବନ୍ଦରରେ ନିରାଡ଼ମ୍ବର ଭାବେ ସ୍ୱାଗତ ଜଣାଇବେ। ଏନେଇ ବିଜେପି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ସୂଚନା ଦେଇ କହିଛନ୍ତି ଯେ ୧୮ ତାରିଖ (ସୋମବାର) ଦିନ ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ଅନୁଷ୍ଠିତ 'ରାଜ୍ୟ କୋର୍ କମିଟି' ବୈଠକରେ ନିତିନ ନବୀନ ଯୋଗଦେବେ। ଏହାପରେ ସେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଆଇଆଇଟି ନିକଟସ୍ଥ ଏସିଆନ ଇନଷ୍ଟିଚ୍ୟୁଟ ଅଫ୍ ଫିଜିକାଲ ହେଲ୍ଥ (ଏଆଇପିଏଚ୍) ବିଶ୍ୱବିଦ୍ୟାଳୟ ପରିସରରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପଣ୍ଡିତ ଦୀନଦୟାଲ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଶିବିରର ଉଦ୍‌ଘାଟନ କରିବେ। ଏହାପରେ ସେ ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ସହ ମହାପ୍ରସାଦ ସେବନ କରିବେ ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି। ଅପରାହ୍ନରେ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ରାଜ୍ୟ ପଦାଧିକାରୀ, ମୋର୍ଚ୍ଚା ସଭାପତି ବୈଠକ ଏବଂ ମନ୍ତ୍ରୀ ପରିଷଦ ବୈଠକରେ ଯୋଗଦେଇ ଆଲୋଚନା କରି ସନ୍ଧ୍ୟାରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି।

ବିପଜ୍ଜନକ ଭାବେ 'ଆମୋନିୟମ ନାଇଟ୍ରେଟ୍' ପରିବହନ ଓ ଖଲାସୀ ପ୍ରସଙ୍ଗ

# କେନ୍ଦ୍ର ଓ ବନ୍ଦର କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ, ୧୬।୫ (ସମିସ): ବନ୍ଦରଗୁଡ଼ିକରେ ବିପୁଳ ପରିମାଣର ଆମୋନିୟମ୍ ନାଇଟ୍ରେଟ୍‌ର ବିପଜ୍ଜନକ ପରିବହନ ଏବଂ ଏହାର ସୁରକ୍ଷା ବ୍ୟବସ୍ଥାକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାର ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଦେଶର ନାଗରିକ ଏବଂ ବିଶେଷକରି ବନ୍ଦରରେ କାର୍ଯ୍ୟରତ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଏହା ଏକ ବଡ଼ ବିପଦ ସୃଷ୍ଟି କରୁଥିବାରୁ ହାଇକୋର୍ଟ ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ମୁମ୍ବାଇର 'ଫୋରମ୍ ଫର୍ ଇଣ୍ଟିଗ୍ରେଟେଡ୍ ନ୍ୟାସନାଲ ସିକ୍ୟୁରିଟି' ପକ୍ଷରୁ ଦାୟର ଏହି ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ମୁରହରୀ ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ପାରାଦୀପ ବନ୍ଦରରେ ଆମୋନିୟମ୍ ନାଇଟ୍ରେଟ୍ ବହନ କରୁଥିବା ଅନେକ ଜାହାଜ ପ୍ରତିଦିନ ଆସି ରହୁଥିବାରୁ ଏହି ମାମଲାରେ 'ପାରାଦୀପ ବନ୍ଦର କର୍ତ୍ତୃପକ୍ଷ'ଙ୍କୁ ଜବାବ ଦାଖଲ ପାଇଁ ନୋଟିସ୍ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଆମୋନିୟମ୍ ନାଇଟ୍ରେଟ୍ ହେଉଛି ଏକ ଅତ୍ୟନ୍ତ ଜ୍ୱଳନଶୀଳ ଏବଂ ବିସ୍ଫୋରକ ପଦାର୍ଥ। ସାମାନ୍ୟ ଅସାବଧାନତା ଲୋକଙ୍କ ଜୀବନ ପ୍ରତି ବଡ଼ ବିପଦ ଆଣିପାରେ। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ(ପୋର୍ଟସ୍ ୱିଙ୍ଗ) ପକ୍ଷରୁ ୨୦୨୫ ମସିହାରେ ଏକ ସ୍ୱତନ୍ତ୍ର ସୁରକ୍ଷା ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା।

# କ୍ୟାନ୍ସ ଫିଲ୍ମ ଫେଷ୍ଟିଭାଲରେ ଭାରତର ପ୍ରତିନିଧିତ୍ୱ କରିବେ ନିଖିଳେଶ



କୋଲକାତା/ଭୁବନେଶ୍ୱର, ୧୬।୫(ସମିସ): ଫ୍ରାନ୍ସରେ ଆୟୋଜିତ କ୍ୟାନ୍ସ ଚଳଚ୍ଚିତ୍ର ମହୋତ୍ସବ ପାଇଁ ମନୋନୀତ ଭାରତୀୟ ପ୍ରତିନିଧିମଣ୍ଡଳୀରେ ଯୁବ ଚଳଚ୍ଚିତ୍ର ନିର୍ମାତା ନିଖିଳେଶ ମିଶ୍ର ସ୍ଥାନ ପାଇଛନ୍ତି। ନିଖିଳେଶଙ୍କ ଘର ଓଡ଼ିଶାରେ ଏବଂ ବର୍ତ୍ତମାନ ସେ ସତ୍ୟଜିତ ରାୟ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନଷ୍ଟିଚ୍ୟୁଟ୍ (ଏସ୍‌ଆର୍‌ଏଫ୍‌ଟିଆଇ) ରେ ନିର୍ଦ୍ଦେଶନା ଏବଂ ଚିତ୍ରନାଟ୍ୟ ବିଭାଗର ଶେଷବର୍ଷର ଛାତ୍ର। ଶ୍ରୀ ମିଶ୍ର ସେଠାରେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ଦ୍ୱାରା ପ୍ରାୟୋଜିତ ୱେଭସ୍ ବଜାର ଗ୍ଲୋବାଲ ଆଉଟରିଚ୍ କାର୍ଯ୍ୟକ୍ରମର ପ୍ରତିନିଧିତ୍ୱ କରିବେ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅନ୍ତର୍ଜାତୀୟ ସହଯୋଗ ଏବଂ ସହ-ପ୍ରଯୋଜନ ସୁଯୋଗକୁ ପ୍ରୋତ୍ସାହିତ କରିବା ସହ ଚଳଚ୍ଚିତ୍ର ଏବଂ ଗଣମାଧ୍ୟମରେ ଭାରତର ସୃଜନଶୀଳ ଦକ୍ଷତା ପ୍ରଦର୍ଶନ କରିବା।

ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ପୂର୍ବତନ ଛାତ୍ର ଶ୍ରୀ ମିଶ୍ର ଜଣେ ପୁରସ୍କାରପ୍ରାପ୍ତ ଯୁବ କବି ଏବଂ ଲେଖକ। ଶ୍ରୀ ମିଶ୍ରଙ୍କ କ୍ଷୁଦ୍ର ଚଳଚ୍ଚିତ୍ରଗୁଡ଼ିକ ଭାରତ ସମେତ ବିଦେଶରେ ଆୟୋଜିତ ଅନେକ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇଛି। ତାଙ୍କର କ୍ଷୁଦ୍ର କଥାଚିତ୍ର "ନବୀନା ସୁନ୍ଦରା ଘନଶ୍ୟାମ ହେ" ଏକ ଉଲ୍ଲେଖନୀୟ ସୃଷ୍ଟି।

ଉଲ୍ଲେଖଯୋଗ୍ୟ, ଫ୍ରାନ୍ସରେ ଆୟୋଜିତ କ୍ୟାନସ୍ ଚଳଚ୍ଚିତ୍ର ମହୋତ୍ସବ ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ।

ସୋଆରେ ପୁରାତନ ଲେଖା ସମ୍ପାଦନା ସମ୍ପର୍କିତ ସପ୍ତାହ ବ୍ୟାପୀ କର୍ମଶାଳା ଆରମ୍ଭ

# ଭାରତର ଅମୂଲ୍ୟ ସମ୍ପତ୍ତି ପୁରାତନ ପୋଥିର ଗବେଷଣା ଆବଶ୍ୟକ



ଭୁବନେଶ୍ୱର,୧୬।୫(ସମିସ): ପୁରାତନ ପୋଥିର ଗନ୍ତାଘର ଭାରତରେ ଏହି ଅମୂଲ୍ୟ ସମ୍ପତ୍ତି ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ବିଶିଷ୍ଟ ଶିଳାଲେଖ ବିଶାରଦ ଓ ପ୍ରାଚୀନ ଲିପି ଗବେଷକ ଡକ୍ଟର ସୁବ୍ରତ କୁମାର ଆଚାର୍ଯ୍ୟ କହିଛନ୍ତି। ଶିକ୍ଷା ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସେଣ୍ଟର ଫର୍ ପ୍ରୋପାଗେସନ୍, ପ୍ରିଜର୍‌ଭେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଣ୍ଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆନ (ପ୍ରାଚୀନ) ଦ୍ୱାରା ଆୟୋଜିତ ସପ୍ତାହ ବ୍ୟାପୀ ଲେଖା ସମ୍ପାଦନା କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡକ୍ଟର ଆଚାର୍ଯ୍ୟ ଏହା କହିଛନ୍ତି। ଭାରତର ଅସରନ୍ତି ସାହିତ୍ୟ ଭଣ୍ଡାର ବିଶେଷ ଭାବେ ସଂସ୍କୃତରେ ଲିଖିତ ପୋଥିଗୁଡ଼ିକ ଉପରେ ଗବେଷଣା ହେବା ଆବଶ୍ୟକ। ଦେଶରେ ଉପଲବ୍ଧ ଏହି ସାହିତ୍ୟ ନିଧିର ମାତ୍ର ୨୦ ପ୍ରତିଶତର ଏପର୍ଯ୍ୟନ୍ତ ସଂପାଦନା ହୋଇପାରିଛି ବୋଲି ଡ. ଆଚାର୍ଯ୍ୟ କହିଥିଲେ।

ସେ ଆହୁରି ମଧ୍ୟ କହିଥିଲେ, ଅଷ୍ଟବିଂଶ ଓ ଊନବିଂଶ ଶତାବ୍ଦୀରେ ୟୁରୋପର ଐତିହାସିକମାନେ ଭାରତରେ ପହଞ୍ଚିବା ପରେ ମନେ କରିଥିଲେ ଯେ ଏହି ଦେଶର କୋ÷ଣସି ଇତିହାସ ଓ ସଂସ୍କୃତି ନାହିଁ। ସେମାନଙ୍କ ମଧ୍ୟରେ ଭାଷାବିତ୍ ସାର୍ ଉଇଲିୟମ୍ ଜୋନ୍ସ ଭାରତରେ ପୁରାତନ ପୋଥି ଓ ଶିଳାଲେଖ ସଂଗ୍ରହ କରିବାକୁ ଆରମ୍ଭ କରିଥିଲେ ଏବଂ ଏଥିରେ ତାଙ୍କୁ ଆଉ ଜଣେ ଗବେଷକ ଚାର୍ଲସ ଉଇଲ୍‌କିନ୍ସ ସହାୟତା କରିଥିଲେ। ୧୭୮୪ ମସିହାରେ ସାର୍ ଜୋନ୍ସ କୋଲକାତାଠାରେ ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ ସ୍ଥାପନ କରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏଥିରେ ସେମାନେ ସେତେବେଳର ଭାରତୀୟ ପଣ୍ଡିତମାନଙ୍କ ସହାୟତା ନେଇଥିଲେ। ୧୮୦୮ ମସିହା ବେଳକୁ ସାର୍ ଜୋନ୍ସ ଓ ଉଇଲ୍‌କିନ୍ସ କାଳିଦାସଙ୍କ ଶକୁନ୍ତଳା କାବ୍ୟକୁ ଇଂରାଜୀ ଭାଷାରେ ଅନୁବାଦ କରିସାରିଥିଲେ। କାଳକ୍ରମେ ଇଂରେଜମାନେ ଭାରତର ଉନ୍ନତ ସାହିତ୍ୟ ଓ ସଂସ୍କୃତିର ପରିଚୟ ପାଇ ପାରିଥିଲେ ବୋଲି ଡକ୍ଟର ଆଚାର୍ଯ୍ୟ କହିବା ସହ ଇଂରେଜମାନଙ୍କ ପରେ ଜର୍ମାନୀର ବିଶାରଦମାନେ ଭାରତର ସାହିତ୍ୟ ପ୍ରତି ଆକର୍ଷିତ ହୋଇଥିଲେ ବୋଲି କହିଥିଲେ। ଏହି କର୍ମଶାଳାରେ ୪୧ ଜଣ ଗବେଷକ ଯୋଗ ଦେଇଥିବା ବେଳେ ପ୍ରାଚୀନର ୪ଜଣ ବିଶେଷଜ୍ଞ ପ୍ରଫେସର ଜଗନ୍ନାଥ ଦାସ, ପ୍ରଫେସର ଗୌରାଙ୍ଗ ଚରଣ ଦାସ, ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା ଓ ପ୍ରଫେସର ସନ୍ତୋଷ କୁମାର ରଥ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ 'ପ୍ରାଚୀନ'ର ମୁଖ୍ୟ ପ୍ରଫେସର ଗାୟତ୍ରୀବାଳା ପଣ୍ଡା ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀମତୀ ପଣ୍ଡା ପ୍ରାଚୀନର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ତଥ୍ୟ ଉପସ୍ଥାପନା କରି ଏହା ସାରୋଳ ଦାସଙ୍କ ମହାଭାରତକୁ ସମ୍ପାଦନା କରି ଅନେକଗୁଡ଼ିଏ ସଂଖ୍ୟା

ପ୍ରକାଶିତ କରିଥିବା ଜଣାଇଥିଲେ। ଏହାଛଡ଼ା 'ପ୍ରାଚୀନ' ପକ୍ଷରୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ପୋଥିର ପୃଷ୍ଠାକୁ ଡିଜିଟାଲାଇଜ୍‌ଡ କରାଯାଇଥିବା ନେଇ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମରେ ପ୍ରଫେସର ଗୌରାଙ୍ଗ ଚରଣ ଦାସ 'ପ୍ରାଚୀନ' ଦ୍ୱାରା ଦ୍ୱିତୀୟ ଥର ପାଇଁ ଏପରି ଲେଖା ସମ୍ପାଦନା ଉପରେ କର୍ମଶାଳା ଆୟୋଜିତ ହୋଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ନିହାରରଞ୍ଜନ ମିଶ୍ର, ଆସୋସିଏଟ୍ ପ୍ରଫେସର ଜୀବନ କୁମାର ପଣ୍ଡା, ବିଭୁତି ପ୍ରସାଦ ସାହୁ ଏବଂ ସମ୍ବିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

■ ବିପଜ୍ଜନକ ଭାବେ 'ଆମୋନିୟମ ନାଇଟ୍ରେଟ୍' ପରିବହନ ଓ ଖଲାସୀ ପ୍ରସଙ୍ଗ

# କେନ୍ଦ୍ର ସରକାର ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ, ୧୬।୫ (ସମିସ): ବନ୍ଦରଗୁଡ଼ିକରେ ବିପୁଳ ପରିମାଣର ଆମୋନିୟମ୍ ନାଇଟ୍ରେଟ୍‌ର ବିପଜ୍ଜନକ ପରିବହନ ଏବଂ ଏହାର ସୁରକ୍ଷା ବ୍ୟବସ୍ଥାକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାର ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଦେଶର ନାଗରିକ ଏବଂ ବିଶେଷକରି ବନ୍ଦରରେ କାର୍ଯ୍ୟରତ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଏହା ଏକ ବଡ଼ ବିପଦ ସୃଷ୍ଟି କରୁଥିବାରୁ ହାଇକୋର୍ଟ ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ମୁମ୍ବାଇର 'ଫୋରମ୍ ଫର୍ ଇଣ୍ଟିଗ୍ରେଟେଡ୍ ନ୍ୟାସନାଲ ସିକ୍ୟୁରିଟି' ପକ୍ଷରୁ ଦାୟର ଏହି ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ମୁରହରୀ ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ଓଡ଼ିଶାର ପାରାଦୀପ ବନ୍ଦରରେ ଆମୋନିୟମ୍ ନାଇଟ୍ରେଟ୍ ବହନ କରୁଥିବା ଅନେକ ଜାହାଜ ପ୍ରତିଦିନ ଆସି ରହୁଥିବାରୁ ଏହି ମାମଲାରେ 'ପାରାଦୀପ ବନ୍ଦର କର୍ତ୍ତୃପକ୍ଷ'ଙ୍କୁ ଜବାବ ଦାଖଲ ପାଇଁ ନୋଟିସ୍ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ଆମୋନିୟମ୍ ନାଇଟ୍ରେଟ୍ ହେଉଛି ଏକ ଅତ୍ୟନ୍ତ ଜ୍ୱଳନଶୀଳ ଏବଂ ବିସ୍ଫୋରକ ପଦାର୍ଥ। ସାମାନ୍ୟ ଅସାବଧାନତା ଲୋକଙ୍କ ଜୀବନ ପ୍ରତି ବଡ଼ ବିପଦ ଆଣିପାରେ। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ(ପୋର୍ଟସ୍ ୱିଙ୍ଗ) ପକ୍ଷରୁ ଗତ ୨୦୨୫ ସେପ୍ଟେମ୍ବର ୮ରେ ଏକ ସ୍ୱତନ୍ତ୍ର ସୁରକ୍ଷା ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ଯେଉଁ ଜାହାଜଗୁଡ଼ିକରେ ୫୦୦୦ ମେଟ୍ରିକ୍ ଟନ୍‌ରୁ ଅଧିକ ଆମୋନିୟମ ନାଇଟ୍ରେଟ୍ ଲୋଡ୍ ଥିବ, ସେଗୁଡ଼ିକ ଦିନସାରାର ଅନଲୋଡିଂ କାର୍ଯ୍ୟ ଶେଷ ହେବା ପରେ ବନ୍ଦର ଅଞ୍ଚଳ ଛାଡ଼ି ରାତିରେ ମଧ୍ୟ-ସମୁଦ୍ରକୁ ଚାଲିଯିବେ। ପରଦିନ ସକାଳେ ସେମାନେ ପୁଣି ବନ୍ଦରକୁ ଆସି ବାକି ଅନଲୋଡିଂ କାର୍ଯ୍ୟ ଆରମ୍ଭ କରିବେ ବୋଲି ନିର୍ଦ୍ଦେଶାବଳୀ ରହିଛି। ହେଲେ ଏହାକୁ ଉଲ୍ଲଂଘନ କରାଯାଇ ଆସୁଥିବାରୁ ଜନଜୀବନ ପ୍ରତି ବିପଦ ଦେଖାଦେଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ଡେପୁଟି ସଲିସିଟର୍ ଜେନେରାଲ ଏହି ସୁରକ୍ଷା ନିର୍ଦ୍ଦେଶାବଳୀକୁ ବନ୍ଦରଗୁଡ଼ିକରେ କଡ଼ାକଡ଼ି ଭାବେ ଗ୍ରହଣ କରାଯାଇଛି କି ନାହିଁ କିମ୍ବା ଏଥିପାଇଁ କୌଣସି ନୂଆ ନୀତି ଆପଣାଯାଇଛି କି ନାହିଁ, ସେ ସମ୍ପର୍କରେ ସରକାରଙ୍କଠାରୁ ସ୍ପଷ୍ଟ ସୂଚନା ଆଣିବା ପାଇଁ ହାଇକୋର୍ଟଙ୍କୁ ସମୟ ମାଗିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୧ ତାରିଖକୁ ଧାର୍ଯ୍ୟ କରାଯାଇଛି।

## ସା କ୍ଷା ତ କା ର

# 'ବାସ୍ତବଧର୍ମୀ ସିନେମା ଦର୍ଶକଙ୍କ ପ୍ରଥମ ପସନ୍ଦ'

**ଅଙ୍କିତା ମହାନ୍ତି, ଅଭିନେତ୍ରୀ**

**ପ୍ରଥମେ ସେ ମଞ୍ଚ ପରିଚାଳନା କରୁଥିଲେ । ତାଙ୍କ ଆଙ୍କରିଂ କରିବା ଶୈଳୀ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ଏହା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି । ସାମାଜିକ ଗଣମାଧ୍ୟମ ଜରିଆରେ ତାଙ୍କୁ ଅଭିନେତ୍ରୀ ହେବାକୁ ସୁଯୋଗ ମିଳିଥିଲା । 'ରହସ୍ୟ' ସିନେମାରୁ କ୍ୟାରିୟର ଆରମ୍ଭ କରିଥିବା ଏହି ଉଦୀୟମାନ ଅଭିନେତ୍ରୀ ଜଣକ ହେଉଛନ୍ତି ଅଙ୍କିତା ମହାନ୍ତି । ତାଙ୍କର ଜନ୍ମସ୍ଥାନ ଭଦ୍ରକ ଜିଲ୍ଲା ବାଉଦପୁର । ନିକଟରେ ତାଙ୍କ ଅଭିନୀତ ଓଡ଼ିଆ ସିନେମା 'ମୁରବି'କୁ ଦର୍ଶକ ଭଲ ପାଇବା ଦେଇଛନ୍ତି । ସ୍ୱଳ୍ପ ସମୟରେ ଦର୍ଶକ ମହଲରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଥିବା ଅଙ୍କିତା ନିଜ ବିଷୟରେ କ'ଣ କୁହନ୍ତି ଜାଣିବା ତାଙ୍କ ମୁହଁରୁ ।**

**ଅଭିନୟ ପ୍ରତି କିପରି ଓ କେବେଠୁ ରୁଚି ଆସିଲା?**

● ପଢ଼ା ସାରି ଚାକିରି କରିବା ଉଦ୍ଦେଶ୍ୟରେ ମୁଁ ଭୁବନେଶ୍ୱର ଆସିଥିଲି । ସମୟକ୍ରମେ ବିଭିନ୍ନ ଇଭେଣ୍ଟରେ ମଞ୍ଚ ପରିଚାଳନା କରିଲି । ସେହି ସମୟରେ ମୁଁ ସର୍ବଦା ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହୁଥିଲି । ସୌଭାଗ୍ୟବଶତଃ ଏହି ପ୍ଲାଟ୍‌ଫର୍ମ ଦ୍ୱାରା ମୋତେ 'ରହସ୍ୟ' ସିନେମାରେ କାମ କରିବାକୁ ସୁଯୋଗ ମିଳିଥିଲା । ଏଥିରେ ମୋ ବିପକ୍ଷରେ ଥିଲେ ବିଘ୍ନେଶ୍ୱର ପଣ୍ଡା । ଏହାପରେ ୨୦୧୯ ମସିହାରେ ଜୀ ସାର୍ଥକର 'ଅଙ୍ଗୁର ନ ଖାଇ ପାରିଲେ ଖଟା'ରେ ଦେବାଶିଷ ପାତ୍ରଙ୍କ ସହିତ କାମ କରିଥିଲି । ପରେ ପରେ ପପୁ ଭାଇଙ୍କ ସହ 'ବୁଲ୍‌ବୁଲ୍ ପାଣ୍ଡେ', 'ଗ୍ୟାଙ୍ଗସ୍ ଅଫ୍ ପୁରୀ-୧', 'ଗ୍ୟାଙ୍ଗସ୍ ଅଫ୍ ପୁରୀ-୨' ୱେବ୍‌ସିରିଜ୍‌ରେ କାମ କରିବାକୁ ମୋତେ ସୁଯୋଗ ମିଳିଥିଲା ।



**ପ୍ରଥମ ଥର କ୍ୟାମେରାକୁ ସାମ୍ନା କରିବାକୁ ଭୟ ଲାଗିଥିଲା କି?**

● ପ୍ରଥମ ଥରର କାମ କରିବାର ଅନୁଭୂତି ସମସ୍ତଙ୍କର ସର୍ବଦା ନିଆରା ହୋଇଥାଏ । ମୁଁ କ୍ୟାମେରାକୁ ସାମ୍ନା କରିବାକୁ ଭୟ କରି ନଥିଲି । ବରଂ କାମକୁ ନେଇ ସିରିୟସ୍ ଥିଲି ।

**'ମୁରବି' ସିନେମାରେ କାମ କରିବାର ଅନୁଭୂତି?**

● ନିକଟରେ 'ମୁରବି' ସିନେମା ରିଲିଜ୍ ହୋଇଛି । ଏଥିରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଦୁଇଜଣ ବରିଷ୍ଠ ଅଭିନେତା କୁନା ତ୍ରିପାଠୀ ଏବଂ ଚୌଧୁରୀ ଜୟ ପ୍ରକାଶ ଦାସ । ଏଥିରେ ମୁଁ ଚୌଧୁରୀ ଜୟ ପ୍ରକାଶଙ୍କ ବଡ଼ ବୋହୂ ଚରିତ୍ରରେ ଅଭିନୟ କରିଛି । ଏହା ଏକ ସାମାଜିକ ମୂଲ୍ୟବୋଧ ସିନେମା । ଏଥିରେ ସମାଜକୁ ଶିକ୍ଷା ଦେବାକୁ ଅନେକ ଶିକ୍ଷଣୀୟ କଥା ରହିଛି । ଦୀର୍ଘ ବର୍ଷ ପରେ ଦର୍ଶକ ଏମିତି ଏକ ସମ୍ପୂର୍ଣ୍ଣ ପାରିବାରିକ କାହାଣୀର ସିନେମା ଦେଖିବାକୁ ସୁଯୋଗ ପାଇଛନ୍ତି । ତେବେ ସିନେମାରେ ବଡ଼ ବୋହୂ ଚରିତ୍ରରେ ନିଖୁଣ ଅଭିନୟ କରିବା ପାଇଁ ପ୍ରାୟ ସାତ ଆଠଦିନ ୱାର୍କସପ୍ କରିଥିଲି । କେବଳ ମୁଁ ନୁହେଁ, ମୋ ସହିତ ଅନ୍ୟାନ୍ୟ କଳାକାରମାନେ ସମସ୍ତେ ୱାର୍କସପ୍ କରିଥିଲେ ।

**'ମୁରବି' ସିନେମାର ସଫଳତାକୁ ନେଇ କେତେ ଖୁସି ଅଛନ୍ତି?**

● ବହୁତ ଖୁସି ଅଛି । 'ମୁରବି' ସିନେମା ରିଲିଜ୍ ହେବାକୁ ମାସେ ଟପିଗଲାଣି । ଏହା ଭିତରେ ଅନେକ ତାରକାଙ୍କ ସିନେମା ଆସି ହଲ୍‌ରୁ ଉଠିଗଲାଣି ହେଲେ ଆମ ସିନେମା ଏବେ ବି ପ୍ରେକ୍ଷାଳୟରେ ଚାଲିଛି । ଦର୍ଶକଙ୍କ ହୃଦୟରେ 'ମୁରବି' ସ୍ୱତନ୍ତ୍ର ସ୍ଥାନ ନେଇଛି । ଗୋଟିଏ କଥା କହିବି, ବର୍ତ୍ତମାନ ଦର୍ଶକ ବାସ୍ତବଧର୍ମୀ ସିନେମା ଦେଖିବାକୁ ପସନ୍ଦ କରୁଛନ୍ତି । ତେଣୁ ଓଡ଼ିଶାର, କଳା, ସଂସ୍କୃତି, ଓଡ଼ିଆ ଘରର ପରମ୍ପରା, ଦୁଇ ପରିବାରର ଭକ୍ତି, ସ୍ନେହ ଶ୍ରଦ୍ଧା ଆଉ ଅନୁଶାସନକୁ ସିନେମା ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିବାରୁ ଏହା ଦର୍ଶକଙ୍କ ହୃଦୟକୁ ଛୁଇଁଛି ।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ ?**

● ମୋ ମାଆଙ୍କୁ କିଛି ଉପହାର ଦେଇଥିଲି ।

**ଅଙ୍କିତାଙ୍କ ଫିଟ୍ ରହିବାର ମୂଳମନ୍ତ୍ର?**

● ସୁଟିଂ ସେଟ୍‌ରୁ ଫୁରସତ୍ ମିଳିଲେ ଘରେ ସମୟ ବିତାଇବାକୁ ଭଲପାଏ । ଫିଟ୍ ରହିବାକୁ ୱାର୍କଆଉଟ୍ କରେ । ଜିମ୍ ବଦଳରେ ମୁଁ ଯୋଗ, ପ୍ରାଣାୟମ କରେ । ଏହା ସହିତ ଘରୋଇ ଖାଦ୍ୟ ଖାଇବାକୁ ବେଶି ଭଲ ପାଏ ।

**ନୂଆ କରି ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଦୁଇଟି କଥାକୁ ଗୁରୁତ୍ୱ ଦେବା ଦରକାର । ପ୍ରଥମତଃ ନିଜ ଶିକ୍ଷା ଶେଷ କରି ଅଭିନୟ ଜଗତକୁ ଆସନ୍ତୁ । ଆଉ ଦ୍ୱିତୀୟରେ ଭଲ କଳାକାରଟିଏ ହେବାକୁ ନିଜକୁ ସେମିତି ପ୍ରସ୍ତୁତ କରନ୍ତୁ । ଯେଉଁ କାମ କରୁଛନ୍ତି ମନ ଧ୍ୟାନ ଦେଇ କରିବା ଭଲ । ■



**ପରଦା ପଛର କାହାଣୀ**

## ରାତି ଚାରିଟାରେ ଗୀତ ରେକର୍ଡିଂ

୧୯୯୯ ମସିହାରେ ମୁକ୍ତିଲାଭ କରିଥିଲା ସୁପରହିଟ୍ ଫିଲ୍ମ 'ହମ୍ ଦିଲ୍ ଦେ ଚୁକେ ସନମ୍' । ବଲିଉଡ୍ ଅଭିନେତା ସଲମାନ୍ ଖାନ୍ ଏବଂ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କ ଅଭିନୀତ ଏହି ଫିଲ୍ମରେ ନିର୍ଦ୍ଦେଶନା ଦେଇଥିଲେ ସଞ୍ଜୟ ଲୀଲା ଭଂସାଲି । ଏଥିରେ ଏକାଧିକ ଗୀତ ସୁପରହିଟ୍ ହୋଇଥିଲା । ଯାହା ଦର୍ଶକଙ୍କ ହୃଦୟକୁ ସ୍ପର୍ଶ କରିଥିଲା । ତେବେ ଏହି ଫିଲ୍ମର 'ତଡ଼ପ୍ ତଡ଼ପ୍ କେ ଇସ୍ ଦିଲ୍ ସେ...' ଗୀତ ରେକର୍ଡିଂକୁ ନେଇ ଏକ ରୋଚକୀୟ କାହଣୀ ରହିଛି । ଏହି ସ୍ୱତନ୍ତ୍ର ଗୀତଟିକୁ କଣ୍ଠଶିଳ୍ପୀ କେକେ ଭୋର୍ ଚାରିଟାରେ ରେକର୍ଡ କରିଥିଲେ । ତ୍ରିକୋଣୀୟ ପ୍ରେମ ଉପରେ ଆଧାରିତ ଏହି ଫିଲ୍ମରେ ସଲମାନ୍‌ଙ୍କ ହୃଦୟ ଭାଙ୍ଗିବା ଦୃଶ୍ୟରେ 'ତଡ଼ପ୍ ତଡ଼ପ୍ କେ ଇସ୍ ଦିଲ୍ ସେ... ' ଇମୋସନାଲ୍ ଗୀତଟି ବାଜୁଥିଲା । ଏହି ଗୀତଟି ରାତି ଗୋଟାଏରେ ରେକର୍ଡିଂ କରାଯାଇଥିଲା । ପାଖାପାଖି ୫୦ ପ୍ରତିଶତ ରେକର୍ଡିଂ ସରିବା ପରେ ଅଚାନକ ଷ୍ଟୁଡିଓରେ ସର୍ଟ୍ ସର୍କିଟ୍ ହୋଇଯାଇଥିଲା । ଫଳରେ ଗୀତ ରେକର୍ଡିଂକୁ ଅଧାରେ ରଖାଯାଇଥିଲା । ଏହାଦ୍ୱାରା କେକେଙ୍କୁ ସାମାନ୍ୟ ବିରତି ମିଳିଥିଲା । ସେ ଷ୍ଟୁଡିଓ ବାହାରକୁ ଯାଇ ଗୋଟିଏ କୋଣରେ ବସିଥିବାବେଳେ ତାଙ୍କ ଆଖି ଲାଗି ଯାଇଥିଲା । ସେ ଶୋଇ ପଡ଼ିଥିଲେ । ଏହାପରେ ଭୋର୍ ୪ ଟାରୁ ତାଙ୍କ ନିଦ ଭାଙ୍ଗିଥିଲା । କପେ ଚା' ପିଆଇ ନିର୍ଦ୍ଦେଶକ ତାଙ୍କୁ ଅବଶିଷ୍ଟାଂଶ ଗୀତକୁ ରେକର୍ଡିଂ କରିବା ପାଇଁ କହିଥିଲେ । ଗୀତର ବଳକା ଅଂଶ ହାଇପିଚ୍‌ରେ ଥିଲା । ତେବେ ଏକାଥରକେ ହାଇପିଚ୍ ଗୀତ ଗାଇବା କଷ୍ଟକର ଥିଲା । ତେଣୁ ସେ ଚା' କପ୍ ଧରି ସିଧା ଛାତ ଉପରକୁ ଯାଇଥିଲେ । ଭୋର୍ ଚାରିଟା ବେଳେ ଶାନ୍ତ ପରିବେଶ, ଖୋଲା ଆକାଶ, ସମୁଦ୍ର ଏବଂ ସତେଜ ପବନକୁ ଅନୁଭବ କରିଥିଲେ । ଏହାପରେ ତଳକୁ ଆସି ଘରକୁ ଯାଉଥିବା ସଙ୍ଗୀତ ନିର୍ଦ୍ଦେଶକ ଷ୍ମାଇଲ୍ ଦରବାରଙ୍କୁ ଆଉ ଗୋଟେ ଟେକ୍ ନେବା ପାଇଁ କହିଥିଲେ । ହେଲେ ସେ ତାଙ୍କୁ ମନା କରିଥିଲେ । ପରବର୍ତ୍ତୀ ସମୟରେ ସେ କେକେଙ୍କ ଜିଦ୍ ପାଇଁ ହଁ କହିଥିଲେ । ରାତି ଚାରିଟାରେ ସେ ହାଇପିଚ୍‌ରେ 'ଅଗର ମିଲେ ଖୁଦା ତୋ, ଜିସ୍ମ ମୁଝେ ଦେ କେ ମିଟି କା ଶିଶେ କା ଦିଲ୍ କ୍ୟୁଁ ବନାୟା...' ଗାଇଥିଲେ । ଗୀତରେ ଏହି ଅଂଶଟି ଆସିଲେ ଶୁଣୁଥିବା ଲୋକଙ୍କ ଆଖିରେ ଲୁହ ଆସିଯାଏ । ଏଥିରେ ସଲମାନ୍ ଭଙ୍ଗା ହୃଦୟର ଯେଉଁ ଅଭିନୟ କରିଥିଲେ ତାହା ସବୁଦିନ ପାଇଁ ଦର୍ଶକଙ୍କ ମନରେ ରହିଗଲା । ■

## ତତେ ଲାଗିଲା ମୋ ଶଙ୍ଖା ସିନ୍ଦୂର

**ଟେଲିଭିଜନ ପ୍ରିମିୟର**

ସାବିତ୍ରୀ ଉପଲକ୍ଷେ ଆଜି ସନ୍ଧ୍ୟା ୬ଟା ୩୦ରେ ତରଙ୍ଗରେ ଟେଲିଭିଜନ ପ୍ରିମିୟର ହେବ 'ତତେ ଲାଗିଲା ମୋ ଶଙ୍ଖା ସିନ୍ଦୂର' । ସିନେମାର ମୁଖ୍ୟ ଚରିତ୍ରରେ ନିକିତା ଓ ତୁଷାର ଅଭିନୟ କରିଛନ୍ତି । ଏ ଦୁହିଁଙ୍କ ବ୍ୟତୀତ ସିମରନ, ଅର୍ପଣ, ଶୁଭ୍ରାଂଶୁ, ବେବି, ହିମାଂଶୁ, ଭକ୍ତି, ଚନ୍ଦନ, ଅଭିଷେକ, ସନ୍ତୋଷ, ମାମାଲି ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ସିନେମାର ନିର୍ଦ୍ଦେଶନା, କାହାଣୀ, ଚିତ୍ରନାଟ୍ୟ ଓ ସଂଳାପରେ ଅଛନ୍ତି ସଞ୍ଜୟ ନାୟକ । ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ସିନେମାର ଗୀତ ରଚନା କରିଛନ୍ତି ପ୍ରକାଶ ଚନ୍ଦ୍ର ଜେନା ଏବଂ ସଂଗୀତରେ ସଜାଇଛନ୍ତି ବିନାୟକ ପଣ୍ଡା । ସିନେମାଟି ଏକ ପାରିବାରିକ କାହାଣୀ ଉପରେ ଆଧାରିତ । ମୁଖ୍ୟତଃ ସ୍ୱାମୀ-ସ୍ତ୍ରୀଙ୍କର ଏକ ସୁନ୍ଦର ସମ୍ପର୍କ ଏଥିରେ ଦେଖିବାକୁ ମିଳିବ । ତେଣୁ ଏହାକୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶା କରାଯାଉଛି । ■



## 'ଦେବିକା' ଚରିତ୍ରରେ ସୂର୍ଯ୍ୟମୟୀ

ଖୁବ୍‌ଶୀଘ୍ର ଆସିବାକୁ ଯାଉଛି '୨୯ ଟୁ ନାଇନ୍ ଫିଲ୍ମ' ଏବଂ 'କ୍ୟାମେରା କ୍ୱିନ୍ ପ୍ରଡକ୍‌ସନ୍' ବ୍ୟାନର୍‌ରେ ନିର୍ମିତ ନୂଆ ଓଡ଼ିଆ ସିନେମା 'ରାବଣ' । ଷ୍ଟାର୍‌କାଷ୍ଟଙ୍କ ପ୍ରଥମ ଲୁକ୍ ମଧ୍ୟ ସାମ୍ନାକୁ ଆସିଛି । ଏହି ସିନେମାର ମୁଖ୍ୟ ଚରିତ୍ରରେ ଅନୁଭବ ମହାନ୍ତି ନଜର ଆସିବେ । ତେବେ ସିନେମାରେ ସୂର୍ଯ୍ୟମୟୀଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଏଥିରେ ସେ ଦେବୀକା ଭୂମିକାରେ ଅଭିନୟ କରୁଛନ୍ତି । ସୂର୍ଯ୍ୟମୟୀଙ୍କ ପୋଷ୍ଟର ସାମ୍ନାକୁ ଆସିବା ପରେ ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଛନ୍ତି । ପୋଷ୍ଟରରେ ସେ ଯୋଦ୍ଧା ଭଳି ନଜର ଆସିଛନ୍ତି । ପୋଷ୍ଟରରୁ ସୂର୍ଯ୍ୟମୟୀଙ୍କ ଚରିତ୍ରଟି ଦମ୍‌ଦାର ହୋଇଥିବା ଅନୁମାନ କରାଯାଉଛି । ସେହିପରି ଅନ୍ୟ ସିନେମା ଭଳି ଏହି ସିନେମାରେ ବି ତାଙ୍କୁ ଦର୍ଶକୀୟ ଆଦୃତି ମିଳିବା ଆଶା କରାଯାଉଛି । ଫିଲ୍ମର ନିର୍ଦ୍ଦେଶନାରେ ବୀରେନ ଜ୍ୟୋତି ମହାନ୍ତି ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ଜାଗୃତି ଏବଂ ହିମାଦ୍ରି । ସେହିପରି ଏହି ସିନେମାର କାହାଣୀ ଜାଗୃତି ଲେଖିଛନ୍ତି । ■



## 'ଶିକାର'ର ଟିଜର୍ ରିଲିଜ

ଆସନ୍ତା ରଜରେ ହେବାକୁ ଯାଉଛି ଅମ୍ଲାନଙ୍କର ଦମଦାର୍ କମ୍ ବ୍ୟାକ୍ । ନିକଟରେ ରିଲିଜ ହୋଇଛି ନୂଆ ଓଡ଼ିଆ ସିନେମା 'ଶିକାର'ର ଟିଜର୍ । ଦମ୍‌ଦାର୍ କାଷ୍ଟିଂ, ଓଜନଦାର ସଂଳାପ ସାଙ୍ଗକୁ ପ୍ରଭାବଶାଳୀ ପ୍ରଚ୍ଛଦ ସଙ୍ଗୀତକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି । ବୈଦ୍ୟନାଥ ଦାଶ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କାହାଣୀ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ସଚ୍ଚିକାନ୍ତ ଜେନା ପ୍ରଯୋଜିତ ଓ ମୃତ୍ୟୁଞ୍ଜୟ ସାହୁ ନିର୍ଦ୍ଦେଶିତ 'ଶିକାର' ଆସନ୍ତା ଜୁନ୍ ୧୨ ତାରିଖରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା 'ମୁନ୍ ଟିଭି' ତରଫରୁ ପ୍ରକାଶ । ■




## 'ନଅ ବାୟା'ର ଶୁଭ ମହୁରତ

ନିକଟରେ ଭୁବନେଶ୍ୱର ସିଆର୍‌ପିଏଫ୍ ଛକସ୍ଥିତ ଶ୍ରୀ ଶ୍ରୀ ସଙ୍କଟ ମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଚଳଚ୍ଚିତ୍ର 'ନଅ ବାୟା'ର ଶୁଭ ମହୁରତ ଅନୁଷ୍ଠିତ ହେଇଯାଇଛି । ଡିଏମ୍ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏହି ଫିଲ୍ମଟିର ପ୍ରଯୋଜକ ହେଉଛନ୍ତି ଦେବାଶିଷ ମହାନ୍ତି । 'ନଅ ବାୟା'ର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଓ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ନାୟକ ଭୂମିକାରେ ଅମନ୍ ଅଭିନୟ କରୁଥିବା ବେଳେ ନାୟିକା ଚରିତ୍ରରେ ମନିଷା ଓ ଦେବସ୍ମିତା ଅଭିନୟ କରୁଛନ୍ତି । ଅନ୍ୟାନ୍ୟ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ (ଟିଲୁ ଭାଇ), ଦେବୁ ବ୍ରହ୍ମା, କୁନାଲ, ସୁମନ, ପ୍ରଶାନ୍ତ, ସୋମୁ, ଭକ୍ତି, ଗୋପାଳ, ମିଟୁ, ପ୍ରୀତିରଞ୍ଜନ, ସ୍ମୃତି (ନଟିଆ), ଦେବବ୍ରତ, ଡାଙ୍ଗ, ଲିପ୍‌ସା, ବିଭୁ, ଶଙ୍କର, ମାଙ୍କେ ଅଭିନୟ କରୁଛନ୍ତି । ନିର୍ଦ୍ଦେଶକ ନିରଞ୍ଜନ ବେହେରାଙ୍କ ପୂର୍ବ ସିନେମା ଭଳି ଏହା ମୌଳିକ କାହାଣୀ ଉପରେ ଆଧାରିତ । ଏହି ଫିଲ୍ମରେ କମେଡି, ଡ୍ରାମା, ଇମୋସନ୍ ଭରି ରହିଛି । ଏହି ସିନେମାରେ ସମାଜ ପାଇଁ ଏକ ବାର୍ତ୍ତା ରହିଛି । ଏହି ଚଳଚ୍ଚିତ୍ରର ଟାଇଟଲ୍ ଗୀତକୁ କଣ୍ଠଶିଳ୍ପୀ ବିଷ୍ଣୁ, ସତ୍ୟଜିତ୍, ତାରିକ୍, ସଂଗ୍ରାମ, ବୈଭବ, ଚିରାଗ, ଏସ୍. ଜିତୁ, ଜେମ୍ସ ଓ ଅନ୍ତରା ଚକ୍ରବର୍ତ୍ତୀ ଗାଇଛନ୍ତି । 'ନଅ ବାୟା'କୁ ସଙ୍ଗୀତରେ ସଜେଇଛନ୍ତି ବିଷ୍ଣୁ ମୋହନ କବି । କାହାଣୀ ଅନୁଯାୟୀ ଏହି ଚଳଚ୍ଚିତ୍ରରେ ୯ ଜଣ ବାୟା ଅଭିନୟ କରୁଛନ୍ତି । ଶିକ୍ଷକ, ନେତା, ଗାୟକ, ପ୍ରେମିକ, ଚୋର, କାଳେସୀ, ଯାତ୍ରା କଳାକାର ଓ ମଦୁଆ । ହେଲେ ୯ ନମ୍ବର ବାୟାଟି କିଏ ତାହା ଏକ ପ୍ରଶ୍ନବାଚୀ । ଏମାନେ ସବୁ ପରିସ୍ଥିତିରେ ପଡ଼ି ପାଗଳ ହେଇଯାଇଛନ୍ତି । ଏହି ୯ ଜଣ ବାୟା ଡକ୍ଟର ଅଭିଲିପ୍ସା ଦାସଙ୍କୁ ଭଲ ପାଉଛନ୍ତି ସତ, ହେଲେ ତାଙ୍କୁ ବିବାହ କିଏ କରୁଛନ୍ତି, ଏ ସମସ୍ତ ପ୍ରଶ୍ନର ଉତ୍ତର ଦେବ 'ନଅ ବାୟା' । ଏହି ଚଳଚ୍ଚିତ୍ରର ଡ୍ରାମା ସିନ୍ ଓଡ଼ିଶା ଭିତରେ ଏବଂ ଗୀତ ବାହାର ଲୋକେସନ୍‌ରେ ସୁଟିଂ ହେବ ବୋଲି ପ୍ରଯୋଜକ ଦେବାଶିଷ ମହାନ୍ତି କହିଛନ୍ତି । ■



## ମୌନିଙ୍କ ବିବାହ ବିଚ୍ଛେଦ

ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ ମୌନି ରୟଙ୍କ ବିବାହ ବିଚ୍ଛେଦ ଘଟିଛି । ମୌନି ଏବଂ ସୁରଜ ନାମ୍ବିଆ ଅଲଗା ହେବେ ବୋଲି ଦୀର୍ଘ ଦିନ ହେବ ଚର୍ଚ୍ଚା ହେଉଥିଲା । ଏବେ ଦୁହେଁ ଦୀର୍ଘ ୪ ବର୍ଷ ପରେ ପରସ୍ପରଠାରୁ ଅଲଗା ହେବା କଥା ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି । ଦୁହେଁ ପାରସ୍ପରିକ ବୁଝାମଣା ଓ ସମ୍ମାନର ସହିତ ଆଗକୁ ବଢ଼ିବା ନିଷ୍ପତ୍ତି ନେଇଥିବା କହିଛନ୍ତି । ସହମତିରେ ଦୁହେଁ ପରସ୍ପରଠାରୁ ନିଜ ନିଜ ରାସ୍ତା ଅଲଗା କରି ନେଇଛନ୍ତି । ସେମାନଙ୍କ ସମ୍ପର୍କ ୨୦୧୮ ମସିହାରୁ ଆରମ୍ଭ ହୋଇଥିଲା । ପ୍ରଥମ ଥର ପାଇଁ ଦୁହିଁଙ୍କ ଭେଟ ଦୁବାଇରେ ହୋଇଥିଲା । ପ୍ରାୟ ଚାରି ବର୍ଷ ପର୍ଯ୍ୟନ୍ତ ଦୁହେଁ ପରସ୍ପରକୁ ଡେଟ୍ କରିଥିଲେ । ତେବେ ୨୦୨୨ ମସିହା ଜାନୁଆରୀ ୨୭ରେ ଗୋଆରେ ବିବାହ ବନ୍ଧନରେ ସୁରଜ ଓ ମୌନି ଆବଦ୍ଧ ହେଲେ । ଅନ୍ୟପଟେ ଦୁହିଁଙ୍କ ବିବାହ ବିଚ୍ଛେଦ ଘଟିଥିଲେ ବି ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱ ଓ ଯୋଗାଯୋଗ ରହିବ । ■



## ଆଲେନ-ରଘୁବଂଶୀ-ଗ୍ରୀନ୍‌ଙ୍କ ଆଗରେ ଗିଲ-ବଟ୍‌ଲର-ସୁଦର୍ଶନ ବିଫଳ

# ପ୍ଲେ ଅଫ୍ ଦୌଡ଼ରେ ଝୁଲି ରହିଲା କୋଲକାତା

କୋଲକାତା,୧୬।୫(ଏଜେନ୍ସି):

ଫିନ୍ ଆଲେନ୍ (୩୫ବଲ୍‌ରେ ୯୩ରନ୍), ଅଙ୍ଗକ୍ରିସ୍ ରଘୁବଂଶୀ (୪୪ବଲ୍‌ରେ ଅପରାଜିତ ୮୨ରନ୍) ଓ କାମେରନ୍ ଗ୍ରୀନ୍ (୨୮ବଲ୍‌ରେ ଅପରାଜିତ ୫୨ରନ୍)ଙ୍କ ବିସ୍ଫୋରକ ବ୍ୟାଟିଂ ଆଗରେ ହାର୍ ମାନିଛି ଗୁଜରାଟ ଟାଇଟାନ୍ସ। ଏମାନଙ୍କ ବିସ୍ଫୋରକ ବ୍ୟାଟିଂ ଓ ବୋଲରଙ୍କ ନିୟନ୍ତ୍ରିତ ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଆଇପିଏଲ୍‌ର ୬୦ତମ ଲିଗ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୨୯ରନ୍‌ରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହା ଫଳରେ ୧୨ଟି ମ୍ୟାଚ୍‌ରୁ ୫ମ ବିଜୟ ସହ ୧୧ ପଏଣ୍ଟ ପାଇ କୋଲକାତା ପ୍ଲେ ଅଫ୍ ଦୌଡ଼ରେ ତିଷ୍ଠି ରହିଛି। ଅନ୍ୟପକ୍ଷରେ ୧୩ଟି ମ୍ୟାଚ୍‌ରୁ ୧୬ପଏଣ୍ଟ ପାଇ ଗୁଜରାଟ ପୂର୍ବପରି ପ୍ଲେଅଫ୍ ଖେଳିବା ଆଶାରେ ତିଷ୍ଠି ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍ ରାଇଡର୍ସ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ ହରାଇ ୨୪୭ରନ୍ କରିଥିଲା। ଜବାବରେ ଶୁବମନ ଗିଲ୍ ୪୯ବଲ୍‌ରୁ ୮୫ ରନ୍ (୫ଚୌକା, ୬ଛକା), ଜୋସ୍ ବଟ୍ଲର (୩୫ବଲ୍‌ରେ ୫ଚୌକା ଓ ୨ଛକା ସହ ୫୭ରନ୍) ରିଟାୟର୍ଡ ହର୍ଟ ପରେ ବ୍ୟାଟିଂ କରିବାକୁ ଆସି ସାଇ ସୁଦର୍ଶନ (୨୮ବଲ୍‌ରେ ଅପରାଜିତ ୫୩ ରନ୍)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଗୁଜରାଟ ସମାନ ୨୦ ଓଭରରେ ୪ ୱିକେଟ ହରାଇ ୨୧୮ ରନ୍ କରିପାରିଥିଲା। କୋଲକାତା ପକ୍ଷରୁ ସୁନୀଲ ନାରିନ୍ ୨ଟି ୱିକେଟ ହାସଲ କରିଥିଲେ।

**୩ ଖେଳାଳିଙ୍କ ବିସ୍ଫୋରକ ବ୍ୟାଟିଂ:** ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ପରେ କୋଲକାତା ନାଇଟ ରାଇଡର୍ସ ୪୪ ରନ୍‌ରେ ଆଜିଙ୍କ୍ୟ ରାହାଣେଙ୍କ ୱିକେଟ ହରାଇଥିଲା। ଏହା ପରେ ଓପନର ଫିନ୍ ଆଲେନ୍ ଓ ଯୁବ ଖେଳାଳି ଅଙ୍ଗକ୍ରିସ୍ ରଘୁବଂଶୀଙ୍କ ଦ୍ୱିତୀୟ ୱିକେଟ ଯୋଡ଼ିରେ ମାତ୍ର ୪୧ବଲ୍‌ରୁ ମିଳିଥିଲା ୯୫ ରନ୍। ଏହା ମଧ୍ୟରୁ କେବଳ ଆଲେନ୍‌ଙ୍କ ଭାଗୀଦାରିଥିଲା ୨୨ବଲ୍‌ରେ ୬୩ରନ୍। ଗୁଜରାଟ ରବି ସାଇ କିଶୋରଙ୍କୁ ବୋଲିଂ ଦେବା ପରେ ବ୍ରେକ୍ ଥ୍ରୁ ଦେଇଥିଲେ। ସାଇ କିଶୋରଙ୍କୁ ଏକ ବଡ଼ ସଟ୍ ମାରିବାକୁ ଯାଇ ଆଲେନ ରସିଦ୍ ଖାନଙ୍କ ହାତରେ ଧରାପଡ଼ିଥିଲେ। ସେ ୨୧ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲାବେଳେ ୩୫ ବଲ୍‌ର ସାମ୍ନା କରି ୪ଚୌକା ଓ ୧୦ ଛକା ସହାୟତାରେ ସର୍ବାଧିକ ୯୩ରନ୍ କରିଆଉଟ ହୋଇଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ସେ ଦ୍ୱିତୀୟଥର ଗୋଟିଏ ଇନିଂସରେ ୧୦ଟି ଛକା ମାରିଥିଲେ। ତାଙ୍କ ଆଉଟ ପରେ ରଘୁବଂଶୀ ଓ କାମେରନ୍ ଗ୍ରୀନ୍ ମଧ୍ୟ ଦ୍ରୁତ ରନ୍ ସଂଗ୍ରହ ହାର ବଜାୟ ରଖି ଅବିଭକ୍ତ ତୃତୀୟ ୱିକେଟ ଭାଗୀଦାରିରେ ୫୨ବଲ୍‌ରୁ ୧୦୮ ରନ୍ ଉଠାଇ ଦଳକୁ ଏକ ବିଶାଳ ସ୍କୋର ଦେଇଥିଲେ। ରଘୁବଂଶୀ ୪୪ବଲ୍‌ରୁ ୪ଚୌକା ଓ ୭ଛକା ସହ ୮୨ ଏବଂ ଗ୍ରୀନ୍ ୨୮ବଲ୍‌ରୁ ୩ଚୌକା ଓ ୪ଛକା ସହ ୫୨ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ମହମ୍ମଦ୍ ସିରାଜ, ରବି ସାଇ କିଶୋର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।



### ଆଜିର ଆଇପିଏଲ୍ ମ୍ୟାଚ୍

| ପଞ୍ଜାବ ବନାମ ବେଙ୍ଗାଲୁରୁ | ଦିଲ୍ଲୀ ବନାମ ରାଜସ୍ଥାନ |
|---|---|
| ଭେନ୍ୟୁ-ଧର୍ମଶାଳା | ଭେନ୍ୟୁ-ଦିଲ୍ଲୀ |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ଆର୍‌ସିବି | ୧୨ | ୮ | ୪ | ୦ | ୧୬ | +୧.୦୫୩ |
| ଗୁଜରାଟ | ୧୩ | ୮ | ୫ | ୦ | ୧୬ | +୦.୪୦୦ |
| ହାଇଦରାବାଦ | ୧୨ | ୭ | ୫ | ୦ | ୧୪ | +୦.୩୩୧ |
| ପଞ୍ଜାବ | ୧୨ | ୬ | ୫ | ୧ | ୧୩ | +୦.୩୫୫ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| ଚେନ୍ନଇ | ୧୨ | ୬ | ୬ | ୦ | ୧୨ | +୦.୦୨୭ |
| କୋଲକାତା | ୧୨ | ୫ | ୬ | ୧ | ୧୧ | -୦.୦୩୮ |
| ଦିଲ୍ଲୀ | ୧୨ | ୫ | ୭ | ୦ | ୧୦ | -୦.୯୯୩ |
| ମୁମ୍ବଇ (ଏ) | ୧୨ | ୪ | ୮ | ୦ | ୮ | -୦.୫୦୪ |
| ଲକ୍ଷ୍ନୌ (ଏ) | ୧୨ | ୪ | ୮ | ୦ | ୮ | -୦.୭୦୧ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

■ ଜାତୀୟ ସ୍କ୍ୱାଶ୍ ଚାମ୍ପିଅନସିପ୍

## ଜ୍ୟୋସ୍ନା ଓ ଭେଲାଭାନ୍‌ଙ୍କୁ ଡବଲ ଟାଇଟଲ

ଚେନ୍ନଇ,୧୬।୫(ଏଜେନ୍ସି): ଜ୍ୟୋସ୍ନା ଚିନ୍ନାପ୍ପା ଓ ଭେଲାଭାନ ସେନ୍ଥିଲକୁମାର ଏଠାରେ ଅନୁଷ୍ଠିତ ତୃତୀୟ ଡବଲ ସ୍କ୍ୱାଶ୍ ଚାମ୍ପିଅନସିପ୍‌ରେ ଡବଲ ଟାଇଟଲ ବିଜୟୀ ହୋଇଛନ୍ତି। ଉଭୟ ଖେଳାଳି ଯଥାକ୍ରମେ ମହିଳା ଓ ପୁରୁଷ ଡବଲ୍ସ ଟାଇଟଲ ଜିତିବା ପରେ ଯୋଡି ହୋଇ ମିକ୍ସଡ ଡବଲ ଟାଇଟଲ କବ୍‌ଜା କରିଥିଲେ। ଏହା ଫଳରେ ସେମାନେ ଏହି ଟୁର୍ଣ୍ଣାମେଣ୍ଟରୁ ଡବଲ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଏହି ଚାମ୍ପିଅନସିପ୍‌ରେ ପ୍ରଥମେ ମହିଳା ଡବଲ୍ସର ଫାଇନାଲ ଇଭେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ଜ୍ୟୋସ୍ନା ଚିନ୍ନାପା ଓ ରାଥିକା ସିଲାନଙ୍କ ଯୋଡି ୧୧-୮, ୧୧-୪ରେ ଜାନେତ ବିଧି ଓ ପୂଜା ଆରତୀଙ୍କ ଯୋଡିଙ୍କୁ ହରାଇ ଟାଇଟଲ ଜିତିଥିଲେ। ଏହା ପରେ ଆୟୋଜିତ ହୋଇଥିବା ପୁରୁଷ ଡବଲ୍ସର ଫାଇନାଲ ଇଭେଣ୍ଟ। ଏଥିରେ ଭେଲାଭାନ ସେନ୍ଥିଲକୁମାର ଓ ଅଭୟ ସିଂଙ୍କ ଯୋଡି ୧୧-୮, ୧୧-୫ରେ ରାହୁଲ ବୈଠା ଓ ସୁରଜ କୁମାର ଚାନ୍ଦଙ୍କ ଯୋଡିକୁ ହରାଇ ଟାଇଟଲ ଜିତିନେଇଥିଲେ। ଏହା ପରେ ଅନୁଷ୍ଠିତ ମିକ୍ସଡ ଡବଲ୍ସ ଫାଇନାଲ ଇଭେଣ୍ଟରେ ଜ୍ୟୋସ୍ନା ଓ ଭେଲାଭାନ୍ ଯୋଡି ହୋଇ ଖେଳିଥିଲେ। ଏମାନେ ଫାଇନାଲରେ ରାଥିକା ସିଲାନ ଓ ଅଭୟ ସିଂଙ୍କ ଯୋଡିକୁ ୧୧-୭, ୧୧-୯ରେ ହରାଇ ଡବଲ ଟାଇଟଲ ଜିତିବାରେ ସମର୍ଥ ହୋଇଥିଲେ।




## ବାଂଲାଦେଶକୁ ବିପଦରୁ ରକ୍ଷାକଲା ଲିଟନ୍‌ଙ୍କ ଶତକ

ସିଲହଟ,୧୬।୫(ଏଜେନ୍ସି): ୱିକେଟରକ୍ଷକ ଲିଟନ ଦାସଙ୍କ ଉପଯୋଗୀ ଶତକ ବଳରେ ଏଠାରେ ପାକିସ୍ତାନ ସହ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶ ବିପଦ ଏଡ଼ାଇବାରେ ସମର୍ଥ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଏକଦା ୧୧୬ ରନ୍‌ରେ ୬ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଲିଟନ ଏକାକୀ ପାକିସ୍ତାନୀ ବୋଲରଙ୍କ ମୁକାବିଲା କରି ୧୨୬ ରନ୍ କରିଥିଲେ। ଟେଷ୍ଟ କ୍ରିକେଟରେ ଏହା ତାଙ୍କର ୬ଷ୍ଠ ଶତକ ଓ ଏହି ଶତକ ବଳରେ ବାଂଲାଦେଶ ପ୍ରଥମ ଇନିଂସରେ ୨୭୮ ରନ୍‌ର ସମ୍ମାନଜନକ ସ୍କୋର କରିଥିଲା। ସ୍ପିନର ତାଇଜୁଲ ଇସ୍‌ଲାମ ୧୬ ଓ ଫାଷ୍ଟ ବୋଲର ଶୋରିଫୁଲ ଇସ୍‌ଲାମ ୧୨ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ପାକିସ୍ତାନ ପକ୍ଷରୁ ଖୁରମ ଶାହଜାଦ୍ ସର୍ବାଧିକ ୪ଟି, ମହମ୍ମଦ୍ ଆବାସ ୩ଟି ଓ ହାସନ ଅଲି ୨ଟି ୱିକେଟ ପାଇଥିଲେ। ଦୁଇଦେଶ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍‌ର ପ୍ରଥମ ମୁକାବିଲାରେ ପାକିସ୍ତାନ ପରାଜିତ ହୋଇଥିଲା। ଏହି ଟେଷ୍ଟ ଖେଳିଥିବା ସାହିନ ଶାହ ଆଫ୍ରିଦୀ, ଇମାମ-ଉଲ-ହକ୍ ଓ ନୋମାନ ଅଲିଙ୍କୁ ଦ୍ୱିତୀୟ ଟେଷ୍ଟରେ ଖେଳିବାକୁ ସୁଯୋଗ ମିଳି ନ ଥିଲା। ସେମାନଙ୍କ ସ୍ଥାନରେ ଖୁରମ ଶାହଜାଦ୍, ବାବର ଆଜମ ଓ ସାଜିଦ୍ ଖାନ୍ ଖେଳୁଛନ୍ତି। ଆହତ ହାସନ ଅଲି ଏହି ଟେଷ୍ଟରେ ବୋଲିଂ କରିବା ପରେ ସେ ଫିଟ୍ ଥିବା ପ୍ରମାଣିତ ହୋଇଛି।



■ ୱାର୍ଲ୍ଡ ଚେସ୍ ଟୁର୍

## ପ୍ରଜ୍ଞାନନ୍ଦଙ୍କଠାରୁ ହାରିଲେ ସିନ୍ଦାରୋଭ୍

ବୁକାରେଷ୍ଟ,୧୬।୫(ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତର ରମେଶବାବୁ ପ୍ରଜ୍ଞାନନ୍ଦ ୱାର୍ଲ୍ଡ ଚାମ୍ପିଅନସିପ୍ ଚ୍ୟାଲେଞ୍ଜର ଜାଭୋଖୀର ସିନ୍ଦାରୋଭଙ୍କୁ ପରାସ୍ତ କରିଛନ୍ତି। ୱାର୍ଲ୍ଡ ଚେସ୍ ଟୁର୍ ସୁପର ଚେସ୍ କ୍ଲାସିକ୍ ରୋମାନିଆ ୨୦୨୬ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରେ ସମସ୍ତ ୫ଟିଯାକ ମୁକାବିଲା ହାରଜିତ୍ ବିନା ଫଇସଲାରେ ଶେଷ ହୋଇଥିଲା। କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ସିନ୍ଦାରୋଭଙ୍କୁ ହରାଇ ପ୍ରଜ୍ଞାନନ୍ଦ କ୍ୟାଣ୍ଡିଡେଟ୍ସ ଚେସ୍‌ର ଉଭୟ ରାଉଣ୍ଡରେ ପରାଜିତ ହେବାର ପ୍ରତିଶୋଧ ନେବାରେ ସମର୍ଥ ହୋଇଛନ୍ତି। ଉଜ୍‌ବେକିସ୍ତାନର ଏହି ଗ୍ରାଣ୍ଡମାଷ୍ଟର ବିଶ୍ୱଟାଇଟଲ ଲାଗି ଭାରତର ଗ୍ରାଣ୍ଡମାଷ୍ଟର ଡି ଗୁକେଶଙ୍କ ସହ ଲଢ଼େଇ କରିବେ। ଏହା ପୂର୍ବରୁ ସେ ପ୍ରଥମେ ଗୁକେଶ ଓ ଏବେ ପ୍ରଜ୍ଞାନନ୍ଦଙ୍କଠାରୁ ପରାଜିତ ହୋଇଛନ୍ତି। ପ୍ରଥମ ରାଉଣ୍ଡରେ ପ୍ରଜ୍ଞାନନ୍ଦ ଫ୍ରାନ୍ସର ଗ୍ରାଣ୍ଡମାଷ୍ଟର ଅଲିରେଜା ଫିରୋଉଜାଙ୍କ ସହ ମ୍ୟାଚ୍ ଡ୍ର ରଖିଥିଲେ। କିନ୍ତୁ ସେ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଥିଲେ। ସୁପର ଚେସ୍ କ୍ଲାସିକ୍ ରୋମାନିଆ ୧୦ଜଣ ଖେଳାଳିଙ୍କୁ ନେଇ ରାଉଣ୍ଡ ରବିନ ଲିଗ୍‌ଫର୍ମାଟରେ ଖେଳାଯାଉଛି। ୨୦୨୬ ଚେସ୍ ଗ୍ରାଣ୍ଡଟୁର୍‌ରେ ଏହା ଦ୍ୱିତୀୟ ଇଭେଣ୍ଟ।



## ଇଣ୍ଡିଆନ୍ ଓପନ ପାରାଆଥ୍‌ଲେଟିକ୍ସରେ ଭାଗନେବେ କିସ୍‌ର ଯଦୁନାଥ



ଭୁବନେଶ୍ୱର,୧୬।୫(ସମିସ): କିସ୍ ବା କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସର ଛାତ୍ର ଯଦୁନାଥ ମାଝି କର୍ଣ୍ଣାଟକରେ ମେ ୨୫ରୁ୨୮ ତାରିଖଯାଏ ହେବାକୁ ଥିବା ୮ମ ଇଣ୍ଡିଆନ୍ ଓପନ ପାରା ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ଶ୍ରୀ କାନ୍ତିରାଭା ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ଯଦୁନାଥ ଟି-୧୧ କାଟାଗୋରୀରେ ଭାଗ ନେବେ। ସେ ପୁରୁଷ ୪୦୦, ୧୫୦୦ ଓ ୫,୦୦୦ ମିଟର ଦୌଡ଼ରେ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟରୁ ୨୦୨୬ ଏସିଆନ୍ ପାରା ଗେମ୍ସ ଲାଗି ମଧ୍ୟ ଖେଳାଳି ଚୟନ କରାଯିବ। ଏଥିଲାଗି ଏହି ପ୍ରତିଯୋଗିତାର ଗୁରୁତ୍ୱ ବୃଦ୍ଧି ପାଇଛି। ସବୁଠାରୁ ବଡ଼ କଥା ହେଲା ଏହି ଚାମ୍ପିଅନସିପ୍‌ରେ ଭାଗନେବାକୁ ହେଲେ ରହିବା, ଖାଇବା ଓ ଯାତାୟତ ଲାଗି ୬୦,୦୦୦ ଟଙ୍କା ଦେବାକୁ ହେବ। ଏହି ଅର୍ଥ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦେବା ଫଳରେ ଯଦୁନାଥଙ୍କ ଅଂଶଗ୍ରହଣ ସମ୍ଭବ ହୋଇଛି। ଏଥିଲାଗି ଯଦୁନାଥ ଓ ଅନ୍ୟମାନେ ଅଚ୍ୟୁତ ସାମନ୍ତଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।

## ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଦଳରେ ଓଡ଼ିଶାର ଦୀପ୍ତି

ଭୁବନେଶ୍ୱର, ୧୬।୫ (ସମିସ): ଓଡ଼ିଶା କ୍ରୀଡ଼ା ଜଗତ ପାଇଁ ଏକ ଖୁସି ଖବର। ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଦଳରେ ଓଡ଼ିଶାର ଦୀପ୍ତିରାଣୀ ସାହୁଙ୍କୁ ସୁଯୋଗ ମିଳିଛି। ଶ୍ରୀଲଙ୍କା ମହିଳା ଦୃଷ୍ଟିହୀନ ଦଳ ବିପକ୍ଷ ଆଗାମୀ ଟି-୨୦ ସିରିଜ ଲାଗି ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଥିଲା। କାଜଲ ଧାଓନଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ଦୀପ୍ତି ସ୍ଥାନ ପାଇଛନ୍ତି। ଫଳରେ ଭାରତୀୟ ଦୃଷ୍ଟିହୀନ ମହିଳା ଦଳରେ ସ୍ଥାନ ପାଇବାରେ ସେ ପ୍ରଥମ ଓଡ଼ିଆ ହୋଇଛନ୍ତି। ଏହି ସିରିଜ ଜୁଲାଇ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଶ୍ରୀଲଙ୍କାରେ ଆୟୋଜିତ ହେବ। ଭୁବନେଶ୍ୱର ବରମୁଣ୍ଡା ଫାୟର ଷ୍ଟେସନସ୍ଥିତ ବସ୍ତି ଅଞ୍ଚଳରେ ରହୁଥିବା ଦୀପ୍ତି ଏକ ନିମ୍ନମଧ୍ୟବିତ୍ତ ପରିବାରରୁ ଆସିଛନ୍ତି। ତାଙ୍କ ବାପା ମନୋଜ ସାହୁ ଜଣେ କାର ଚାଳକ। ଯୁକ୍ତ ୩ରେ ଅଧ୍ୟୟନ କରୁଥିବା ଦୀପ୍ତି ଓସ୍କାର ଏକାଡେମୀରୁ ତାଙ୍କ କ୍ରିକେଟ୍ କ୍ୟାରିୟର ଆରମ୍ଭ କରିଥିଲେ।



## ଥାଇଲ୍ୟାଣ୍ଡ ଓପନ୍ ୨୦୨୬ ସାତ୍ତ୍ୱିକ-ଚିରାଗ ଟାଇଟଲ ନିକଟତର

ବ୍ୟାଙ୍କକ୍,୧୬।୫(ଏଜେନ୍ସି): ଭାରତର ଅଭିଜ୍ଞ ବ୍ୟାଡମିଣ୍ଟନ ଯୋଡ଼ି ସାତ୍ତ୍ୱିକ୍ ସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ ସେଟ୍ଟୀ ଚଳିତ ୨୦୨୬ ସିଜନର ସେମାନଙ୍କର ପ୍ରଥମ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ଥାଇଲ୍ୟାଣ୍ଡ ଓପନ୍ ସୁପର ୫୦୦ ଟୁର୍ଣ୍ଣାମେଣ୍ଟର ଏକ ରୋମାଞ୍ଚକ ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ମାଲେସିଆର ଗୋ ସି ଫେଇ ଏବଂ ନୁର ଇଜୁଦ୍ଦିନଙ୍କୁ ପରାସ୍ତ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଶୀର୍ଷ ମାନ୍ୟତା ପ୍ରାପ୍ତ ତଥା ବିଶ୍ୱର ୪ ନମ୍ବର ଯୋଡ଼ି ସାତ୍ତ୍ୱିକ-ଚିରାଗ ପ୍ରଥମ ଗେମ୍ ହାରିବା ପରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍‌କୁ ୧୯-୨୧, ୨୨-୨୦, ୨୧-୧୬ ଗେମ୍‌ରେ ଜିତି ନେଇଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ଟି ପ୍ରାୟ ୧ ଘଣ୍ଟା ୨୨ ମିନିଟ୍ ଧରି ଚାଲିଥିଲା। ଏହି ବିଜୟ ସହ ମାଲେସିଆ ଯୋଡ଼ି ବିରୋଧରେ ଭାରତର ରେକର୍ଡ ୮-୨ ହୋଇଛି। ପିଭି ସିନ୍ଧୁ ଏବଂ ଲକ୍ଷ୍ୟ ସେନ ପୂର୍ବରୁ ବିଦାୟ ନେଇସାରିଥିବାରୁ ଏହି ପୁରୁଷ ଡବଲ୍ସ ଯୋଡ଼ି ଉପରେ ଦେଶର ସମସ୍ତ ଆଶା ରହିଥିଲା। ଏବେ ଏହି ଯୋଡ଼ି ଟାଇଟଲ ଆଶା ଉଜ୍ଜୀବିତ ରଖିଛନ୍ତି। ରବିବାର ହେବାକୁ ଥିବା ଫାଇନାଲ ମୁକାବିଲାରେ ସାତ୍ତ୍ୱିକ ଏବଂ ଚିରାଗଙ୍କ ସାମ୍ନା ଇଣ୍ଡୋନେସିଆର ଲେଓ ରୋଲି କାର୍ଣ୍ଣାଣ୍ଡୋ-ଡାନିଏଲ୍ ମାର୍ଥିନ କିମ୍ବା ଚୀନର ହେ ଜି ଟିଙ୍ଗ୍-ରେନ ସିଆଙ୍ଗ ୟୁ ଯୋଡ଼ିଙ୍କ ମଧ୍ୟରୁ ବିଜେତାଙ୍କ ସହ ହେବ।



## ଇଟାଲିଆନ୍ ଓପନ୍ ଫାଇନାଲରେ କାସ୍ପର ରୁଡ୍

ରୋମ୍,୧୬।୫(ଏଜେନ୍ସି): ନରୱେର ଟେନିସ୍ ତାରକା କାସ୍ପର ରୁଡ୍ ଏଠାରେ ଚାଲିଥିବା ଇଟାଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ସେ ସ୍ଥାନୀୟ ପ୍ରତିଦ୍ୱନ୍ଦ୍ୱୀ ଲୁସିଆନୋ ଦାର୍ଦେରୀଙ୍କୁ ୬-୧, ୬-୧ ସିଧାସଳଖ ସେଟ୍‌ରେ ସହଜରେ ପରାଜିତ କରିଛନ୍ତି। ଗତ ବର୍ଷ ଅକ୍ଟୋବରରେ ଷ୍ଟକହୋମ୍ ଓପନ୍ ଜିତିବା ପରେ ରୁଡ୍‌ଙ୍କର ଏହା ହେଉଛି ପ୍ରଥମ ବଡ଼ ଫାଇନାଲ୍ ପ୍ରବେଶ ଓ ଟାଇଟଲ ହାସଲ ସୁଯୋଗ। କ୍ଲେ-କୋର୍ଟରେ ନିଜର ଆଧିପତ୍ୟ ପ୍ରମାଣିତ କରି ରୁଡ୍ ୨୦୨୦ ମସିହା ପରଠାରୁ ଚଳିତ ସିଜନ ସୁଦ୍ଧା ଏହି ପୃଷ୍ଠଭୂମିରେ ନିଜର ୧୪୦ତମ ମ୍ୟାଚ୍ ଜିତିଛନ୍ତି, ଯାହା ଯେକୌଣସି ଏଟିପି ଖେଳାଳିଙ୍କ ତୁଳନାରେ ସର୍ବାଧିକ। ରୁଡ୍ ଫାଇନାଲରେ ଜାନିକ୍ ସିନର୍ ଏବଂ ଡାନିଲ୍ ମେଦଭେଦେଭ୍‌ଙ୍କୁ ମଧ୍ୟରେ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲ୍‌ର ବିଜେତାଙ୍କୁ ଭେଟିବେ। ଯଦି ସିନର୍ ଫାଇନାଲକୁ ଆସନ୍ତି, ତେବେ ରୁଡ୍‌ଙ୍କ ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ହେବ। ଗତବର୍ଷ ରୋମ୍‌ରେ ସିନର୍ ତାଙ୍କୁ ୬-୦, ୬-୧ରେ ପରାସ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ସିନର୍ ଲଗାତାର ୬ଷ୍ଠ ମାଷ୍ଟର୍ସ ୧୦୦୦ ଟାଇଟଲ୍ ଜିତିବା ସହ ଗତ ୫ ଦଶନ୍ଧି ମଧ୍ୟରେ ରୋମ୍ ଟାଇଟଲ୍ ଜିତିବାରେ ପ୍ରଥମ ଇଟାଲୀୟ ଖେଳାଳି ହେବା ଦୌଡ଼ରେ ଅଛନ୍ତି।

■ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## ସୁନ୍ଦରଗଡ଼ ୨୦୭ ରନ୍‌ରେ ବିଜୟୀ


ଶୁଭମ ନାୟକ


ପୂର୍ଣ୍ଣା ଭାସ୍କର


ଆଦିତ୍ୟ ଆନନ୍ଦ


ରାଜ ଏସ୍ ରାଜପୁର

ଭୁବନେଶ୍ୱର, ୧୬।୫ (ସମିସ): ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ସୁନ୍ଦରଗଡ଼ ୨୦୭ ରନ୍‌ରେ ବୌଦ୍ଧକୁ ପରାସ୍ତ କରିଛି। ବିଜୟୀ ଦଳର ଆଦିତ୍ୟ ଆନନ୍ଦ ଅପରାଜିତ ୧୧୮ ଓ ଆୟୁଷ ଦାସ ୯୪ ରନ୍ କରିଥିଲାବେଳେ ନିଲ ମହାନ୍ତି ୫ ୱିକେଟ ପାଇଥିଲେ। ରେଳୱେ ଗ୍ରାଉଣ୍ଡରେ ଭୁବନେଶ୍ୱର-ବି' ୧୦ ୱିକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। ସେହିପରି ନୟାଗଡଠାରୁ ସମ୍ବଲପୁର-ଏ' ୪୪ ରନ୍‌ରେ ଓ ନବରଙ୍ଗପୁର ୧୯୩ ରନ୍‌ର ବିରାଟ ବ୍ୟବଧାନରେ ସମ୍ବଲପୁର-ବି'କୁ ପରାସ୍ତ କରିଛି। ନବରଙ୍ଗପୁରର ଶୁଭମ ନାୟକ ୬ଟି ୱିକେଟ ନେଇଥିଲାବେଳେ ରାଜ ଏସ୍ ରାଜପୁର ୧୦୦ ରନ୍ କରିଥିଲେ। ଅନ୍ୟ ମୁକାବିଲାରେ ପାରାଦୀପ ୭ ୱିକେଟରେ ଗଜପତିକୁ, କନ୍ଧମାଳ ୧୭ ରନ୍‌ରେ କେନ୍ଦ୍ରାପଡ଼ାକୁ, କଟକ-ବି ୫୫ ରନ୍‌ରେ ରାୟଗଡ଼ାକୁ, ଦେବଗଡ଼ ୬ ୱିକେଟରେ କିଟ୍‌କୁ ପରାସ୍ତ କରିଛି। ରେଭେନ୍‌ଶା ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ରାଉରକେଲା ୫୫ ରନ୍‌ରେ ଯାଜପୁରକୁ ହରାଇଛି। ଯାଜପୁରର ଅନିକେତ ଧୀର ୪ ୱିକେଟ ନେବା ସହ ୬୯ ରନ୍ କରିଥିଲେ।

## ଅକ୍ଟୋବର ୨ରୁ କଳିଙ୍ଗ କପ୍ କ୍ରିକେଟ

# ଚାମ୍ପିଅନଙ୍କୁ ୫ ଓ ରନର୍ସଅପ୍‌ଙ୍କୁ ୩ ଲକ୍ଷ ପୁରସ୍କାର



ଭୁବନେଶ୍ୱର,୧୬।୫(ଏଜେନ୍ସି):

ସ୍ଥାନୀୟ ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଆସନ୍ତା ଅକ୍ଟୋବର ୨ ତାରିଖରୁ ପ୍ରତିଷ୍ଠିତ 'କଳିଙ୍ଗ କପ୍ କ୍ରିକେଟ ୨୦୨୬'ର ୫ମ ସଂସ୍କରଣ ଆରମ୍ଭ ହେବ। ଓଲିଉଡର ଜଣାଶୁଣା ଅଭିନେତ୍ରୀ ଭୂମିକା ଦାଶଙ୍କୁ ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତ କରାଯାଇଛି। ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ କମିଟି ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅକ୍ଟୋବର ୨ରୁ ଆରମ୍ଭ ହୋଇ ୭ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେବେ। ଦଳଗୁଡ଼ିକୁ ୪ଟି ଗ୍ରୁପରେ ବିଭକ୍ତ କରାଯିବ। ଚଳିତ ବର୍ଷ ଭୁବନେଶ୍ୱର ଗୋପବନ୍ଧୁ ପଡ଼ିଆ ପରିବର୍ତ୍ତେ ଜଟଣୀସ୍ଥିତ ରେଳବାଇ ଷ୍ଟାଡିୟମରେ ସମସ୍ତ ମ୍ୟାଚ୍ ଖେଳାଯିବାର ବ୍ୟବସ୍ଥା କରାଯାଇଛି। ଦଳଗୁଡ଼ିକଠାରୁ କୌଣସି ଏଣ୍ଟ୍ରି ଫି' ନିଆଯିବ ନାହିଁ। ଟେନିସ୍ ବଲ୍‌ରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଚାମ୍ପିଅନକୁ ୫ ଲକ୍ଷ ଓ ରନର୍ସଅପ୍ ଦଳକୁ ୩ ଲକ୍ଷ ଏବଂ ଶୃଙ୍ଖଳିତ ଦଳକୁ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ପ୍ରତି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ଏକ ଟିଭିଏସ୍ ଗାଡ଼ି ଉପହାର ସ୍ୱରୂପ ଦିଆଯିବ। ସେହିପରି ଶ୍ରେଷ୍ଠ ବ୍ୟାଟରଙ୍କୁ ୧୦ ଓ ଶ୍ରେଷ୍ଠ ବୋଲରଙ୍କୁ ୫ ହଜାର ଟଙ୍କାର ପୁରସ୍କାର ମିଳିବ। ଆୟୋଜକ କମିଟିର ସୂଚନା ଅନୁଯାୟୀ, ଲିଗ୍ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ୧୦ ଓଭର ବିଶିଷ୍ଟ ହେବ। କିନ୍ତୁ ସେମିଫାଇନାଲ ଏବଂ ଫାଇନାଲ ଭଳି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଗୁଡ଼ିକୁ ୧୫ ଓଭର ବିଶିଷ୍ଟ କରାଯିବ।

## ରାଜ୍ୟ ସିନିଅର ସୁଇମିଂ ଚାମ୍ପିଅନସିପ୍ ଉଦ୍‌ଘାଟିତ

# ସୃଷ୍ଟି, ପ୍ରତ୍ୟାଶା ଓ ଦିବ୍ୟାଙ୍କା ପ୍ରଥମ

ଭୁବନେଶ୍ୱର,୧୬।୫(ସମିସ): କଳିଙ୍ଗ ଷ୍ଟାଡିୟମ୍‌ର ଅତ୍ୟାଧୁନିକ ଆକ୍ୱାଟିକ୍ ସେଣ୍ଟର ପରିସରରେ ୬୬ତମ ରାଜ୍ୟ ସୁଇମିଂ ଚାମ୍ପିଅନସିପ୍ ଆଜି କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ ସ୍ୱାଇଁଙ୍କ ଦ୍ୱାରା ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଛି। ରାଜ୍ୟର ୧୪ଟି ଜିଲ୍ଲାରୁ ୯୯ଜଣ ପୁରୁଷ ଓ ୩୭ଜଣ ମହିଳା ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଚାମ୍ପିଅନସିପ୍‌ର ପ୍ରଥମ ଦିନରେ ମହିଳା ୫୦ମିଟର ବଟର ଫ୍ଲାଏ'ରେ ସୃଷ୍ଟି ଉପାଧ୍ୟାୟ, ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ରାୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ର ନବୀନ ଶର୍ମା, ଖୋର୍ଦ୍ଧାର ଅଭିନବ କୁମାର ସିଂ, କଟକର ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ସାଇସ୍ୱରୂପ ସ୍ୱାଇଁ ବିଭିନ୍ନ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଆସନ୍ତା ୧୭ ତାରିଖରେ ଏହି ଚାମ୍ପିଅନସିପ୍ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଥିବା ଓଡ଼ିଶା ସନ୍ତରଣ ସଂଘ ସଭାପତି ପ୍ରଦୀପକୁମାର ପାଢ଼ୀ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ସମାରୋହରେ ସମ୍ପାଦିକା ଗୋଲାପମଣି ମହନ୍ତ, କୋଷାଧ୍ୟକ୍ଷ ବିଜୟକୁମାର ଦୀକ୍ଷିତ ପ୍ରମୁଖ ମଞ୍ଚାସୀନ ଥିଲେ। ୪୦ଜଣ ଟେକ୍ନିକାଲ ଅଫିସିଆଲ ଏହି ଚାମ୍ପିଅନସିପ୍‌କୁ ପରିଚାଳନା କରୁଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS